ISSN 2976-9329

# ସୃଜନ
# SRUJAN
## The Creativity Journal




**2024, Volume 4, Issue 1**

SRUJAN
The Creativity Journal
ISSN 2976-9329

***Editor-in-Chief***
Prof Nilamadhab Kar

***Editorial board***
Prof Sarat Chandra Rath
Prof Nandini Sahu
Dr Suresh Rath
Mr Pravat Ranjan Beura
Mrs Nirupama Kar
Mona Dash
Mr Bijay Biswaal
Dr Chinmayi Nath
Dr Suryasnata Tripathy
Mona Lisa Jena
Dr Dinabandhu Sahoo
Shri Harish Chandra Kar
Shri Satya Pattanaik
Prof Tanmay Panda
Dr Aloke Patnaik
Prof Prasanta Kumar Panda

**Regional Representatives**
Tapan Panda – America
Satyadeep Acharya – Australia
Pritisikta Panda – Europe
Antaryami Upadhyaya – UK

**Distinguished reviewers**
Padarabinda Rath
Naresh Chandra Sahoo

**Creative Support**
Shreyan Kar
GenX studios

**Administrative support**
Gaye Johnson

---

**Publisher:** The Institute of Insight, UK
**Place of publication:** Epsom, London, UK
**Contact:** Srujan, 60 Highfield Drive, Epsom, KT19 0AP, London, UK
**Sponsor:** Quality of Life Research and Development Foundation (QoLReF)
**Submit articles at:** srujan.journal@gmail.com

Copyright of all published material in this journal is held by the authors. Articles are open-access, distributed under the terms [CC BY-NC] which permits unrestricted use, distribution, and reproduction in any medium, provided the original author and source are credited. Please inform any concerns related to copyright or ethical issues to the authors and editors. Permission is required for commercial use of the articles.

2024, Volume 4, Issue 1

# Contents


| | | |
|---|---|---|
| ଫକୀର ମୋହନ ସେନାପତି | ନିଜ ଗାଁ | 1 |
| ବସନ୍ତ  ମାଝି | ଗରଳ ବିନା କି ଶିବ ! | 3 |
| | ମାଆ ମୋର! ତ୍ରିରଙ୍ଗୀ ଜୁହାର | 4 |
| | କବିପ୍ରିୟା | 7 |
| ସୁଶାନ୍ତ ଶେଖର ଦାଶ | ଜୁନୁ ଜୁଆଙ୍ଗ | 9 |
| ଶର୍ମିଷ୍ଠା ମହାପାତ୍ର | ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ଖଲ୍ଲିକୋଟଗଡ଼ର ଭୂମିକା | 14 |
| **Shreyan Kar** | **Landscapes** | 19 |
| ପଥ  ଓ ପଥିକ | ପୀୟୂଷ ପଟ୍ଟନାୟକ | 22 |
| | ଏଇ ଦିନ ଏଇ ରାତି | 24 |
| | ତୁମ ଘର ତୁମଗାଁ : ସୂର୍ଯ୍ୟାସ୍ତ | 25 |
| ପଲ୍ଲୀଶ୍ରୀ ପଟ୍ଟନାୟକ | ପେନୁ | 27 |
| ଅନୀଲ କୁମାର ପାଢ଼ୀ | ଥାଳି | 35 |
| ବୀଣାପାଣି ଦେବତା | ଅପୂର୍ଣ୍ଣତାର ପ୍ରଶ୍ନ | 40 |
| | ପ୍ରଶ୍ନ ଦେବବ୍ରତ | 41 |
| | ପେଜୁଆ ଆଖିର ପ୍ରଶ୍ନ | 42 |
| ସୁରାତ୍ରୀ ପ୍ରଧାନ | ଶୀତ ଆସେ ଥରି ଥରି | 44 |
| | ବିରହ | 45 |
| | ଏଇ ମୋ ମାଟି ମାଆ | 46 |
| **Ranjit K Sahu** | **The sea and me** | 48 |
| ବିଶ୍ୱନାଥ କର | ଫଗୁଣ ଫଗୁଣ | 52 |
| | କେତେ ହଜିଛି କେତେ ମିଳିଛି | 53 |
| | ସ୍ୱପ୍ନ | 54 |
| ମାନସ ରଂଜନ ମହାପାତ୍ର | ଶେଷ ସଙ୍ଗୀତ | 56 |
| | ବିଜ୍ଞାପନ | 57 |
| | ମହାସମୁଦ୍ରର ଇତିକଥା | 57 |
| ହରିଶ୍ଚନ୍ଦ୍ର ବେହେରା | ଖରା ବେଳ | 59 |

| | | |
|---|---|---|
| | କବିତାର ମେହେଫିଲ୍ | 61 |
| | କିଏ ଫୁଲ ନେବ ଆସ ଲୋ ପାଖକୁ | 62 |
| Sumitra Mishra | Where's winter? | 63 |
| | Eloquent silence | 64 |
| | It's difficult | 65 |
| ବିଶ୍ୱଜିତ ମିଶ୍ର | ହାଇକୁ | 66 |
| | ନିଭୃତ ଦ୍ରଷ୍ଟବ୍ୟ | 67 |
| | ପ୍ରତ୍ୟାହାର | 68 |
| ମନୋଜ କୁମାର ମହାପାତ୍ର | ଜିରୋ ନାଇଟ୍ | 70 |
| ନରେଶ ଚନ୍ଦ୍ର ସାହୁ | ହୋଲି | 76 |
| | ଦୁଃଖ | 77 |
| | ମା | 79 |
| Jyotsna Mohanty | Who art thou | 80 |
| | True self | 82 |
| | Not here | 83 |
| Reshma Sultana | An ode to --she | 85 |
| | Eternal love | 85 |
| | Longing for someone | 86 |
| Nilamadhab Kar | Reminiscence | 87 |
| | Be ready to change | 88 |
| | Season of falling leaves | 89 |
| Reviews | | |
| Manoj Kumar Jena | Jharana | 91 |
| Birendra Kar | *Eeshopanishad vishleshan* | 92 |
| Manoj Kumar Mahapatra | Buddha Smiles and Other Stories | 93 |
| | Instruction to authors | |
| Bijay Biswaal | Cover page | |




## Invitation of articles for Srujan: The Creativity Journal

This is an effort to put together a journal with the choicest creative articles in Odia Literature and creativity in other fields of artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

Articles ('poem, short story, art, and other creative forms') are invited for the Srujan: The Creativity Journal. Please send your selected articles only. Submit one article at a time; for poems you can send up to 3 small poems. Do not send essays and critiques.

This is a multi-lingual journal accepting creative articles of translations from and to Odia from different languages; along with article from Odia people writing in other languages.

The journal considers pre-published articles if you have the copyright or the written permission from the original publishers.

Selection of all the submitted articles is done by a peer group, except the invited ones.

Please refer to the 'Instruction to authors' for more information about submission. All the articles should be submitted in Word file, (Unicode font, preferably Kalinga), author's name, address (place and state/country), bio in 100 words, email are essential. Submit to the email below.

The article should be the authors' own creation. Authors will remain responsible for any conflicts about their submission. Editorial board or the publishers will not have any liability.

Submit at: srujan.journal@gmail.com

---

### ସୃଜନ ପାଇଁ ଲେଖା

ଓଡ଼ିଆ ଭାଷା ଓ ସୃଜନ ସମ୍ଭାର ସବୁକୁ ନେଇ ସଂଯୋଜିତ ଏହି ପତ୍ରିକା ବିଶ୍ୱର ପାଠକପାଠିକାମାନଙ୍କ ଉଦ୍ଦେଶ୍ୟରେ ପ୍ରସ୍ତୁତ । ଓଡ଼ିଆ ସାହିତ୍ୟର ଓ କୀର୍ତ୍ତିସବୁର ପ୍ରଚାର ପ୍ରସାର ଏହାର ମୁଖ୍ୟ ଲକ୍ଷ୍ୟ ।

ଏହା ପାଇଁ ଆପଣ 'କବିତା', 'କ୍ଷୁଦ୍ରଗଳ୍ପ', 'ଚିତ୍ରକଳା', 'ଆଲୋକଚିତ୍ର' ଓ ଅନ୍ୟ ସର୍ଜନଶୀଳ ଲେଖା ପଠାଇପାରିବେ । ଆପଣ ନିଜର ସୁନିର୍ବାଚିତ ଲେଖାଗୁଡ଼ିକୁ ହିଁ ପଠାନ୍ତୁ । ଥରକେ ଗୋଟିଏ ଲେଖା ପଠାନ୍ତୁ; ତେବେ କବିତା ପାଇଁ ଥରକେ ତିନୋଟି ପର୍ଯ୍ୟନ୍ତ ଛୋଟ କବିତା ପଠାଇ ପାରିବେ । ନିବନ୍ଧ, ଆଲୋଚନା ଆଦି ପଠାନ୍ତୁ ନାହିଁ ।

ଏହା ବହୁ-ଭାଷିକ ପତ୍ରିକା । ଓଡ଼ିଆ କବି ଓ ଲେଖକ ନିଜର ଇଂରାଜୀ ଲେଖା, ଅନୁବାଦ ଲେଖା (ଓଡ଼ିଆରୁ ଅନ୍ୟଭାଷାକୁ ଓ ଅନ୍ୟ ଭାଷାରୁ ଓଡ଼ିଆକୁ ଅନୁବାଦ ହୋଇଥିବା ଲେଖା) ପଠାଇ ପାରିବେ ।

ପୂର୍ବ ପ୍ରକାଶିତ ଲେଖା ବି ପଠାଇ ପାରିବେ, ଯଦି ସେସବୁର ପୁନଃ ପ୍ରକାଶନ ପାଇଁ ଆପଣଙ୍କ ପାଖରେ କପିରାଇଟ ବା ପୂର୍ବ ପ୍ରକାଶକଙ୍କ ଠାରୁ ଲିଖିତ ଅନୁମତି ଥାଏ ।

ଆମନ୍ତ୍ରିତ ଲେଖାକୁ ଛାଡ଼ିଦେଇ, ପଠାଯାଇଥିବା ଅନ୍ୟସବୁ ଲେଖାଗୁଡ଼ିକର ଚୟନ ଏକ ଲେଖକ-ଲେଖିକା ଓ ପାଠକ ମଣ୍ଡଳୀ ଦ୍ୱାରା କରାଯାଏ ।

ଲେଖା ପଠାଇବା ପାଇଁ 'ଲେଖକୀୟ ନିର୍ଦ୍ଦେଶାବଳୀ' ଦେଖନ୍ତୁ । ଲେଖାସବୁ Word ଫାଇଲରେ ପଠାନ୍ତୁ, (ଓଡ଼ିଆ ଲେଖା ପାଇଁ କଳିଙ୍ଗ ଫଣ୍ଟ, ୟୁନିକୋଡ୍ ଅଧିକ ବାଞ୍ଛନୀୟ), ନିଜର ନାମ, ଠିକଣା (କେବଳ ଗ୍ରାମ/ସହର ଓ ରାଜ୍ୟ/ଦେଶ), ନିଜ ବିଷୟରେ ଶହେ ଶବ୍ଦ, ଇମେଲ୍ ରେ, ପଠାଇବା ନିହାତି ଦରକାର । ଲେଖାସବୁ ନିମ୍ନରେ ଦିଆଯାଇଥିବା ଇମେଲ ଠିକଣାରେ ପଠାନ୍ତୁ ।

ଲେଖାସବୁ ଲେଖକ-ଲେଖିକାଙ୍କ ନିଜସ୍ୱ କୀର୍ତ୍ତି ହୋଇଥିବା ଆବଶ୍ୟକ । ଲେଖା ପ୍ରକାଶନର ନୀତି ନିୟମର କୌଣସି ଉଲ୍ଲଙ୍ଘନ ପାଇଁ ଲେଖକ-ଲେଖିକା ନିଜେ ଦାୟୀ ରହିବେ; ସେଥିରେ ସୃଜନ ସମ୍ପାଦନା ମଣ୍ଡଳୀ ବା ପ୍ରକାଶକଙ୍କର କୌଣସି ଦାୟିତ୍ୱ ରହିବ ନାହିଁ ।

ଲେଖା ପଠାଇବା ପାଇଁ ଇମେଲ୍: srujan.journal@gmail.com

---

**Instruction to authors is given at the end of this issue.**

---

*For further information please contact the* Srujan Editorial Board: srujan.journal@gmail.com
OR srujan@instituteofinsight.org
The Institute of Insight, UK: theinstituteofinsight@gmail.com
Quality of Life Research and Development Foundation (QoLReF), qolref@gmail.com

# ନିଜ ଗାଁ


Srujan ISSN 2976-9329

## ଫକୀର ମୋହନ ସେନାପତି

କେତେ ନଦ କେତେ ନଦୀ ଗିରି ଅରଣ୍ୟାନୀ,
ହାଟ ଗ୍ରାମେ ଗ୍ରାମେ ପରି ପୂର୍ଣ୍ଣ ରାଜଧାନୀ
ସ୍ଥାନେ ସ୍ଥାନେ ଭ୍ରମି ଭ୍ରମି ଦେଖିଲି ଜୀବନେ,
ସେ ଗ୍ରାମ ଚିତ୍ରଟି ମାତ୍ର ଭାସୁଛି ନୟନେ ।
ଯାଏ ଯହିଁ, ଥାଏ ଯହିଁ ପଡ଼େ ସେ ମନରେ,
ବଳେ ମନ ଧାଇଁଯାଇ ଦେଖିଆସେ ଥରେ ।
ସତ କଥା ନାହିଁ ତହିଁ ବିଶେଷ ସମ୍ପତ୍ତି,
ମାତ୍ର ତହିଁ ଅଛି ଚିତ୍ତ-ବିମୋହିନୀ ଶକ୍ତି ।
ଧନହୀନ ଶୋଭାହୀନ ସୌନ୍ଦର୍ଯ୍ୟ ବିହୀନ,
ତଥାପି ସେ ଗ୍ରାମ ମନେପଡ଼େ ପ୍ରତିଦିନ ।
ଗ୍ରାମ ପୋଖରୀରେ ଫୁଟେ ଯେଉଁ କଇଁ ଫୁଲ,
ନ ଦେଖିଲି କାହିଁ ସେହି ଫୁଲ ସମତୁଲ ।
ନିଶି ମୁଖେ ପଲ ପଲ ଉଡ଼ନ୍ତି ବାଦୁଡ଼ି,
ମାଳ ମାଳ ଗେଣ୍ଡାଳିଆ ଯାଉଥାନ୍ତି ଉଡ଼ି ।
ସେ ଚାନ୍ଦିନୀ ନିଶି ପୁଣି ସେ ଶୀତଳ ବାୟୁ,
ଦେଶେ ଦେଶେ ବୁଲି କାହିଁ ନ ଦେଖିଲି ଆଉ ।
ସେ ଗ୍ରାମର ଦାଣ୍ଡେ ଅଛି ଯେଉଁ ଧୂଳି ବାଲି,
ପିଲାଖେଳ ବେଳେ ହେଉଥିଲି ଦେହେ ବୋଳି ।
କରନ୍ତି ପଛକେ ସେହି ଗ୍ରାମ ଲୋକେ କଳି,
ନ ପାଇଲି ସଙ୍ଗସୁଖ ତାହାଠାରୁ ବଳି ।
ମୋ କାନକୁ ଶୁଭେ ତାର ନାମ ସୁମଧୁର,
ସେ କ୍ଷୁଦ୍ର ଗ୍ରାମର ନାମ ମଲ୍ଲୀକାଶପୁର ।
ବିଧି ବଶେ ମୁଁ ବିଦେଶ କରୁଛି ଭ୍ରମଣ,
ଲିଭିବ କି ସେ ଗ୍ରାମରେ ଅନ୍ତିମ ଜୀବନ ।
ଂଂଂ

**[Pearls from the Stars – ଓଡ଼ିଶା ମାଟିର ଉଜ୍ଜ୍ୱଳ ନକ୍ଷତ୍ରଙ୍କ କୃତିର ପୁନଃ ଉପସ୍ଥାପନା]**

ସଂଗ୍ରାହକ: ହରିଶ ଚନ୍ଦ୍ର କର




Fakir Mohan Senapati (13 January 1843 – 14 June 1918), is referred as Byasa Kabi (Odisha's Vyasa). He was a writer, poet, philosopher and social reformer. He is the father of Odia nationalism and modern Odia literature. His famous books include '*Chha maana Atha Guntha'*, *'Mamu'*, *'Prayaschita'*, *'Lachhama'*. He wrote the the first autobiography in Odia, *'Atma Jeebana Charita'*. His short stories are published in the compilation titled *'Galpa Swalpa-1 and 2'*. He has a long poem titled, *'Utkala Bhramanam'*, which was published around 1892. He was a master story teller. His short story *'Rebati'*, written in 1898, is a masterpiece of Odia literature and is recognized as the first Odia short story. His other stories are also quite well known: *Patent Medicine, Daka Munshi*, *Adharma Bitta,* etc.

**Reference:** https://en.wikipedia.org/wiki/Fakir_Mohan_Senapati

# ଗରଳ ବିନା କି ଶିବ !

Srujan ISSN 2976-9329

**ବସନ୍ତ  ମାଝି**

ମାନବ ଜୀବନ କୋହ ମୁଗୁନିରେ କବିତା କୋଣାର୍କ ଗଢ଼ି
କଳାର ତିଳକ ନିଏ ମସ୍ତକରେ ଯେହ୍ନେ ଶୁଷ୍କ ନଈର ବଢ଼ି
ବିବେକ ମରୁନି ଗୁଳି ବାରୁଦରେ ସତ୍ୟ ଲଭେ ଅପଯଶ
ସମର୍ପଣ କରେ ନିର୍ଦ୍ଦୟ ଶୋକର ଟହଟହ ରକ୍ତ ମାଂସ
ଚେତନା ବହିତ୍ର ବାହି
ଜୀବନ ପ୍ଲାବନୀ ଗଙ୍ଗା ଆବାହନୀ ମୁକତିର ସାହାନାଇ ।

ସତ୍ୟ ଓ ଶାନ୍ତିର ଆଳାପନୀ ଗାଇ ଅମୃତ ସନ୍ତାନ ଚାଲେ
ଆତ୍ମସ୍ୱାର୍ଥୀ ଦଳ ଅଶାନ୍ତ ପଥରେ ଅତୀତକୁ ନେଇ ଜଳେ
ସୁଜଳା ସୁଫଳା ଦେଶ ମାଟି ବୁକେ ମନ ମୋର ବୃନ୍ଦାବନ
ସ୍ୱାର୍ଥ ଓ ହିଂସାର ଶକୁନ କହୁଛି ଆମେ କାଳେ ଅଚେତନ
ଭାଇ ବନ୍ଧୁ ପରିଜନ
ବିଭେଦର ମଞ୍ଜି ଦ୍ୱେଷର ଇନ୍ଧନେ ଦଗ୍ଧ ସଂପ୍ରୀତିର ବନ ।

ପ୍ରାଣର ପ୍ରଣାମି କବିତା ପଙ୍କ୍ତିରେ ଘେନ ବନ୍ଧୁ ଅବହେଳେ
ଭାବ ସତ୍ୟାଗ୍ରହୀ, ତତ୍ତ୍ୱ ବାସ୍ତବତା ଆକାଶ ନୀଳିମା ତଳେ
ଆଶାର ପ୍ରତୀକ ଏ ମର୍ତ୍ତ୍ୟ ମଣିଷ ମୁକ୍ତ ଆକାଶର ପକ୍ଷୀ
ପକ୍ଷକୁ ତାହାର ଛେଦନ କରନା ଆଲୋକରେ ଦିଅ ଡାକି
ଆସେ ପର୍ବ ଜାଗୃତିର
ଭୂମିକାର ପଥ ପ୍ରଶସ୍ତ କରାଅ ଆବିଳତା କରି ଦୂର ।

ଈଗଲ ଡେଣାରେ ଲଂଘି ମୁଁ ଭ୍ରମିବି ଲୁହର କରଦ ରାଜ୍ୟେ
ତଥାଗତ ମନେ ଜଞ୍ଜାଳ ଦେଖିବି ଶତ୍ରୁ ମରିବ ଯେ ଲାଜେ
ଅର୍ଥବର ତନ୍ତ୍ର , ବଜ୍ରଯାନ ପନ୍ଥା ଲୋଡ଼େନା ଏଇ ମୋ ଶୋଷ
ନର୍କକୁ ନିଶୁଣି ବାନ୍ଧିବ ଜୀବନ ହୋଇ ପରୀକ୍ଷାର ବାକ୍ସ
ନୁହଁଇ ସରଳ ଗତି
ରକ୍ତର ସମିଧ ପାଇଁ ଯଦି ଚାହଁ ପତାଇ ଦେଉଛି ଛାତି ।

ମୋ ସଂଳାପ ମାଗେ ଜମି, ଭାତ, ଲୁଗା ଜୀବନ ମୁକୁଳ ଆଭା
ମୋ ଶବ୍ଦର ଦାବି ଶିଶୁ ଓଠେ ହସ ନାରୀର ବର୍ଦ୍ଧିତ ଶୋଭା
ଅଧିକାର ସାଥେ ନ୍ୟାୟ ଶତଦଳ ଫୁଟୁ ପଥପ୍ରାନ୍ତ ଧାରେ
ସଂପ୍ରଦାୟର ବିଦ୍ୱେଷୀ ମନ୍ତ୍ରଣା ଈଶ୍ୱରଙ୍କ ବିରୋଧରେ
ଶୋଷଣର ପିଚୁ ପଥେ
ସମତା, ମମତା ମିଳିନାହିଁ ଯେଣୁ ତାର ସ୍ୱାଗତିକା ଲେଖେ ।

ଆହେ ଜନଗଣ ମହୋଦଧି ବୁକେ ଲକ୍ଷ ଲହରୀ ତୁହି
ବିହଙ୍ଗର ଡେଣା , ପ୍ରଭାତୀ କାକଳି, ତତ୍ତ୍ୱ ବୀଣାର ବହି
ହିଂସ୍ର ପଶୁ ବିନା ସବୁଜ ଅରଣ୍ୟ ରହିଛି କି କହ ସାଥୀ
ଏଇ ସ୍ୱାଧୀନତା ଶୋଷଣ ସାହିରେ ମୌନୀ ଝଡ଼ ଅମାରାତି
ଗରଳ ବିନା ଯେ ଶିବ
ସୁନ୍ଦର ଲାଗେନା ଏହି ମହାସତ୍ୟ , ହୃଦୟରେ ରଖିଥିବ ।
ଠଠଠ

# ମାଆ ମୋର! ତ୍ରିରଙ୍ଗୀ ଜୁହାର

Srujan ISSN 2976-9329

**ବସନ୍ତ  ମାଝି**

ଏ ଦେଶର ଜାତୀୟତା ଧୂଳି
ଦେହେ ମୋର ହୁଏ ସଯତ୍ନେ ବୋଳି
କୃଷ୍ଣା, କାବେରୀ, ଗଙ୍ଗା, ମହାନଦୀ ସୁଏ
ମୋ ଜୀବନ ମେଲାଇଛି କଢ଼
ଏ ମାଟିରୁ ପାଇଛି ଉତ୍ତାପ, ସକାଳ ସପନ
ଭୂ-ସ୍ୱର୍ଗରୁ କନ୍ୟାକୁମାରୀ ସଭ୍ୟତାର ମହାଦାନ ।

ଯେ ମାଟି ଶିଖାଇଛି ମୋତେ ମନ୍ତ୍ରେ
ହେବାପାଇଁ ସୃଷ୍ଟିଶୀଳ ରୁଦ୍ର
ଶିଖାଇଛି ଛାତିର କୋହରେ ଦ୍ରବି
ନବ ଅଙ୍ଗୀକାର, ସ୍ରବି ମୁକ୍ତିବୋଧ
ଯେଉଁଠି ମୋ ଜୀବନ ଯୁଦ୍ଧ

ଦୁର୍ନିବାର ଛନ୍ଦେ ହୁଏ ଜନଯୁଦ୍ଧ
ମୁଁ ତା'ର ମାମୁଲି ଏକ ପଦାତିକ
ପଢ଼େ ନିତି ମୁକ୍ତି ବେଦ
ଛାତିରୁ ନିଗାଡ଼ି ଅମପା ରକ୍ତ ଆଉ ସ୍ୱେଦ ।

ଗ୍ଳାନିରେ ବିବଶ ହୁଅନା ଗୋ ମାତା
ସ୍ନେହ, ପ୍ରେମ, ଶ୍ରଦ୍ଧା କପାଳେ ମୋ ଲେଖା
ଅବିଶ୍ୱାସ, ମିଥ୍ୟାର ଦୁର୍ଦ୍ଦମ ଲହରୀ ଲଂଘି
ପିନ୍ଧାଇଛି ତୋତେ କଷ୍ଟଲବ୍ଧ ବିଜୟର ଟୀକା
ମୂକ ଓଠେ ଫୁଟାଇଛି ସ୍ୱାଧିକାରର ଭାଷା
ମାନିବି କିଆଁ କହ ହିଟଲରୀ ଉଲ୍ଲାସର ଘନଘଟା ।

ମାଆ ମୋର !
ପ୍ରଳୟର ଛନ୍ଦରେ ଆସେ ଗଣର ବେଦନା
ମିଥ୍ୟାର ଦିଗନ୍ତ ଚିରି ଫୁଟି ଉଠେ ନୂତନ ଚେତନା
ଶ୍ରେଣୀ ଦ୍ୱନ୍ଦ୍ୱୀ ଆଲୋକରେ ଲେଖେ ପାଣ୍ଡୁଲିପି
ହୃଦୟ ସନ୍ଧାନୀ ପଥେ ଇନ୍ଦ୍ରଧନୁ ସାତରଙ୍ଗ ବ୍ୟାପ୍ତି
ସତ୍ୟର ଜିଜ୍ଞାସାରେ ମାତା
ମୁଁ ସାଜିଛି କ୍ରୁଶବିଦ୍ଧ ଯୀଶୁ
ସାବରମତୀ ସନ୍ଥର ବୁକୁ ରକ୍ତବିନ୍ଦୁ
କେବେ ପୁଣି ସକ୍ରେଟିସ୍, ଭଗତ, ନାଉରିଆ ବାଜି
ବେଦ, କୋରାନ, ତ୍ରିପିଟକ ବଳେ
ମଣିଷକୁ ମାପିବାର ମହାକ୍ରାନ୍ତି ତତ୍ତ୍ୱ ସ୍ତୋତ୍ର ସୃଜି ।

ମାଆ ! ସହନର ସୀମା ଯେ କୂଳ ଲଙ୍ଘିଲାଣି
ହେବିନାହିଁ କଳା ଜୋକ ପ୍ରତାରକର କିଣା ଗୋଲାମ
ଫାଶୀ ଶାସନର ନିରବ ଦର୍ଶକ
ମଣିଷ ହାଡ଼ର ମେଜରେ କର୍ପୋରେଟ ବିରାମ
ପାରିବିନି ଦେଖି ଉଦାସିଆ ଆଖି, ନିରନ୍ନ କଙ୍କାଳ
ନିର୍ଭୟାର ଆର୍ତ୍ତନାଦ, ବାରୁଦରେ ମୃତ୍ୟୁର ତାଣ୍ଡବ
ନ୍ୟାୟ ତ କ୍ରୀଡ଼ନକ, ନିର୍ମୋକ ମାହାଲ
ଦ୍ରୌପଦୀର ମୁକ୍ତକେଶ ଏ ମନରେ ରକ୍ତଜବା ଫୁଲ ।

ତିକ୍ତ ବର୍ତ୍ତମାନ ଆଣେ ଗ୍ଲାନି ଓ ସଂଶୟ
ଅଗସ୍ତ୍ୟ ଶୋଷରେ ମନ ଅଧାଜଳା ପ୍ରଳାପୀ ଅଥୟ
ନୟାନ୍ତ ବେଦନା ପଢ଼େ ଶୋଷିତ ପୁରାଣ
ଦ୍ୱେଷ, ବିଦ୍ୱେଷ ମରୁରେ ଫୁଟାଇ ଗୋଲାପ
ଗଣଗଙ୍ଗା ଉତ୍ତାଳ ପୂର୍ବାଶା ସ୍ତୋତ୍ରେ
ଯୁଦ୍ଧାଶ୍ରୟୀ ଜୀବନର ଏଇ ସଂକ୍ଷିପ୍ତ ଆଳାପ ।

ମଣିଷ ନିଶାଣ କରେ ଏବେ ଆଧୁନିକ ମ୍ଳେଚ୍ଛ
ଦିଲ୍ଲୀ ପ୍ରବଞ୍ଚନା ଅନ୍ୱେ ବସନ୍ତ ଚରମ ରକ୍ତାକ୍ତ
ମଳୟର ହତ୍ୟାକାରୀ କଣ୍ଠରେ ମହ୍ଲାର
ମୋକ୍ଷର ଭ୍ରଷ୍ଟାଚାରୀ କଥାର ବେହାଗ
ଧର୍ମ ସଂସ୍ଥାପନାର୍ଥାୟ ଏ କିବା ସୁହାଗ?

ମୋତେ ଦିଅ ମାଆ ମୋର
ପ୍ରତ୍ୟୟ ଭରା ସର୍ଜନର ଫାଲଗୁନ
ତୋ' କୋଳେ ନ ହେଉ ଜନମ
ମଣିଷ ନାମରେ ହିଂସ୍ରକ ରାବଣ ।
ତୋ' ଧୂଳି ର ଆଶୀର୍ବାଦେ ଫୁଟି ଉଠୁ ଯେତେ ଅଧିକାର
ଅଗଷ୍ଟ କ୍ରାନ୍ତି ମାଗେ ଜୀବନର ପ୍ରତ୍ୟକ୍ଷ ଭୂମିକା
ଶୋଷଣ ବ୍ୟବସ୍ଥାର ନିର୍ଦ୍ଦୟ ସଂହାର
ନେ ମାତା, ଏ ଦୁଃଖୀର ତ୍ରିରଙ୍ଗୀ ଜୁହାର ।
ଓଓଓ

# କବିପ୍ରିୟା

Srujan ISSN 2976-9329

**ବସନ୍ତ ମାଝି**

ମନର ଦରଜା ଖୋଲି ଦେଖିଲି ଚୁମ୍ବକୀୟ ସବୁଜ ସମ୍ଭାର
ବସନ୍ତର ବିଶ୍ୱକର୍ମା କର୍ମଯୋଗୀ ଗଢ଼ିଅଛି ଫାଲଗୁନ ନଅର,
ତା' ଆଗମେ ପ୍ରଦର୍ଶିତ ନବପତ୍ର ଶିରାପ୍ରଶିରାରେ କୁହୁକ
ଉଦାସୀନ ମନ ବନେ ମନ୍ଦାକିନୀ ଧାଏଁ ଛନ୍ଦରେ ପୁଲକ ।

ସକାଳର ସୂର୍ଯ୍ୟ ଏଠି ଫୁଙ୍କୁଥିଲା ବଂଶୀ ପଞ୍ଚମ ତାନରେ
ମୁରୁଜକୁ ବୋଳି ଗଛ ବୃକ୍ଷ ବାଣ୍ଟୁଥିଲେ ସ୍ନେହ ଚନ୍ଦନରେ,
ମୋ ପ୍ରାଣର କେଦାରେ କେଦାରେ ସ୍ୱପ୍ନମଖା ମମତାର ଧୂଳି
ତାରକିତ ଫୁଲରେ ଗାଇଲୁ ସଖୀ ପ୍ରୀତିର ଆଦ୍ୟ ପଦାବଳୀ ।

ହିମାଳୟ ଇଚ୍ଛା ମୋର ଖୋଜିହୁଏ ପ୍ରାପ୍ତିର ସୌଗନ୍ଧ
ଆକାଂକ୍ଷାର ଗଭୀର ସାଗରେ ଉବୁଟୁବୁ ଅପ୍ରାପ୍ତିର ଚଟୁଳ ବିଦଗ୍ଧ
ଜହ୍ନ ଆଉ ତାରା ଦୃଶ୍ୟେ ଏ ତନୁରେ ଅଗ୍ନିର ଅମପା ଦହନ
ଅପୂର୍ଣ୍ଣ ଯେ ଚିରକାଳ ବନାଗ୍ନି ସୃଷ୍ଟି କରେ ହୃଦେ ଶୂନ୍ୟସ୍ଥାନ ।

ସତ୍ୟକୁ ଚିହ୍ନିବା କଷଟି ହୃଦୟ ଦାହରେ ଦହୁଥାଏ ନିତି
ଏ ମନର ମହୋଦଧି ଉଷ୍ଣତାକୁ ପିଇ ଝଡ଼ ଆଣେ ଡାକି,
ଅପ୍ରାପ୍ତିର ଓଠ ତୁମେ ଏଇ ନୀଳକଣ୍ଠୀ ନିର୍ଲିପ୍ତ ଦେହ
ପ୍ରାପ୍ତିର ଖଜଣାଖାନାରେ ତାଲା ରକ୍ତାକ୍ଷରୀ ଅଖଣ୍ଡ ବିରହ ।

ପ୍ରାପ୍ତି ଓ ଅପ୍ରାପ୍ତିର ଦୁଇକୂଳ ଉଛୁଳାଇ ବହୁଛି ଯନ୍ତ୍ରଣା
ଶବ୍ଦର ଅଙ୍କୁରରେ ସୌନ୍ଦର୍ଯ୍ୟର ଆଭରଣେ କବିତା ବେଦନା
ହୃଦମାଟି ସର୍ବଂସହା ଖୋଜିହୁଏ ନିରବରେ ପ୍ରୀତି ସପ୍ତସ୍ୱରୀ
ମୋହାବରଣ ସ୍ରୋତରେ ଭାସେ ଅବିନ୍ୟସ୍ତ ଶୋଷକୁ ମାରି ।

ଅପ୍ରାପ୍ତି ପ୍ରାପ୍ତିର ଛାଇ ଆଲୁଅର ଖେଳ ସତେ ଅସମାପ୍ତ
ଅନ୍ତର୍ବନ୍ଦି ଶୋକ ପଥେ ଫୁଲ ପେନ୍ଥା ସାନ୍ତ୍ୱନାର ଗୀତ

ଜୀବନ ଜଞ୍ଜାଳରେ ମୁହିଁ ମୌନମୁଗ୍ଧ ଏକ ଅତର ବିକାଳି
କବିପ୍ରିୟା ! ମମତାର ସିଂହଦ୍ୱାରେ ବସି ବାଲ୍ମୀକୀ ମନ ପଢୁଛି ଉଛୁଳି ।

ooo

ବସନ୍ତ ମାଝି, କବି, ଗାଳ୍ପିକ, ପ୍ରାବନ୍ଧିକ ଓ ସାମ୍ବାଦିକ । ତାଙ୍କର ୧୦ଖଣ୍ଡ କବିତା ପୁସ୍ତକ, ତିନୋଟି ଗପ ପୁସ୍ତକ, ତଥା ଗୋଟିଏ ଅନୁବାଦ ପୁସ୍ତକ ପ୍ରକାଶ ପାଇଛି । ଚନ୍ଦ୍ରଶେଖରପୁର ସାହିତ୍ୟ ସଂସଦର ସେ ପ୍ରତିଷ୍ଠାତା ସଂପାଦକ । ସଂସଦର ମୁଖପତ୍ର 'ଚିହ୍ନ'ର ସଂପାଦକ ତଥା ମାସିକ ୱେବ ପତ୍ରିକା ଇପତ୍ରିକାର ମୁଖ୍ୟ ସଂପାଦକ କାର୍ଯ୍ୟ ତୁଲାଇ ଚାଲିଛନ୍ତି । ବିଭିନ୍ନ ସାହିତ୍ୟ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ।

ooo

# ଜୁନୁ ଜୁଆଙ୍ଗ

SRUJAN
The Creativity Journal
Srujan ISSN 2976-9329

## ସୁଶାନ୍ତ ଶେଖର ଦାଶ

ଜୁନୁ ଜୁଆଙ୍ଗ । କଳା ମୁଚୁମୁଚୁ ପୂରିଲା ଦିହ, ଉଛୁଳା ନିତମ୍ବ, ଟାଣିଲାଟାଣିଲା ଆଖି, ସହରର କଳା ଚିକଣିଆ ଲମ୍ବାରାସ୍ତା ପରି ଲମ୍ବି ପଡ଼ିଥିବା ଦୁଇଦୁଇଟା ହାତ, ଦୁଇଟା ଖୁନ୍ଦାଖୁନ୍ଦି ମାଂସଳ ଜାନୁ ଏବଂ କାନ୍ଧକୁ ଝୁଙ୍କି ପଡୁଥିବା କୁଞ୍ଚୁକୁଞ୍ଚିଆ ଚୁଟି-ଲହରୀ ସମ୍ଭାରଯୁକ୍ତା ସେଇ ଡୁଙ୍ଗରପଡ଼ା ଗାଁ ର ଜୁନୁ ଜୁଆଙ୍ଗ ।

ଡୁଙ୍ଗରପଡ଼ାରେ ବେଶି ନ ହେଲେବି ବେଶ୍ କେତୋଟି ଘର । ଦୁଇଟି ମୁଣ୍ଡିଆପାହାଡ଼ ମଝିରେ ଜାକି-ହୋଇ ଲମ୍ବିଯାଇଛି ଗାଁ'ଟି । ଅଣଚଉଡ଼ା ଗାଁ ଦାଣ୍ଡଟା ଯେମିତି ହାଣି ଦି' ଫାଳ କରିଦେଇଛି ଗାଁଟାକୁ । ଗାଁ ମୁଣ୍ଡରୁ ଖୁବ୍ କେତୋଟି ଲମ୍ବାଲମ୍ବା ଶାଳଗଛ ଆକାଶକୁ ତୀର ମାରିଲା ପରି ଠିଆ ହୋଇଥାନ୍ତି । ପାହାଡ଼ ଦି'ଟାର ଢ଼ାଲୁ ଅଞ୍ଚଳରେ ବିଭିନ୍ନ କିସମର ଫସଲ ।

ତା'ର ଠିକ ପରେପରେ ମଙ୍ଗଲୁ ଜୁଆଙ୍ଗର ଘର । ଖପରା ଛପର ସାଙ୍ଗକୁ ରଙ୍ଗବେରଙ୍ଗ ଝୋଟି, ନୁଆଁଣିଆ ଚାଳ ଓ ଚାଳକୁ ଟେକିଧରିଥିବା ଚାରୋଟି ଶାଳଖୁଣ୍ଟ ଏବଂ ଅତି ଶକ୍ତ ନ ହେଲେବି ଗୋଟିଏ ପଟରୁ କାନ୍ଥରୁ ଝୁଲୁଥିବା ଥିବା ଗୋଟିଏ ଚଉଡ଼ାକାଠ କବାଟ ।

ସେଉଠୁ ଆରମ୍ଭ ହୁଏ ଗାଁ । ପରସ୍ପରକୁ ମୁହଁକରି ଠିଆ ହୋଇଥାନ୍ତି ଖପରଘର ସବୁ ।

ଗାଁର ଠିକ ମଝିରେ ମଣ୍ଡଘର ଓ ତା ପାଖକୁ ଲାଗି ଗ୍ରାମଶିରୀ ।

ଅଦ୍ଭୁତ ଏଇ ମଣ୍ଡଘର ! ତୁଳନାତ୍ମକ ଚଉଡ଼ା ଉଚ୍ଚପିଣ୍ଡା, ତିନିପଟରେ କାନ୍ଥ ଏବଂ ସମ୍ମୁଖପଟ ପ୍ରଶସ୍ତ ଓ ଉନ୍ମୁକ୍ତ । କବାଟ ନ ଥାଏ ସେଥିରେ । ଭିତରକୁ ବାଁ ପଟେ ଶସ୍ୟ ଭଣ୍ଡାର । ହଳଦୀ, ହରଡ଼, ସୋରିଷ, ମୁଗ, ଧାନ, ଚଣା, ତିଳ ଇତ୍ୟାଦି ଛୋଟବଡ଼ ମାଟିର ଭଣ୍ଡାର । ଗୋଟିଏପଟ କାନ୍ଥରେ ପାରମ୍ପରିକ ବାଦ୍ୟଯନ୍ତ୍ର ତଥା ନଗଡ଼ା, ଚାଙ୍ଗୁ, ମହୁରୀ, ଢୋଲ ଇତ୍ୟାଦି ଝୁଲୁଥାଏ ଏବଂ ଅନ୍ୟପଟେ ଧନୁତୀର, ଖଣ୍ଡା, ଟାଙ୍ଗିଆ, ତେଣ୍ଟା, ବାଟୁଳି ଇତ୍ୟାଦି । ଚଟାଣର ଠିକ୍ ମଝିରେ ଧୁନି । ଧୁନି ଯେମିତି ଦିନରାତି ଉଜ୍ଜୀବିତ ରହେ, ଏହା ଉପରେ ଥାଏ ସମସ୍ତଙ୍କ ନିଘା ।

ସଞ୍ଜ ଏଠି ଜଲଦି ଆସେ । ମୁଣ୍ଡିଆ ଆଡୁଆଳରେ ସୂର୍ଯ୍ୟ ଲୁଚିଗଲେ  ନିସ୍ତବ୍ଧତା ମୁଣ୍ଡ ପିଟେ । ଶାଳ, ପିଆଶାଳ, ମହୁଲ, ଜାମୁ, ପଣସ, ଅଶ୍ୱତ୍ଥ, ନିମ୍ବଗଛ ଆଦି ଘେରା ଏଇ ଗାଁଟି ହଜିଯାଏ ମହାଶୂନ୍ୟରେ । ମହୁଲିନିଶାରେ ଝୁମିଉଠନ୍ତି ଜୁଆଙ୍ଗମାନେ । ମଣ୍ଡଘର ଚଳଚଞ୍ଚଳ । ଢୋଲ, ଝାଞ୍ଜ, ଚାଙ୍ଗୁ, ବଇଁଶୀ, ମହୁରୀର ତାଳେତାଳେ କେତୋଟି ଭଙ୍ଗା-ଦଦରାସ୍ୱର ସଂଗୀତର ରୂପ ନିଏ । ଗାଁର ଅବଶିଷ୍ଟ ଲୋକେ ବିଶେଷତଃ ମହିଳା ଓ ତରୁଣୀ  ନିଜନିଜ ଘର ପାଇଟିସାରି ରୁଣ୍ଡ ହୋଇ ସଂଗୀତର ମଜା ନିଅନ୍ତି ଏବଂ ଦିନସାରା ଜଙ୍ଗଲଜାତ ସାମଗ୍ରୀ ସଂଗ୍ରହ ଓ ଚାଷକାମର କ୍ଳାନ୍ତି ମେଣ୍ଟାନ୍ତି ।

ନୂଆକରି କିଶୋରରୁ ଯୌବନରେ ପାଦ ଥାପିଥିବା ଗାଁର ଅଣ୍ଡିରାପିଲାଙ୍କ ରାତ୍ରି ଆଶ୍ରୟସ୍ଥଳ ଏଇ ମଣ୍ଡଘର । ଏଠି ରାତ୍ରିଯାପନ ଅନୁଶାସନ ବନ୍ଧିତ। ଯଦିବା କେହି ଦୁଃସାହସ କରି କିମ୍ବା ଅଜ୍ଞାନତାବଶତଃ କିମ୍ବା କୌତୂହଳକ୍ରମେ କିଛି ଭୁଲ କରିବସନ୍ତି, ସେମାନଙ୍କୁ ଜୋରିମାନା ସ୍ୱରୂପ ମହୁଲି ଦେବାକୁ ପଡ଼େ । ଗାଁ ପ୍ରଧାନ କିମ୍ବା ଗାଁ ଅଧିକାରୀଙ୍କ ପାଖରେ ପୈଠ ହୁଏ ଜୋରିମାନା ।

ଆଉ ମାଇ ପିଲାମାନେ ନିଜନିଜ ଘରେ ରହିଯାନ୍ତି ମୁରବିଙ୍କ ନଜର ଆଉ କଟକଣା ଭିତରେ ।

ଏକାଧାରରେ ଏଇ ମଣ୍ଡଘର ଏମାନଙ୍କ ମନୋରଞ୍ଜନ ଗୃହ, ପାଠଶାଳା, ବିଧାନସଭା ଓ ନ୍ୟାୟାଳୟ ।

କୌଣସି ବଡ଼ ମାଲି-ମକଦ୍ଦମା ନେଇ କେବେ କେବେ ସର୍ଦ୍ଦାର ବିଚାର କରନ୍ତି ଏଇ ମଣ୍ଡଘରେ, ନଚେତ ଗାଁ ପ୍ରଧାନଙ୍କ ରୀତିମତ ଦରବାର ବସେ, କଳିତକରାଳ ବିଚାର ହୁଏ । ବଡ଼ବଡ଼ ମକଦ୍ଦମାର ରାୟ ଶୁଣାଇବାକୁ ଦୂରଗାଁରୁ ସର୍ଦ୍ଦାର ଆସିଥାନ୍ତି । ସର୍ଦ୍ଦାରଙ୍କ ନିଷ୍ପତ୍ତି ସୁପ୍ରିମକୋର୍ଟ ରାୟ ସଦୃଶ ।

କିଶୋର କିଶୋରୀମାନଙ୍କ ପାଇଁ ଏଇଟା ପାଠଶାଳା । ନାଚ, ଗୀତ, କୃଷିକାମ, ଗୃହକାର୍ଯ୍ୟ ସାଙ୍ଗକୁ ଆଧୁନିକ ଶିକ୍ଷା ନିଅନ୍ତି ।

ଏ ଗାଁମାଟିର ବାସ୍ନା, ପ୍ରାକୃତିକ ପରିବେଶ, ଜୁଆଙ୍ଗଙ୍କ ସାମାଜିକ ଚାଲିଚଳନ, ସଂସ୍କୃତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରତି ମୁଁ ବେଶ୍ କିଛିଦିନ ହେବ ଆକର୍ଷିତ ହୋଇ ପଡୁଥାଏ । ଖୁବ୍ ବ୍ୟସ୍ତତା ମଧ୍ୟରେ, ସମୟ ହାତପାଆନ୍ତା ହେଲେ ମୁଁ ଟାଣିହୋଇଯାଏ ସେମାନଙ୍କ ପାଖକୁ । ଖୁବ୍ ଅନୁଧ୍ୟାନ କରୁଥାଏ ଗୋନାସିକାରୁ ଉତ୍ପତ୍ତି ହୋଇଥିବା ବୈତରଣୀ ନଦୀ ଅବବାହିକାରେ ଗଢ଼ିଉଠିଥିବା ଏଇ ଜନଜାତି ଓ ତାଙ୍କ ସରଳ ଜୀବନଶୈଳୀ ଉପରେ ।

ମୋର ଉପରିସ୍ଥ ଅଧିକାରୀଙ୍କ ବଦଳି ପରେ ମୁଁ କିଛିଦିନ ହେବ କାର୍ଯ୍ୟଭାର ସମ୍ଭାଳିବାକୁ ଆସିଥାଏ ନିକଟସ୍ଥ ଖଣି ଖାଦାନ ଓ ଜଙ୍ଗଲ ପାହାଡ଼ଭରା ଏବଂ ଜୁଆଙ୍ଗପଲ୍ଲୀ ଘେରା ଏଇ କେନ୍ଦୁଝର ଅଞ୍ଚଳକୁ ।

କଠୋର କର୍ତ୍ତବ୍ୟ ସାମ୍ନାରେ ଯେତେବେଳେ ମୋ ଭିତର ବିବେକ ଓ କର୍ତ୍ତବ୍ୟ ମଧ୍ୟରେ ଟିକେ ବାଦବିବାଦ ହୁଏ, କେମିତି କେଜାଣି ସେଠାରେ ବିବେକ ପ୍ରାଧାନ୍ୟ ନିଏ ।

ଏମାନଙ୍କୁ ସମସ୍ତ ଆର୍ଥିକ ସୁବିଧା ଯୋଗାଇବାର ଛୋଟ ଆଗ୍ରହଟିଏ ଦିନେ ଉଙ୍କିମାରିଲା ଓ ସେଇ ଆଗ୍ରହକୁ ସାଉଁଟିଧରି ପାଖ ଯୁଆନଭେଡ଼ା ଗାଁର ଯୁଆନଟୋକା ବନ ଦେହୁରୀକୁ ଗାଡ଼ିରେ ବସାଇ ବାହାରିଗଲି ସେଇ ମୁଣ୍ଡିଆଘେରା ଡୁଙ୍ଗରପଡ଼ା ଗାଁକୁ ।

ଅଦ୍ଭୁତ ଦୃଶ୍ୟ । ସୁନ୍ଦର ମନୋରମ ପରିବେଶ । ନିଘଞ୍ଚ ବନାନୀ । ମଝିରେମଝିରେ ଦୂରରୁ ଭାସିଆସେ ମୟୁରମାନଙ୍କ ମଧୁର କଣ୍ଠ ସ୍ୱର । କାନଡେରି ଶୁଣିଲେ ନିକଟସ୍ଥ ଝରଣାର ଉପସ୍ଥିତି ବାରିହୁଏ ।

ଗାଁ ମୁଣ୍ଡରେ ଅଟକିଗଲୁ । କେତୋଟି ପୃଷ୍ଟିହୀନ ଲଙ୍ଗଳାପିଲା ଅତି ସନ୍ତର୍ପଣରେ ନିରାପଦ ଦୂରତାରୁ ପରସ୍ପର ଛନ୍ଦାଛନ୍ଦି ହୋଇ ଆମକୁ ନିରୀକ୍ଷଣ କରୁଥାନ୍ତି । ସେମାନଙ୍କ ଭିତରୁ ଯେଉଁ କଳା ମୁଚୁମୁଚୁ

ସବୁଠୁ ସବଳ ପିଲା, ସେ ଯଥାସମ୍ଭବ ସାମର୍ଥ୍ୟ ଜୁଟାଇ, ହାତରେ ଥିବା ବାଟୁଳିକୁ ତା' ସାଙ୍ଗ ହାତରେ ଗୁଞ୍ଜିଦେଇ ଦି'ପାହୁଣ୍ଡ ଆଗକୁ ବଢ଼ାଇଲା ଓ ମୋର ନିକଟତର ହେବାକୁ ଲାଗିଲା । ତା' ସାଙ୍ଗମାନେ ତଟସ୍ଥ ଓ ଜିଜ୍ଞାସିତ । ଝପଟି ଆସି ମୋ ମଟରସାଇକେଲ ଟାୟାରକୁ ଛୁଇଁଦେଇ ସେ ତୁରନ୍ତ ଫେରିଗଲା ।

ଅନ୍ୟ ସାଙ୍ଗମାନଙ୍କ ଆଖିରେ ଆଖିଏ ସନ୍ତୁଷ୍ଟି....

ହଠାତ ତରୁଣୀଟିଏ ଉପରେ ମୋ ନଜର ପଡ଼ିଲା । ଚିକ୍କଣ କଳା, ହୃଷ୍ଟପୃଷ୍ଟ, ହାତରେ ଚୁଡ଼ି, ଜୁରାଣ, ଛଲେ ଓ ମଥାରେ ଗୋଦିକାଠି, ଚାଉଁରୀମୁଣ୍ଡି, କାନରେ କୁଣ୍ଡଳ ଓ ନାକରେ ନାକଫୁଲ ଇତ୍ୟାଦି ଆଭୂଷିତ ସେଇ ଲଳନାଟି ଘରୁ ବାହାରିଆସି ମୁରୁକି ହସଟିଏ ଆମ ଉଦ୍ଦେଶ୍ୟରେ ଥୋଇଦେଇ ପିଲାଙ୍କୁ ଆକଟ କଲା ଓ ହାତଯୋଡ଼ି ଅର୍ଦ୍ଧମସ୍ତକ ମୁଦ୍ରାରେ ନମସ୍କାରଟିଏ ମାରିଲା ।

ଜାଣିନି, କାହିଁକି କେଜାଣି ଏକ ଅଭୁତ ଶିହରଣ ମୋ ଦେହସାରା ଖେଳିଗଲା । ଛାତିଭିତରେ ଅଦମ୍ୟ ଧାଁ ଦୌଡ଼ ।

ଦେଖିଲା ଜାଣିଲା ପରି ମନେ ହେଲା.....

ବନ ଦେହୁରୀ ମୋ ଆଡ଼େ କିଞ୍ଚିତ ଝୁଙ୍କିପଡ଼ି କାନରେ କହିଲା- "ସାର୍, ଏ ପରା ମଙ୍ଗଲୁ ଜୁଆଙ୍ଗର ଝିଅ ଜୁନୁ ଜୁଆଙ୍ଗ । ଭେଡ଼ାନସାହିର ସୋରେନ ଜୁଆଙ୍ଗ ନିକଟସ୍ଥ ହାଟରେ ଆ'କୁ କୁଣ୍ଡଳ ଓ ଚାଉଁରୀମୁଣ୍ଡି ଉପହାରଦେଇ ବିବାହ ପ୍ରସ୍ତାବ ଦେଇଥିଲା ଏବଂ ସେଇଦିନରୁ ଦୁଇଜଣ ବିହାହୋଇ ମଙ୍ଗଲୁ ଜୁଆଙ୍ଗ ଘରେ ରହୁଛନ୍ତି ।"

ସେ ମୋ ଆଡ଼େ ଆଡ଼ଆଖିରେ ଚାହିଁଦେଇ ଦୌଡ଼ି ଚାଲିଗଲା ଗାଁ ସେମୁଣ୍ଡ ଜଙ୍ଗଲ ଆଡ଼େ ଏବଂ ଆମେ ସେଇ କେତୋଟି ଫୁଙ୍ଗୁଳାପିଲାଙ୍କ ଜିଜ୍ଞାସାର ବସ୍ତୁ ପାଲଟି ବସିରହିଥାଉ ।

ଖୁବ୍ ବିଚାର-ବିମର୍ଶ, ଆପୋଷ-ଆଲୋଚନା, ଅନୁଧ୍ୟାନ ପରେ ଏବଂ ବନ ଦେହୁରୀ ଠାରୁ ତଥ୍ୟ ନେଇ ଗ୍ରାମର ମୁରବିମାନେ ମୋତେ ମଣ୍ଡଘରକୁ ନେଇଗଲେ । ମହିଳା ଏବଂ ପୁରୁଷ ଅଲଗା ଅଲଗା ଜାଗାରେ ଠିଆହୋଇ ମୋ ଠାରୁ କିଛି ଜାଣିବାକୁ ଅନେଇରହିଲେ ।

ମଣ୍ଡଘର କାନ୍ଥରେ ଝୁଲୁଥିବା ଟାଙ୍ଗିଆ, ଖଣ୍ଡା, ଧନୁ, ତୀର, ତେଣ୍ଟା, ବର୍ଚ୍ଛା ଆଡ଼େ ମଝିରେ ମଝିରେ ମୋ ଆଖି ଚାଲିଯାଉଥାଏ । ମନ ଭିତରୁ ମୁଣ୍ଡ ଟେକୁଥିବା ଆଶଙ୍କାକୁ ଯଥାସମ୍ଭବ ଚାପିଧରି, ସେମାନଙ୍କ ମଙ୍ଗଳଜନିତ କେତୋଟି ଅର୍ଥନୈତିକ କାର୍ଯ୍ୟଲିପିକୁ ବୟାନକରି, ମୁଣ୍ଡିଆ ଡାଲୁରେ ସୋରିଷ ଉତ୍ପାଦନ ନିମିତ୍ତ ପରିବାର ପ୍ରତି ଦଶହଜାର ଟଙ୍କାର ଋଣସହାୟତା ଦେବାକୁ ପ୍ରତିଶ୍ରୁତି ଦେଇଦେଲି ।

ଫକୀରମୋହନ ସେନାପତିଙ୍କ ଛ'ମାଣ ଆଠଗୁଣ୍ଠର ରାମଚନ୍ଦ୍ର ମଙ୍ଗରାଜ ଓ ଗୋପୀନାଥ ମହାନ୍ତିଙ୍କ ପରଜାର ରାମଚନ୍ଦ୍ର ସାହୁକାର, ଏଇ ଦୁଇଦୁଇଟି ବ୍ୟକ୍ତିତ୍ୱ ଠିକ୍ ଏତିକିବେଳେ ମୋ ମନ ଭିତରେ ଧସେଇ ପଶିଗଲେ । ନିରୀହ ଜନଜାତି ଉପରେ ସାହୁକାରଙ୍କ ଦୌରାତ୍ମ୍ୟ, ନିର୍ଯାତନା ଓ ଶୋଷଣ ଏବଂ

ପରେପରେ ନିଷ୍ପେସିତ ନିରୀହ ଜନଜାତିଙ୍କ ସାହୁକାର ଉପରେ ପ୍ରତିଶୋଧ.... ଏଇ ସବୁ ମାନସ ପଟରେ ଉବୁଟୁବୁ ହେଉଥାଏ ।

ମନଟା ମୋର ମଉଳିଗଲା । ଅହେତୁକ ଭୟରେ ଗମଗମ ଝାଳ ବହିବାକୁ ଲାଗିଲା ଦେହରୁ.........

ଠିକ ଏତିକିବେଳେ ଜୁନୁ ଜୁଆଙ୍ଗ ଝପଟି ଆସି, ତାଳ ପତ୍ର ବୁଣା ବିଞ୍ଚଣାଟିଏ ମୋ ହାତକୁ ବଢ଼ାଇଦେଇ କହିଲା- "ହଉ ଆଜ୍ଞା, ଆମେ ଲୁନ ନବୁ ଯେ ହେଲେ ଘରବାରି କୋରିକ କରିବେନି ତ' ।"

ସେଇ ଦିନଠୁଁ ଏଇମାନଙ୍କ ଆଉ ଆମ ମଧ୍ୟରେ ଗଢ଼ିଉଠିଲା ଏକ ନୂତନ ସମ୍ପର୍କ.............

ପୁଷପୁନେଇଁ, ଆମ ନୂଆଖାଇ, ଚଇତି ପରବ, ବସୁମତୀ ପୂଜା, ଗ୍ରାମଶିରୀ ପୂଜା ଇତ୍ୟାଦି ବିଭିନ୍ନ ପର୍ବ-ପର୍ବାଣିରେ ସେଠାରେ ପହଞ୍ଚିଯାଏ ମୁଁ । କୁକୁଡ଼ା ଲଢେଇ, ଷଣ୍ଢନାଚ, ବାଉଁଶରାଣୀ, ଅଣ୍ଟାଭାଙ୍ଗି - ହାତ ଛନ୍ଦାଛନ୍ଦି ମହିଳା ଓ ଧୋତି-ପଗଡ଼ି ସହ ପୁରୁଷମାନଙ୍କ ଚାଙ୍ଗୁନାଚର ଭରପୂର ଆନନ୍ଦ ନିଏ ।

ଢେର କିଛିଦିନ ହେବ ଯାଇ ନଥାଏ ସେମାନଙ୍କ ପାଖକୁ । ଦପ୍ତରର କାମ କାର୍ଯ୍ୟ ସମ୍ଭାଳୁସମ୍ଭାଳୁ ସୂର୍ଯ୍ୟ ଅସ୍ତ ହୁଏ ।

ଏମିତିକି ଡୁଙ୍ଗରପଡ଼ାରୁ କିଛି ଖବରଅନ୍ତର ମଧ୍ୟ ନ ଥାଏ ।

ହଠାତ ଦିନେ ମନ ମୋତେ ଟାଣିନେଲା ସିଆଡ଼େ ।  ଗାଡ଼ିରେ ବସି ବାହାରିଗଲି ଡୁଙ୍ଗରପଡ଼ା । ଜଙ୍ଗଲ ବାଟ । ବାଟ ସାରା ପାଚିଲାପଣସ ବାସ୍ନା ଓ ଅସରାଏ ବର୍ଷାପରର ମାଟିର ଗନ୍ଧ ।

ଗାଡ଼ି ଅଟକିଗଲା ସେଇ ଗାଁ ମୁଣ୍ଡରେ  ।

ସବୁଥର ପରି ଫୁଙ୍ଗୁଳା ପିଲା କେତୋଟି ଠେଲି ହୋଇଆସିଲେ । ଅନତିଦୂରରେ ଦେହକୁଦେହ ଯୋଡି, ଠିଆହୋଇ, ମୋତେ ଆଉ ଜୁନୁ ଜୁଆଙ୍ଗ କୁଡ଼ିଆଆଡ଼େ ଅନେଇବାକୁ ଲାଗିଲେ ।

ଦେଖିଲି, ଜୁନୁ ଜୁଆଙ୍ଗ କବାଟଖୋଲି କାଖରେ ଛୋଟ ଶିଶୁଟିକୁ ଧରି ଅତି ସନ୍ତର୍ପଣରେ ଆଗେଇ ଆସୁଛି ଓ ପଛରେ ପଛରେ ସାଇପଡ଼ିଶାର କେତେ ଜଣ ବୟସ୍କ ମହିଳା । ଖୁବ୍ କାନ୍ଦିବାକୁ ଲାଗିଲା ସେ । ମୁଁ କିଛି ବୁଝିବା ପୂର୍ବରୁ ତାକୁ ଜାବୁଡିଧରିଥିବା ସେଇ ବୁଢ଼ୀଜଣଙ୍କ କହିଲେ, "ରୋଗରେ ପଡ଼ି ସୋରେନ ଚାଲିଗଲା । ଗ୍ରାମଶିରୀ ପାଖରେ ଜୁନୁ ଖୁବ୍ ଅଧିଆ ପଡିଲା, ଦେହୁରୀ ବି ଜଡ଼ିବୁଟି ଦେଲା.... ହେଲେ ସୋରେନ ଚାଲିଗଲା ।"

ପିଲାମାନେ ଅପସରି ଗଲେ  । ଜୁନୁ ଜୁଆଙ୍ଗ ଫେରିଗଲା ଘର ଭିତରକୁ । ସେ ବନ୍ଦକରୁଥିବା କବାଟକୁ ଥରୁଟିଏ ଚାହିଁଦେଇ, ଗାଡ଼ି ଷ୍ଟାର୍ଟମାରି ମୁଁ ଫେରିଆସିଲି ।

ଭୁଲିବାକୁ ଚେଷ୍ଟାକଲି ସେଇ ହସି ଖେଳି ବୁଲୁଥିବା ନିରୀହ କଳା ମୁଚୁମୁଚୁ ଆଦିବାସୀ ଲଳନାକୁ ଏବଂ ତା' ଗାଁର ନିରୀହ, ସରଳ ଓ ନିଷ୍କପଟ ଲୋକମାନଙ୍କ ଆଧୁନିକ ସଭ୍ୟତାସହ ଯୋଡ଼ିବାର ଛୋଟ ପ୍ରୟାସଟିକୁ ।

ବାହାରେ ପ୍ରଚଣ୍ଡ ରୌଦ୍ର । ଝାଞ୍ଜି ପିଟୁଛି । ଅପେକ୍ଷାକୃତ କମ୍ ଚଳପ୍ରଚଳ କାର୍ଯ୍ୟାଳୟରେ ମୁଁ ଏକ ଫାଇଲ ମଧ୍ୟରେ ବୁଡ଼ିଥାଏ । କେତେକ କର୍ମଚାରୀ ଆଉ ହାତଗଣତି କେତେଜଣ ବାହାରଲୋକ ।

ଏତିକିବେଳେ ସାମାନ୍ୟ ପରିପାଟୀ ମହିଳାଟିଏ ପଶିଆସିଲା ଓ ନିଜ ଲୁଗାକାନିରେ ମୁହଁ ପୋଛୁପୋଛୁ କାନିଗଣ୍ଠି ଖୋଲି କୋଚାମୋଚା ହୋଇଥିବା ଟଙ୍କାପୁଳାଏ ବାହାରକରି, ଟେବୁଲରେ ଥୋଇଦେଇ ମୋତେ ମୁଣ୍ଡିଆଟିଏ ମାରିଲା ।

ଚମକିପଡ଼ିଲି । ଏଇ ତ ଜୁନୁ ଜୁଆଙ୍ଗ !

ମୃତ ସ୍ୱାମୀ ନେଇଥିବା ଋଣ ଚୁକ୍ତି ନିମିତ୍ତ ଝାଳଭିଜା କେତୋଟି ପୁରୁଣାଟଙ୍କା ମୋ ଟେବୁଲ ଉପର ପଙ୍ଖା ପବନରେ ଖଣ୍ଡିଉଡ଼ା ଦେଉଥାନ୍ତି । ମୁଁ ହଜିଯାଇଥାଏ ତା'ଗାଁ ମଣ୍ଡଘର, ଚାଙ୍ଗୁନାଚ, ମହୁଲନିଶାର ତାଳେତାଳେ ଦୂରରୁ ଭାସିଆସୁଥିବା କେତୋଟି ଦଦରାକଣ୍ଠର ଶବ୍ଦ ଓ ରାତିରୁ ଗଛମୂଳେ ଝଡିପଡ଼ିଥିବା ବାସି ମହୁଲ ଫୁଲର ବାସ୍ନା ଭିତରେ ।

କେମିତି ବୁଝେଇବି । ନିୟମ ମୁତାବକ ମୃତସ୍ୱାମୀର ଋଣଛାଡ଼ ଓ ସେ ଆଣିଥିବା ଟଙ୍କା ଫେରାଇନେବାର ଆମ ଶତଚେଷ୍ଟାକୁ ସେ ଶୁଭଦୃଷ୍ଟିରେ ଜମା ଦେଖୁନଥାଏ । ଜୁଆଙ୍ଗ ସମ୍ପ୍ରଦାୟର ପରମ୍ପରା ଆଉ ମୃତ ସ୍ୱାମୀଙ୍କ ଋଣମୁକ୍ତିର ଆନନ୍ଦ, ତାକୁ ନେଇଆସିଥିଲା ସୁଦୂର ଦୁର୍ଗମ ପାହାଡ଼ ରାସ୍ତାଦେଇ, ଆଉ କ୍ଷୀର ଖାଉଥିବା ବାପାଛେଉଣ୍ଡ ଶିଶୁକନ୍ୟାଟିକୁ ଅନ୍ୟ କାହାର ଜିମାଦେଇ ।

ହଠାତ ଉଠିପଡ଼ିଲା ସେ ।

ଝରକା ପଟୁ ବୁଡ଼ିଆସୁଥିବା ତେର୍ଛା ସୂର୍ଯ୍ୟ ଆଡୁ ନଜରଟିଏ ବୁଲାଇଆଣି, ଦରଦୀ ହସଟିଏ ମୋ ପାଇଁ ଥୋଇଦେଇ, ତା' ମୃତସ୍ୱାମୀର ଋଣମୁକ୍ତି ସନ୍ତୁଷ୍ଟିକୁ ଜାବୁଡ଼ିଧରି ଦ୍ରୁତଗତିରେ ବାହାରିଗଲା ।

ମୁଁ ଚାହିଁରହିଯାଇଥିଲି ସେ ହଜିଯାଉଥିବା ଘଞ୍ଚଜଙ୍ଗଲକୁ, ସରୁ ଅଣଚୌଡ଼ା ଅଙ୍କାବଙ୍କା ପାହାଡ଼ିଆ ରାସ୍ତାକୁ ଏବଂ ଚଲାପଥରେ ପଡ଼ି ହଜିଯାଉଥିବା ତାର ଅସ୍ପଷ୍ଟ ପାଦଚିହ୍ନକୁ...........

∞∞∞

ସୁଶାନ୍ତ ଶେଖର ଦାଶ, ଅବସରପ୍ରାପ୍ତ ବରିଷ୍ଠ ବ୍ୟାଙ୍କ ମହାପ୍ରବନ୍ଧକ, ଅଧୁନା, ଇଣ୍ଡିଆନ ଇନଷ୍ଟିଚୁଟ ଅଫ ବ୍ୟାଙ୍କ ମ୍ୟାନେଜ୍‌ମେଣ୍ଟ, ଗୁଆହାଟିରେ ଅତିଥି ବକ୍ତା । ଓଡ଼ିଆ ସାହିତ୍ୟ ସାଧନାରେ ରୁଚି । ମୁଖ୍ୟତଃ ଗଳ୍ପ ଲେଖନ୍ତି । ଲେଖକଙ୍କ ଉକ୍ତ ଗଳ୍ପଟି *ଜୁନୁ ଜୁଆଙ୍ଗ* ଓଡିଶାର କେନ୍ଦୁଝର ଜିଲ୍ଲାର ବିରଳ ଜନଜାତି *ଜୁଆଙ୍ଗ*ମାନଙ୍କ କଳା, ସଂସ୍କୃତି, ସାମାଜିକ, ଆର୍ଥିକ ପରମ୍ପରା ଉପରେ ଆଧାରିତ । ଭୁବନେଶ୍ୱରରେ ରହନ୍ତି ।

∞∞∞

# ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନରେ ଖଲ୍ଲିକୋଟଗଡ଼ର ଭୂମିକା

SRUJAN
The Creativity Journal
Srujan ISSN 2976-9329

**ଶର୍ମିଷ୍ଠା ମହାପାତ୍ର**

'ଖଲ୍ଲିକୋଟ' ହେଉଛି ଗଂଜାମ ଜିଲ୍ଲାର ୨୨ଟି ଜମିଦାରୀ ଇଲାକା ମଧ୍ୟରୁ ଅନ୍ୟତମ । ପର୍ବତ ପରିବେଷ୍ଟିତ ସବୁଜ ଘଞ୍ଚଅରଣ୍ୟ ଦ୍ୱାରା ଏହି ଖଲ୍ଲିକୋଟ ଅଞ୍ଚଳ, ଇତିହାସରେ ଏକ ଗୌରବମୟ ଅଧ୍ୟାୟ ସୃଷ୍ଟି କରିପାରିଛି । ସ୍ୱତନ୍ତ୍ର ଭାଷାଭିତ୍ତିକ ଓଡ଼ିଶାପ୍ରଦେଶ ଗଠନ, ଶିକ୍ଷାର ପ୍ରସାର, ଐତିହ୍ୟ ସ୍ଥଳୀ, ପ୍ରାକୃତିକ ସୌନ୍ଦର୍ଯ୍ୟ କବି, ଭାବୁକମାନଙ୍କୁ ବେଶ୍ ଆକର୍ଷିତ କରେ । 'ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ'ରେ ଖଲ୍ଲିକୋଟ ରାଜବଂଶ ଓ ଅଞ୍ଚଳବାସୀଙ୍କର ଏକ ବିଶେଷ ଅବଦାନ ରହିଛି । ୧୯୩୬ ମସିହା ଅପ୍ରେଲ ୧ତାରିଖ ପୂର୍ବରୁ 'ଓଡ଼ିଶା' ବୋଲି କୌଣସି ସ୍ୱତନ୍ତ୍ର ରାଜ୍ୟନଥିଲା । ବରଂ ଏହା କଳିଙ୍ଗ, କଙ୍ଗୋଦ, ଓଡ୍ର, ଉତ୍କଳ, କୋଶଳର ଅଂଶବିଶେଷ ଥିଲା । ସମୟର ପ୍ରବହମାନଧାରା ଦେଇ କଳିଙ୍ଗ ରାଜ୍ୟ ମାଠର, ବିଗ୍ରହ, କୁଶାଣ, ଶୈଳୋଦ୍ଭବ, ଭୌମକର, ସୋମ, ଗଙ୍ଗ, ସୂର୍ଯ୍ୟବଂଶର ବିଭିନ୍ନ ରାଜାମାନଙ୍କ ଦ୍ୱାରା ଶାସିତ ହୋଇଛି । ଏ ସଂପର୍କୀୟ ତଥ୍ୟ ପୁରାଣ, ଇତିହାସ, ପାଞ୍ଜି, ଭ୍ରମଣ ବୃତ୍ତାନ୍ତ ଆଦିରୁ ଆମେ ପ୍ରାପ୍ତ ହୋଇଛୁ । ପୁଣି ଅଣଭାରତୀୟ ମୁସଲମାନ୍, ଫରାସୀ ଏବଂ ଶେଷରେ ଇଂରେଜମାନଙ୍କ ଅଧୀନରେ ଉତ୍କଳ ଢେର୍ ଦିନ ଶାସନାଧୀନ ହୋଇଛି । କରଦରାଜା ଭାବେ ଓଡ଼ିଶା ରାଜାଙ୍କୁ ଦଣ୍ଡିତ କରାଯାଇଛି । ସମଗ୍ର ଉତ୍କଳକୁ ଏକତ୍ରୀକରଣ କରିବା, ଭାଷାଭିତ୍ତିକ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପ୍ରଦାନକରିବା, ଜନଜାଗରଣ, ଓଡ଼ିଆ ମେଳି, ନବଉତ୍କଳ ଗଠନର ସ୍ୱପ୍ନ ଆଦିରେ ଯେଉଁମାନଙ୍କର ପ୍ରତ୍ୟକ୍ଷ ଭୂମିକା ରହିଥିଲା ତନ୍ମଧ୍ୟରେ 'ଖଲ୍ଲିକୋଟ' ଅନ୍ୟତମ । ପରିଶେଷରେ ସେହି ଦାବି ପୂରଣ ଏବଂ ଛଅଗୋଟି ଜିଲ୍ଲା ଗଠନ ନେଇ ବିଧିବଦ୍ଧ ଘୋଷଣା ହେବା ପଛରେ ରହିଛି ଏକ ଲମ୍ବା ଇତିହାସ ।

'ଗଞ୍ଜାମ' ଶବ୍ଦର ଅର୍ଥ ପଣ୍ୟଭୂମି । ଗଞ୍ଜାମକୁ କେହିକେହି ସଂକ୍ଷେପରେ 'ଗଞ୍ଜା' ବୋଲି କୁହନ୍ତି । ଗଞ୍ଜାମ ଅତ୍ୟନ୍ତ ଉନ୍ନତ ଓ ବିତ୍ତଶାଳୀ ଜିଲ୍ଲା ଥିଲା । ଏହାର ଋଷିକୁଲ୍ୟା ମୁହାଣରେ ପ୍ରାଚୀନ ବନ୍ଦର ଓ ଦୁର୍ଗ ରହିଥିଲା । ଡ. ହରେକୃଷ୍ଣ ମହତାବଙ୍କ ତଥ୍ୟାନୁଯାୟୀ ଏହି ବନ୍ଦର ଦେଇ ସାମୁଦ୍ରିକ ଯୋଗାଯୋଗ ଓ ବାଣିଜ୍ୟ କାରବାର ଦକ୍ଷିଣ-ପୂର୍ବ ଏସିଆ ସହିତ ସମ୍ଭବ ହେଉଥିଲା । ଏହି ଦୁର୍ଗଟି ଅଧୁନା 'ପୋତାଗଡ' ନାମରେ ପରିଚିତ । ଭାରତ ସରକାରଙ୍କ ୬୦୪ଜିଲ୍ଲା ମଧ୍ୟରେ ଗଞ୍ଜାମ ସର୍ବପୁରାତନ ଜିଲ୍ଲା । ଏହା କଙ୍ଗୋଦ ଅଂଶବିଶେଷ ଥିଲା ।

ତ୍ରୟୋଦଶ ଶତାବ୍ଦୀରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ରାଜସ୍ଥାନରୁ ଆଗତ ମେବାର ଗଡ଼ଜାତର ରାଣା ରାଜପୁତ ଗେଣ୍ଡୁସିଂହଙ୍କ ଦ୍ୱାରା ଚିଲିକା ନିକଟବର୍ତ୍ତୀ (କେଶପୁର) ସ୍ଥାନରେ ଖଲ୍ଲିକୋଟ ରାଜ୍ୟ ଗଠିତ ହେଲା । ବଂଶାନୁକ୍ରମେ ରାଜାଙ୍କ ବହୁପୁତ୍ର, ପୌତ୍ର ଆଦି ଶାସନଦାୟିତ୍ୱ ସମ୍ଭାଳିଥିଲେ ମଧ୍ୟ

ରାଜା ହରିହର ମର୍ଦ୍ଦରାଜଙ୍କ ସମୟରେ 'ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ' ହେବାର ନିଷ୍ପତ୍ତି ନିଆଯାଇଥିଲା । ତାଙ୍କୁ ଏଥିରେ ବିଶେଷଭାବେ ସହଯୋଗ କରିଥିଲେ ତାଙ୍କର ସହଧର୍ମିଣୀ ତଥା ମୟୂରଭଂଜ ରାଜନନ୍ଦିନୀ କନକମଂଜରୀ ଦେବୀ । ଯୋଗକୁ ସେହିସମୟରେ ଜମିଦାରୀପ୍ରଥା ଉଠିଯାଇଥିଲା । ନିଜ ରାଜପ୍ରସାଦରେ 'ସରକାରୀ ଚାରୁ ଓ କାରୁକଳା ମହାବିଦ୍ୟାଳୟ' ସ୍ଥାପନ କରାଇ ଓଡ଼ିଶା ତଥା ଓଡ଼ିଶା ବାହାରର ଅଗଣିତ ଛାତ୍ରଛାତ୍ରୀଙ୍କୁ ଶିକ୍ଷାଦାନର ବ୍ୟବସ୍ଥା କରାଇପାରିଛନ୍ତି । ନିଜ ରାଜକୋଷରୁ ଅର୍ଥ ବ୍ୟୟ କରି ବୋଇରାଣୀ ଓ ଖଲ୍ଲିକୋଟ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ଥାପନା କରିଥିଲେ । ନିଜ ନାମ ପରିବର୍ତ୍ତେ 'ଖଲ୍ଲିକୋଟ' ନାମରେ ସବୁକିଛି ନାମିତ କରିବାକୁ ସେ ବେଶୀ ପସନ୍ଦ କରୁଥିଲେ ।

ଖ୍ରୀ.୧୮୬୬ ମସିହା ପରଠାରୁ ଓଡ଼ିଆ ଭାଷାଭାଷୀ ଅଂଚଳର ଜନସାଧାରଣ ଭାଷା ଆନ୍ଦୋଳନ ଜରିଆରେ ସ୍ୱତନ୍ତ୍ର ଓଡ଼ିଶା ରାଜ୍ୟ ଗଠନ ପାଇଁ ହୋଇଥିବା ଉଦ୍ୟମରେ ହରିହର ମର୍ଦ୍ଦରାଜଙ୍କ ଯଥେଷ୍ଟ ଅବଦାନ ରହିଥିଲା । ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ନବୀନ ଲେଖକଙ୍କୁ ଉତ୍ସାହିତ କରିବା ସହିତ 'ଖଲ୍ଲିକୋଟ ଇଷ୍ଟେଟ ପ୍ରେସ୍' ସ୍ଥାପନକରି ବହୁ ବିରଳପୁସ୍ତକ ମୁଦ୍ରଣ କରିଥିଲେ । ମୟୂରଭଂଜ ମହାରାଜା ରାମଚନ୍ଦ୍ର ଭଂଜଦେବଙ୍କ ସହଯୋଗ, ଦେବାନ୍ ଫକୀର ମୋହନ ସେନାପତି, ରାଧାନାଥ ରାୟ, ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରେରଣା ରାଜା ହରିହରଙ୍କୁ ଉଦ୍‌ବୁଦ୍ଧ କଲା । ୧୯୦୧ ମସିହାରେ ରମ୍ଭା ବଙ୍ଗଳାରେ ପୁତ୍ର ରାମଚନ୍ଦ୍ରଙ୍କ ଜନ୍ମୋତ୍ସବ ପାଳନ ସହିତ ନିମନ୍ତ୍ରିତ ବ୍ୟକ୍ତିବିଶେଷଙ୍କ ସହିତ ଉତ୍କଳ ଜନନୀର ଏକତ୍ରୀକରଣ ପ୍ରସଙ୍ଗ ଆଲୋଚନା ସହ 'ଉତ୍କଳ ସମ୍ମିଳନୀ' ଗଠନର ନିଷ୍ପତ୍ତି ବେଶ୍ ରୋମାଞ୍ଚକର ଥିଲା । ଦକ୍ଷିଣ ଓଡ଼ିଶାର ଦୁର୍ଦ୍ଦଶାକୁ ଦୃଷ୍ଟିଗୋଚର କରାଇବା ନିମନ୍ତେ ନୀଳମଣି ବିଦ୍ୟାରତ୍ନଙ୍କ ସମ୍ପାଦନାରେ ସେ 'ପ୍ରଜାବନ୍ଧୁ' ନାମରେ ଏକ ପତ୍ରିକା 'ରମ୍ଭା ପ୍ରେସ୍'ରୁ ପ୍ରକାଶ କଲେ । ସେଥିରେ 'ଗଂଜାମ ସମ୍ମିଳନୀ' ସମ୍ବନ୍ଧରେ ନିୟମିତ ଲେଖାମାନ ପ୍ରକାଶ ପାଉଥିଲା ।

ମାର୍ଚ୍ଚ ମାସ ୭ ତାରିଖ,୧୯୦୩ ମସିହାରେ ମଧୁବାବୁ, ମୟୂରଭଂଜ ରାଜା, କେନ୍ଦୁଝର ରାଜା, କନିକା ରାଜା ଓ ହରିହର ମର୍ଦ୍ଦରାଜଙ୍କୁ ନେଇ ନିଜ ବାସଭବନରେ ଆଲୋଚନା ସହ ଏକ ଜାତୀୟ ସଭା ଗଂଜାମରେ କରିବାପାଇଁ ହରିହର ମର୍ଦ୍ଦରାଜଙ୍କୁ ଅନୁରୋଧ କରିଥିଲେ । ଫଳସ୍ୱରୂପ ଏପ୍ରିଲ ୧୧, ୧୨ ଓ ୧୩ ତିନିଦିନ ଧରି ବ୍ରହ୍ମପୁରଠାରେ ପ୍ରଥମ ଗଂଜାମ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ଏହି ସମ୍ମିଳନୀରେ କଟକରୁ ଛଅଜଣ, ପୁରୀରୁ ଚାରିଜଣ, ବାଲେଶ୍ୱରରୁ ତିନିଜଣ, ଓ ସମ୍ବଲପୁରରୁ ଦୁଇଜଣ ପ୍ରତିନିଧିଙ୍କ ସହିତ ବହୁ ବିଶିଷ୍ଟ ବ୍ୟକ୍ତି ଯେମିତିକି ମଧୁସୂଦନ ଦାସ, ରାଧାନାଥ ରାୟ, ବିଶ୍ୱନାଥ କର, କବି ନନ୍ଦକିଶୋର ବଳ, ଗୋପାଳଚନ୍ଦ୍ର ପ୍ରହରାଜ, ବକ୍ସି ଲୋକନାଥ ବିଦ୍ୟାଧର, ଫକୀରମୋହନ ସେନାପତି, ଶଶୀଭୂଷଣ ରାୟ, ଗୋପବନ୍ଧୁ ଦାସ ପ୍ରମୁଖ ପାଞ୍ଚଶହ ସଭ୍ୟ ଯୋଗଦେଇଥିଲେ । ଏହି ସମ୍ମିଳନୀରୁ ଜନ୍ମ ନେଇଥିଲା 'ଉତ୍କଳ ସମ୍ମିଳନୀ' । ଅନ୍ୟ ରାଜା-ମହାରାଜାଙ୍କ ଭଳି ଖଲ୍ଲିକୋଟ ରାଜାଙ୍କ ସକ୍ରିୟ ସହଯୋଗ ମଧୁବାବୁଙ୍କୁ ପ୍ରୋତ୍ସାହିତ କରିଥିଲା ।

ଡିସେମ୍ବର ମାସ ୩୦ ତାରିଖ, ୧୯୦୩ରେ 'ଉତ୍କଳ ସମ୍ମିଳନୀ'ର ପ୍ରଥମ ଅଧିବେଶନ କଟକର ଇଦଗା ପଡ଼ିଆରେ ମହାରାଜା ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ 'ଉତ୍କଳ ସାହିତ୍ୟ ସମାଜ'ର ବାର୍ଷିକ ଅଧିବେଶନ ମଧ୍ୟ ପାଳିତ ହୋଇଥିଲା । ଗଡ଼ଜାତ ରାଜା ମହାରାଜାଙ୍କ ସହିତ ହରିହର ମର୍ଦ୍ଦରାଜ, ବାଲେଶ୍ୱରର ବୈକୁଣ୍ଠନାଥ ଦେ'ଙ୍କ ସମେତ ବହୁ ଜମିଦାର, ବ୍ୟବସାୟୀ ଉପସ୍ଥିତ ଥିଲେ । ଏହି ସମ୍ମିଳନୀପରେ ରାଜା ହରିହରଙ୍କ ଜୀବଦ୍ଦଶାରେ ୧୯୦୪, ୧୯୦୬, ୧୯୦୭ ଖ୍ରୀଷ୍ଟାବ୍ଦରେ ମଧ୍ୟ ଆହୁରି ତିନୋଟି ବୈଠକ ବସିଥିଲା । ମାତ୍ର ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ହେବା ସେ ଦେଖିପାରିନଥିଲେ; ୧୯୦୯ ମସିହାରେ ତାଙ୍କ ଦେହାନ୍ତ ହୋଇଥିଲା । ପରେ ରାଣୀ କନକମଂଜରୀ ଦେବୀ ନିଜେ ଜଣେ ସଂସ୍କୃତିପରାୟଣା ବ୍ୟକ୍ତିତ୍ୱ ହୋଇଥିବାବେଳେ ନାବାଳକ ପୁତ୍ର ରାମଚନ୍ଦ୍ରଙ୍କୁ ମଧ୍ୟ ସଂସ୍କୃତିବନ୍ତ କରି ଗଢ଼ିତୋଳିଥିଲେ । ୧୯୧୧ ମସିହାରେ ପୁତ୍ର ରାମଚନ୍ଦ୍ରର ଉପନୟନ କରି ମାନ୍ଦ୍ରାଜ ପଠାନ୍ତି ଉଚ୍ଚଶିକ୍ଷାଲାଭ ନିମନ୍ତେ ।

ପ୍ରଜାନୁରଂଜକ ରାମଚନ୍ଦ୍ର ୧୯୨୧ ମସିହାରୁ ଶାସନଭାର ଗ୍ରହଣକରି ବହୁଉନ୍ନତିମୂଳକ କାର୍ଯ୍ୟ କରିପାରିଥିଲେ । ନାରୀଶିକ୍ଷାର ବିକାଶ ପାଇଁ ବାଳିକା ବିଦ୍ୟାଳୟ ସ୍ଥାପନ ସହ ଖଲ୍ଲିକୋଟ କଲେଜର ବହୁବିଧ ଉନ୍ନତି ସାଧନ କରିବାରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ବିଶେଷ ନିଷ୍ଠା ରହିଥିଲା । ପିତା ହରିହର ମର୍ଦ୍ଦରାଜଙ୍କ ଆଦର୍ଶରେ ଅନୁପ୍ରାଣିତ ପୁତ୍ର ରାମଚନ୍ଦ୍ର ପିତାଙ୍କ ଅଧୁରା କାମସବୁକୁ ହାତକୁ ନେଇଥିଲେ । ୧୯୨୪ମସିହାରେ ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ରମ୍ଭା ବଙ୍ଗଳାରେ 'ଫିଲିପ ଡଫ୍ କମିଶନ'ଙ୍କୁ ନିମନ୍ତ୍ରିତ କରି ବିଭିନ୍ନ ବ୍ୟକ୍ତିବିଶେଷଙ୍କ ସାକ୍ଷ୍ୟ ଗ୍ରହଣ ସହ ଓଡ଼ିଆ ଭାଷାଭାଷୀ ଅଂଚଳକୁ  ଏକ ଶାସନାଧୀନ କରିବାଲାଗି  ଦାବି ଉପସ୍ଥାପନ କରିଥିଲେ । କମିଶନ ଉପରୋକ୍ତ ପ୍ରତ୍ୟକ୍ଷ ସାକ୍ଷ୍ୟ ଆଧାରରେ ସରକାରଙ୍କୁ ରିପୋର୍ଟ ଲେଖି ଜୟପୁର, ପାରଳାଖେମୁଣ୍ଡି, ଶେରଗଡ଼, ବ୍ରହ୍ମପୁର, ଖଲ୍ଲିକୋଟ, ଚିକିଟି, ହୁମା, ବିରୁଳି, ଧରାକୋଟ, ପାଲୁରୁ ଆଦି ଅଂଚଳ ଓଡ଼ିଶାରେ ମିଶାଇଦେବାପାଇଁ ଜଣାଇଥିଲେ । ୧୯୨୫ ମସିହା ବେଳକୁ 'ଦେଶମିଶ୍ରଣ ଆନ୍ଦୋଳନ'ରେ ଭାଗନେଉଥିବା ନେତୃବ୍ୟକ୍ତିଗଣ ଦୁଇଗୋଟି ଗୋଷ୍ଠୀରେ ପରିଣତ ହୋଇଥିଲେ । ଗୋଟିଏ ଗୋଷ୍ଠୀ କଂଗ୍ରେସ ବିରୋଧୀ ସତ୍ୟାଗ୍ରହୀ ଓ ସ୍ୱାଧୀନତା ସଂଗ୍ରାମୀ ହୋଇଥିବା ବେଳେ ଦ୍ୱିତୀୟ ଗୋଷ୍ଠୀଟି 'ଓଡ଼ିଶା ନିର୍ମାଣ'ର ସମର୍ଥକ ଥିଲେ ।

ଭାରତର ବହୁ ରାଜା ଓ ଜମିଦାରଙ୍କ ପରି ରାଜା ରାମଚନ୍ଦ୍ର ଦ୍ୱିତୀୟ ଗୋଷ୍ଠୀଭୁକ୍ତ ଥିଲେ । ସେ ଅନୁଭବ କରିଥିଲେ ଯେ, ଇଂରେଜମାନଙ୍କ ବିରୁଦ୍ଧାଚରଣ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ସମ୍ଭବ ନୁହେଁ । ପରେ ଇଂରେଜ ସରକାର ସମଗ୍ର ଦେଶରେ ଶାସନ ସଂସ୍କାର ପାଇଁ ୧୯୨୮ ଖ୍ରୀଷ୍ଟାବ୍ଦରେ 'ସାଇମନ୍ କମିଶନ' ଗଠନ କଲେ । କଂଗ୍ରେସ ଦଳ କମିଶନକୁ ସଂପୂର୍ଣ୍ଣ ବର୍ଜନ କରିବା ସତ୍ତ୍ୱେ ରାମଚନ୍ଦ୍ର ମର୍ଦ୍ଦରାଜ, କନିକାରାଜା ରାଜେନ୍ଦ୍ର ନାରାୟଣ ଭଞ୍ଜଦେବ, ମଧୁବାବୁ ଓ ବ୍ରଜସୁନ୍ଦରଙ୍କ ସହ ପାରଳା ମହାରାଜା କୃଷ୍ଣଚନ୍ଦ୍ର ଦେବ ସାଇମନ କମିଶନର ସ୍ୱାଗତ ସହ ସ୍ମାରକପତ୍ର ପ୍ରଦାନ କଲେ । କମିଶନ ଏହି ଦାବିପତ୍ରର ଯୁକ୍ତିଯୁକ୍ତତା ହୃଦୟଙ୍ଗମ କରି ଏକ ରିପୋର୍ଟ ପ୍ରସ୍ତୁତ କରିବା ସହ ଏକ କମିଟି ଗଠନ

କଲେ । ସେହି କମିଟି ଖଡ଼ିଆଳ, ଅନୁଗୁଳ ଓ ସିଂହଭୂମି ଅଂଚଳ ସମେତ 'ଓଡ଼ିଶା ପ୍ରଦେଶ ଗଠନ' ସପକ୍ଷରେ ମତ ଦେଇଥିଲେ ବୋଲି ଜଣାଯାଏ ।

୧୯୩୧ ମସିହାରେ ପ୍ରଥମ ଗୋଲଟେବୁଲ୍ ବୈଠକରେ ରାଜା ମହାରାଜାଙ୍କ ତରଫରୁ ପାରଳା ମହାରାଜା ପ୍ରତିନିଧିତ୍ୱ କରି ଓଡ଼ିଆ ଭାଷାଭାଷୀ ଅଂଚଳକୁ ନେଇ ସ୍ୱତନ୍ତ୍ର ପ୍ରଦେଶ ଗଠନ ଲାଗି ଦୃଢ଼ ଦାବି ଉପସ୍ଥାପନ କରିଥିଲେ । ଦ୍ୱିତୀୟ ଗୋଲ୍ ଟେବୁଲ୍ ବୈଠକରେ ଓଡ଼ିଶାର ସୀମା ନିର୍ଦ୍ଧାରଣ ପାଇଁ 'ଓଡ଼ନେଲ୍ କମିଟି' ୪୧୦ଜଣଙ୍କଠାରୁ ଲିଖିତ ମତାମତ ସଂଗ୍ରହ କରିଥିଲେ । ଜୟପୁର ବ୍ୟତୀତ ସୁନପୁର, ପାରଳାଖେମୁଣ୍ଡି ସମେତ ଗଂଜାମର ଉତ୍ତରାଞ୍ଚଳକୁ ନୂତନ ଓଡ଼ିଶା ପ୍ରଦେଶରେ ମିଶାଇବାକୁ ରିପୋର୍ଟରେ ସୁପାରିଶ କଲେ ।  ଏହି ରିପୋର୍ଟ ପ୍ରକାଶିତ ହେବାପରେ ରାମଚନ୍ଦ୍ର ମର୍ଦ୍ଦରାଜଙ୍କ ଦ୍ୱାରା 'ସ୍ୱତନ୍ତ୍ର ଉତ୍କଳ ସମ୍ମିଳନୀ' ଅଧିବେଶନ ୨୦.୦୮.୧୯୩୨ ତାରିଖରେ ବ୍ରହ୍ମପୁରଠାରେ ଅନୁଷ୍ଠିତ ହୋଇଥିଲା । ସେହି ବର୍ଷ ଡିସେମ୍ବର ୧୭ ତାରିଖରୁ ଲଣ୍ଡନଠାରେ ଅନୁଷ୍ଠିତ 'ତୃତୀୟ ଗୋଲ୍ ଟେବୁଲ୍ ବୈଠକ' ବସିଥିଲା । ରାମଚନ୍ଦ୍ର ମର୍ଦ୍ଦରାଜ ଉକ୍ତ ବୈଠକରେ ଦକ୍ଷିଣଭାରତ ଜମିଦାରମାନଙ୍କ ତରଫରୁ ପ୍ରତିନିଧିତ୍ୱ କରି ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଯୁକ୍ତି ଉପସ୍ଥାପନ କରିଥିଲେ । ୨୪.୦୮.୧୯୩୨ ମସିହାରେ ବୈଠକର ସଭାପତି ଲର୍ଡ଼ ସାଙ୍କୀ ଘୋଷଣା କଲେ ଯେ, ଓଡ଼ିଶା ନିଶ୍ଚିତ ଭାବରେ ଏକ ସ୍ୱତନ୍ତ୍ର ପ୍ରଦେଶ ରୂପେ ମାନ୍ୟତା ପାଇବ । ବୈଠକର ଏହି ନିଷ୍ପତ୍ତି ଓଡ଼ିଶାରେ ଓଡ଼ିଆମାନେ ଜାଣି ଆନନ୍ଦିତ ହୋଇ ରାମଚନ୍ଦ୍ରଙ୍କ ନିକଟକୁ ଅଜସ୍ର ଅଭିନନ୍ଦନ ବାର୍ତ୍ତା ପଠାଇଥିଲେ । ଶେଷରେ ୧୯୩୫ ମସିହାରେ ଭାରତ ଶାସନ ବିଧି ଅନୁଯାୟୀ, ୧୯୩୬ ମସିହା ଏପ୍ରିଲ୍ ୧ ତାରିଖରେ ବାଲେଶ୍ୱର, କଟକ, ପୁରୀ, ଗଞ୍ଜାମ, କୋରାପୁଟ ଓ ସମ୍ବଲପୁର ଜିଲ୍ଲାକୁ ନେଇ ଭାରତ ମାନଚିତ୍ରରେ 'ଓଡ଼ିଶା' ଏକ 'ସ୍ୱତନ୍ତ୍ର ଭାଷାଭିତ୍ତିକ ରାଜ୍ୟ' ରୂପେ ସ୍ୱୀକୃତି ପାଇଲା । ଆମ ରାଜ୍ୟ ଓଡ଼ିଶା ଏଭଳି ସ୍ୱତନ୍ତ୍ର ଓ ବିରଳ ଗୌରବ ଅର୍ଜନ କରିବାରେ ସମଗ୍ର ଭାରତବର୍ଷରେ ପ୍ରଥମ ।

ଠଠଠ

**ସହାୟକ ଗ୍ରନ୍ଥସୂଚୀ :**


- ଆଚାର୍ଯ୍ୟ, ପଣ୍ଡିତ ଗୌରୀଶଙ୍କର - ଗୌରୀଶଙ୍କର ଗ୍ରନ୍ଥାବଳୀ(୨ୟ ଖଣ୍ଡ), ବାଣୀ ପ୍ରେସ୍, କଟକ, ପ୍ରଥମ ପ୍ରକାଶ-୨୦୧୯ ।
- ପଟ୍ଟନାୟକ, ପ୍ରତାପଚନ୍ଦ୍ର - ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଖଲ୍ଲିକୋଟର ଭୂମିକା-ଅନ୍ନପୂର୍ଣ୍ଣା ପ୍ରିଣ୍ଟିଂ ପ୍ରେସ୍, ବୁଗୁଡ଼ା, ୨୦୧୧ ।
- ପଟ୍ଟନାୟକ, ସୁଗୁଣା ଏବଂ ପାଣିଗ୍ରାହୀ, ଡ.ବିବେକାନନ୍ଦ(ସଂପାଦନା) - ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ସ୍ମାରକୀ ବକ୍ତୃତାମାଳା, ହିଂଜିଳିକାଟୁ ମହାବିଦ୍ୟାଳୟ, ଗଞ୍ଜାମ, ୨୦୦୬ ।
- ମହାପାତ୍ର , କେଦାର ନାଥ - ଖୁରୁଧା ଇତିହାସ, ଗ୍ରନ୍ଥମନ୍ଦିର, କଟକ, ପ୍ରଥମ ସଂସ୍କରଣ, ୧୯୬୯ ।
- ମହାପାତ୍ର, ପଣ୍ଡିତ ବାଇକୋଳି - ଓଡ଼ିଶା ଇତିହାସରେ ଖଲ୍ଲିକୋଟର ସ୍ଥାନ, ଫେଣ୍ଡସ୍ ପବ୍ଲିଶର୍ସ, କଟକ, ୧୯୮୧ ।

- Pattanayak, Dr. A. K & Padhy Major R.R - History & culture of khallikote, Raja Ramachandra Mardaraj Deo Memorial Lecture, Science College, Hinjilicut, Ganjam, 2008.
- Mahatab, Dr. Harekrushna - History of Freedom Movement
- Mahatab, Dr. Harekrushna - History of Orissa, Vol.01
- ମର୍ଦ୍ଦରାଜ, ଦକ୍ଷିଣ ଓଡ଼ିଶା ସ୍ୱାଧୀନତା ସଂଗ୍ରାମ ବିଶେଷାଙ୍କ, ଖଲ୍ଲିକୋଟ ସାଂସ୍କୃତିକ ଅନୁଷ୍ଠାନ,୨୦୦୯ ।
- ମର୍ଦ୍ଦରାଜ, ଖଲ୍ଲିକୋଟ ଗଡ଼ଜାତ ବିଶେଷାଙ୍କ, ଖଲ୍ଲିକୋଟ ସାଂସ୍କୃତିକ ଅନୁଷ୍ଠାନ,୨୦୧୯ ।


ଃଃଃ


ଡକ୍ଟର ଶର୍ମିଷ୍ଠା ମହାପାତ୍ର, ଏମ୍.ଏ, ଏମ୍.ଫିଲ୍, ପିଏଚ୍.ଡ଼ି (ଓଡ଼ିଆ), ସହକାରୀ ପ୍ରାଧ୍ୟାପିକା, ଓଡ଼ିଆ ବିଶ୍ୱବିଦ୍ୟାଳୟ, । ରୁଚି : କବିତା, ଗପ, ସମାଲୋଚନା, ପୁସ୍ତକ ସମୀକ୍ଷା ଲେଖିବା ସହ ସାକ୍ଷାତକାର, ଗବେଷଣା ପ୍ରକଳ୍ପ, ପତ୍ରିକା ସଂପାଦନା, ବିଭିନ୍ନ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମିଳନୀ ଓ କର୍ମଶାଳାରେ ପ୍ରବନ୍ଧ ଉପସ୍ଥାପନା । ପ୍ରକାଶିତ ପୁସ୍ତକ : ଜୀବନ ଜ୍ୟାମିତି, ଅବଳାର ଆୟୁଷ (କବିତା ସଂକଳନ); ଧିଷଣା ପତ୍ରିକା 'ଶିକ୍ଷା ସଳିତା' ପ୍ରକାଶନ ଓ ସଂପାଦନା; ପ୍ରବନ୍ଧ ସଙ୍କଳନ ଓ ସମାଲୋଚନାମାନ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ । ପୁରସ୍କାର : ଓଡ଼ିଶା ଲେଖିକା ସଂସଦରୁ ଗବେଷକ ସମ୍ମାନ, ଚେତାବନୀ ସାହିତ୍ୟ ସଂସଦରୁ କବିତା ସମ୍ମାନ, ଓଡ଼ିଶା ସଂସ୍କୃତି ବିଭାଗ ତରଫରୁ ସମ୍ବର୍ଦ୍ଧନା ପ୍ରାପ୍ତ । ସମାଜରୁ ସାଉଁଟି ପାରିଥିବା ଅନୁଭୂତିକୁ ପୁଞ୍ଜି କରି ନିଜ ସାହିତ୍ୟ ସର୍ଜନାକୁ ବଳିଷ୍ଠ କରିବାର ପ୍ରୟାସ ରଖନ୍ତି । ଓଡ଼ିଶାର ନୂଆ ତଥା ସ୍ଥାନୀୟ ପରମ୍ପରା, ଭାଷା ଓ ସଂସ୍କୃତି ଉପରେ ଅଧିକ ଗବେଷଣା କରିବାକୁ ଆଗ୍ରହୀ । ସତ୍ୟବାଦୀ, ପୁରୀରେ ରହନ୍ତି ।



ଃଃଃ

# Landscapes

SRUJAN
The Creativity Journal
Srujan ISSN 2976-9329

Shreyan Kar











.



∞∞∞

Shreyan Kar, MBChB, loves painting and photography. He has captured few interesting landscapes in the western beaches in the UK.

∞∞∞

# ପଥ  ଓ ପଥିକ

Srujan ISSN 2976-9329

## ପୀୟୂଷ ପଟ୍ଟନାୟକ

ପଚାରେ ରାସ୍ତା,
ବନ୍ଧୁ ପଥିକେ
କେଉଁ ଦିଗନ୍ତୁ ଆସ
ରୁକ୍ଷ ଏ ଧରା,
ଶୁଷ୍କ ଏ ମରୁ
ତପ୍ତ ବାଲୁକା ତ୍ରାସ
କେଉଁ ଦିଗେ ଆଉ
ଯିବ ଗୋ ବନ୍ଧୁ
ଏକୁଟିଆ ଏତେ ଦୂର
ଚାଲିବାକୁ ସାଥେ
ପାଇବନି କାରେ
ନିର୍ଜନ ମରୁ ଝର
ଉତ୍ତପ୍ତ ଭୂଇଁ
ଶୁଷ୍କ ବନାନୀ
ପାରିବେନି ଦେଇ ଛାଇ
ମରୀଚିକା ଦେଶେ
ତୃଷାର୍ତ୍ତାବେଶେ
ପାରିବ କି ସତେ ଜିଇଁ
ରାସ୍ତା ତ ଏଠି
ଲମ୍ବିଛି କାହିଁ
ମୋତେ ବି ତ ଜଣା ନାହିଁ
ଅନିର୍ଦ୍ଧିଷ୍ଟ ଏ
ନିର୍ଜନ ପଥେ
ଚାଲିବଟି ଏକା ହୋଇ
ରାତ୍ରୀ ତ ଏଠି
ଅନ୍ଧକାରର
ସାନ୍ଦ୍ର ଗହଳୋଚ୍ଛ୍ୱାସ

ତାରକା ରହିତ
ଆକାଶେ  ବ୍ୟାପ୍ତ
 କୃଷ୍ଣ ଗର୍ତ୍ତ ... ତ୍ରାସ
ଏତେ ଅନ୍ଧାରେ
ପାରିବ କି ଚାଲି
 ଶୀର୍ଣ୍ଣ ଏ ଦେହ ଧରି
ଅନ୍ତହୀନ ଏ
ଯାତ୍ରା ପଥରେ
 ଜୀର୍ଣ୍ଣ ଶକଟ ପରି
ପଥିକ କହଇ
ରାସ୍ତା ହେ ଶୁଣ
 ନିର୍ଜନ ମରୁ ଦେଶେ
ତୁମେ ତ ମୋହର
ସଖା ସହୋଦର
 ଦୀର୍ଘ ଏ କାରାବାସେ
ତୁମେ ଶୁଣାଇବ
ଅବିନଶ୍ୱର
 ମଧୁର ବଂଶୀ ସ୍ୱନ
ଯାତ୍ରା ଲକ୍ଷ
କ୍ଳାନ୍ତି ଅଳିକେ
 ନେବ ଗୋ ନିର୍ବାସନ
ପାରିବି ମୁଁ ଚାଲି
କ୍ଳାନ୍ତି ମୋ ଭୁଲି
 ସେଇ ଗନ୍ତବ୍ୟ ଧାରେ
ମୋ ପାଇଁ ଲିଖିତ
ହୋଇଛି ଗୋ
 ଯାହା ଜନ୍ମ ପଞ୍ଜିକାରେ
ଢଢଢ

# ଏଇ ଦିନ ଏଇ ରାତି

Srujan ISSN 2976-9329

**ପୀୟୂଷ ପଟ୍ଟନାୟକ**

ଜହ୍ନ ଉଠିଛି ଆଜି ସବୁଦିନ ପରି
ଶୁଭ୍ର ଆଲୋକ ରୌପ୍ୟ ଚାଦର ପାରି
ରୁକ୍ଷ ମରୁର ଧୂସର ବସ୍ତ୍ରାଞ୍ଚଳେ
ତପ୍ତ ବାଲିରେ ଚନ୍ଦନ ଲେପ ଧରି ll

ମରୁଦ୍ୟାନର ଖଜୁରୀ ଗଛର ତଳେ
ଆଗାମୀ କାଲିର ସ୍ୱପ୍ନ ନଦେଖେ ସିଏ
ମଦିରା ବିଳାସୀ ବେଦୁଇନ ଅଧରରେ
ଦ୍ରାକ୍ଷା ରସର ପିଆଲା ଶୁଷ୍କ ହୁଏ ll

ହଳଦୀ ହାତରେ, ବୁର୍ଖାରେ ଦୁଇ ଆଖି
ଦିନାନ୍ତେ ଆଣି ଯୱାର ରୁଟିର ଥାଳି
ଭରିଦେଇ ଯେତେ ଦ୍ରାକ୍ଷା ଗୋ ପିଆଲାରେ
ପୋଛିବ ଲଲାଟୁ ବେଦନାସିକ୍ତ ଧୂଳି ll

ଶୁଆଇ ଦେବ ଗୋ ତାରକା ଖଚିତ ଏଇ
ଆକାଶର ତଳେ, ଉଷ୍ମ ବାଲୁକା ପରେ
ଦିଗନ୍ତ ବ୍ୟାପୀ ଶୀତଳ ଅନ୍ଧକାରେ
ଓଠରେ ତପ୍ତ ଚୁମ୍ବନ ଦେଇ ଧୀରେ ll

ଆଜି ରାତି ବୋଧେ ଶେଷ ଏଇ ଜୀବନରେ
ଆସନ୍ତା କାଲି, ମନରୁ ଗୋ ପୋଛି ଦେଇ
ଗାଇନିଅ ଯେତେ ଜୀବନ ଗୀତିକା ଆଜି
କାଲିର ଠିକଣା କିଏ ବା ପାରିବ କହି ll

ବାଣ୍ଟି ଦିଅ ଆଗୋ ସବୁ ପ୍ରେମ ସବୁ ସ୍ନେହ
ଏତେ ଦିନ ଯାହା ରଖିଛ ହୃଦୟେ ସଞ୍ଚି

ନାହିଁ ଯଦି କିଛି ଉଧାର ସୂତ୍ରେ ଆଣି
ଚାରି ପଟେ ତୁମ ସଦୟେ ଦିଅ ଗୋ ବିଞ୍ଚି ll

ଫେରିବନି ଆଉ ଏଇ ଦିନ ଏଇ ରାତି
ରହିବେନି ତୁମ ପାଶେ ଆଉ କେହି ଜଣେ
ଏକୁଟିଆ ତୁମେ ଯାତ୍ରୀ ଗୋ କାଲି ଠାରୁ
ଏ ମରୁ ପ୍ରଦେଶେ ଦୀର୍ଘ ପଥରେ, କ୍ଷଣେ ll

∞∞∞

# ତୁମ ଘର ତୁମଗାଁ : ସୂର୍ଯ୍ୟାସ୍ତ

SRUJAN
The Creativity Journal
Srujan ISSN 2976-9329

**ପୀୟୂଷ ପଟ୍ଟନାୟକ**

ଦୂରାଗତ ପକ୍ଷୀଙ୍କର ଡେଣାରେ କି ସୁବର୍ଣ୍ଣର ରଙ୍ଗ
ଦୋଳାୟିତ ଚକ୍ରାକାର ସେମାନଙ୍କ ଉଡ଼ିବାର ଢଙ୍ଗ
ତୁମ ଗାଁ ସୀମାନ୍ତରେ କାକଳିତ ଘେରରେ ସେ ବୃକ୍ଷ
ସୂର୍ଯ୍ୟାସ୍ତରେ ପକ୍ଷୀଙ୍କର ଦିନ ଶେଷେ ଫେରିବାର ପକ୍ଷ

ପଶ୍ଚିମ ଆକାଶେ କେତେ ଫେଣ୍ଟାଫେଣ୍ଟି ରଙ୍ଗର ବୈଚିତ୍ର
ସେ ଅବୋଧ ପରିଭାଷା  ବୁଝେନା ତ କେଉଁ ଚିତ୍ରକର
ସେ ଅବା ପ୍ରତିଫଳନ ସୂର୍ଯ୍ୟଙ୍କର ମାନବେ ସଂପ୍ରୀତି
ଏ ମନୁଷ୍ୟ ଜାତି ପାଇଁ ଅହେତୁକ ସସ୍ନେହ ବିଭୂତି

ଚାଳ ଛପରର ଘର ରନ୍ଧ୍ର ଦେଇ ଆଲୋକର ରେଖା
ସେ ରେଖାରେ ଆନ୍ଦୋଳିତ ଧୂଳିକଣା ଯେହ୍ନେ ବହ୍ନିଶିଖା
ଠାବେ ଠାବେ ଦିଶିଯାଏ ଅନ୍ଧକାରେ କିଞ୍ଚିତ ଆଲୋକ
ସୂର୍ଯ୍ୟାସ୍ତରେ  ସୂର୍ଯ୍ୟଙ୍କର ଅହେତୁକ ପ୍ରୀତିର ଝଲକ

ନଦୀର ଜଳରେ ଧୀରେ ନିଷ୍ପ୍ରଭିତ ଆଲୋକର ବିମ୍ବ
ଅନ୍ଧାର ଆଲୁଅ ମଧ୍ୟେ ଦୋଳାୟିତ ଲହରୀର  ରଙ୍ଗ

କିଆରି କିଆରି ଧାନ କ୍ଷେତ ତୁମେ ଉଦାସ ପବନ
ଥମିଯାଏ ଗାଁ  ଦାଣ୍ଡେ  କୋଳାହଳ ନିରବ ମଉନ

ଦିଗବଳୟେ ଦୃଶ୍ୟମାନ ଅସ୍ତସୂର୍ଯ୍ୟ କ୍ଷୁଦ୍ର ଅବୟବ
କାଲିର ଯେ ସୂର୍ଯ୍ୟୋଦୟ ଆଣି ଦେବ ଉଲ୍ଲାସ ବିଭବ

ꝏꝏꝏ

ପୀୟୂଷ ପଟ୍ଟନାୟକ ଭୁବନେଶ୍ୱରରେ ରହନ୍ତି । ଭାରତୀୟ ରାଜସ୍ୱ ସେବାରୁ ଅବସର ଗ୍ରହଣ ପରେ କବିତା ରଚନାରେ ସମ୍ପ୍ରତି ମନୋନିବେଶ କରିଛନ୍ତି । ତାଙ୍କର ଅନେକ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି ।

ꝏꝏꝏ

# ପେନୁ

Srujan ISSN 2976-9329

**ପଲ୍ଲୀଶ୍ରୀ ପଟ୍ଟନାୟକ**

ସଂସାରଟା ବିଷ ଲାଗୁଛି, ସବୁ ସମ୍ପର୍କ ଯେମିତି ବିକଳାଙ୍ଗ ହେଇଯାଇଛନ୍ତି, ପୋଡ଼ିଯାଇଛନ୍ତି ସମୟ ନିଆଁରେ ।

ଓଃ, କେତେ ଏକେଲା ସେ, ସବୁଥାଇ ବି ନିଃସ୍ୱ, ଯୁଆଡ଼େ ଚାହିଁଲେ ସମସ୍ତେ ସ୍ୱାର୍ଥପର ପରି ଲାଗୁଛନ୍ତି । ଅମିତାଭ ଯେମିତି ଦୁନିଆର ସବୁ ମଣିଷଙ୍କ ପ୍ରତିନିଧି ହେଇ ଠିଆହୋଇଛି, କାହିଁକି ଏମିତି କଲା ସେ ?

ତା'ର ସ୍ତ୍ରୀ ଅଛି, ଛୁଆ ଅଛି, ପରିବାର ଅଛି ତା'ହେଲେ ସେ କିଏ ? କେଉଁଠି ତା'ର ସ୍ଥିତି ?

ପୂରା ତିନିବର୍ଷ ତା'ସହ ରହି ଏତେଟିକିଏ ବି ସେ କିଛି ଜାଣିପାରିନି; ଅବଶ୍ୟ ଆଜିର ଜେନେରେସନ ପରି ସେମାନେ କେବେ ଘଣ୍ଟାଘଣ୍ଟା କଥା ହୁଅନ୍ତିନି, ଅଫିସରେ ତ ଜଷ୍ଟ ସାଙ୍ଗପରି ଆଉ ମେସେଜ ଇତ୍ୟାଦି ପାଇଁ ସେମାନଙ୍କର ନାଁ ସମୟ ଥାଏ ନାଁ ଇଚ୍ଛା । ବେଳଅବେଳରେ କେବେକେବେ ଛୁଟିଦିନରେ ଆସେ ସେ । ଥରେ ତ ରାତି ବାରଟା ପନ୍ଦରରେ ପହଂଚିଗଲା ଯେ..... ସାରା ରାତି ଶୁଆଇଦେଲାନି, ଭୋରୁ ଟିକେ ଆଖି ଲାଗିଛି ଯେ ଉଠିବା ବେଳକୁ ନାହିଁ ସେ । କଥା ତ କୁହେନି କେବେ, ବହୁତ ଚୁପଚାପ ପିଲାଟା..... ଉତ୍ତର ବି ହଁ, ନାଇଁରେ ଦିଏ, ପଚାରିବ କ'ଣ !

ଘରେ ବାହାଘର ପ୍ରେସର୍, ଚାକିରି ତିନିବର୍ଷ ହେଲାଣି, ବାଙ୍ଗାଲୋର ସହରରେ ଏକା ସେ, ପ୍ରପୋଜାଲ କେତେ ନାଇଁ କେତେ ଗଦା ହେଉଚି ।

ଆଜି ସାହସ କରି କ୍ୟାଣ୍ଟିନରେ କଫି ପିଇବାକୁ ଡାକି କହିଲା.... ଘରେ ବାହାଘର କଥା ଉଠିଲାଣି..! ପୂରା ସ୍ଥିର, ଅବିଚଳିତ ରହି କଫି କପର ଧୂଆଁକୁ ସାମ୍ନାରେ ରଖି ସେ କହିଲା.... ବାହା ହେଇଯା.... ହେଃ ?? କଣ ? କାହାକୁ ବାହାହେବି ଯେ ? ତୁମେ ଘରେ ତ କୁହ, ପ୍ରପୋଜାଲ ଦିଅ ।

ଇଣ୍ଡିଆରେ ଦୁଇଟା ବାହାଘରକୁ ପରମିସନ ନାହିଁ ।

ହ୍ୱାଟ ? କଣ ଯେ କହୁଛ, ନିଜେ ଜାଣିପାରୁଛ ତ !

ବରଫ ପରି ଥଣ୍ଡା କଣ୍ଠରେ ଅମିତାଭ କହିଲା... ମୁଁ ବାହାହେଇଛି, ମୋର ଛୁଆଟେ ଅଛି ଆଉ ଥରେ କେମିତି ବାହାହେବି ?

ଏକଥା ତ କହିନ କେବେ ଆଉ... ମୁଁ ?

“ଦରକାର ପଡ଼ିନି, ତୋ’ସହ ମୋର ସମ୍ପର୍କ ଅଛି, ଇଣ୍ଟେଲେକ୍ଚୁଆଲ ମିଟ୍ ଅଛି । ବାହାଘର ସହ ଏସବୁର ସମ୍ପର୍କ କିଛି ନାହିଁ । ଆମେ ନିଉ ଜେନେରେସନ, ଏସବୁ ବୋଗୋସ କଥା ଭାବି ଦିମାଗ୍ ଭାରି କର’ନା .... କମ’ନ !”, କିଛି ନହେଇଥିବା ପରି ଚାଲିଗଲା ସେ ।

ସୁମିତାର ଇଚ୍ଛା ହେଉଥିଲା ରଡ଼ନ୍ତା.... ଥାପଡ଼ଟେ ମାରନ୍ତା ତା ଗାଲରେ, ହେଲେ ସେ ସ୍ଥାଣୁ ହେଇଗଲା କିଛି ସମୟ । କମ୍ପ୍ୟୁଟର ସ୍କ୍ରିନ ଝାପ୍ସା ଦିଶିଲା, ଗୋଟେ ଆମେରିକାନ୍ ପ୍ରୋଜେକ୍ଟ୍‌ରେ ସେ ହେଡ଼, କାମ ଅପର୍ଯ୍ୟାପ୍ତ କିନ୍ତୁ ସେ କିଛି କରିପାରିଲାନି, ହାଲ୍ଫ ସି.ଏଲ ଲେଖି ଚାଲିଆସିଲା ।

ଟ୍ରାଫିକ ଲାଇଟ୍‌ର ଲାଲ୍‌ବତୀ । ଗାଡ଼ିରଖି କେତେ ନାଇଁ କେତେ କଥା ଭାବିଯାଉଛି ସୁମିତା । ହାତରେ ଷ୍ଟିୟରିଙ୍ଗ୍, ଆଖି ବୁଲାଉଛି ସେ, ଆଗରେ ଅନେକ ଗାଡ଼ି, ପଛରେ ବି ଅନେକ ଥିବେ, ଡାହାଣ ପାଖ ୱଇଣ୍ଡୋ ଗ୍ଲାସ ଦେଇ ଚାହୁଁଚାହୁଁ ଅଚାନକ ତା’ ଛାତି ଥରି ଉଠିଲା !

ଏ’କଣ ? ବୋଧେ ରାହା ଉଠେଇ କାନ୍ଦୁଚି ଛୋଟ ଶିଶୁଟିଏ, ଅତି ଛୋଟ, ଦେଢ଼ ବର୍ଷର ହେଇପାରେ, କାନ୍ଦ ତ ଶୁଭୁନି, ମାତ୍ର ତାକୁ ଧରିଥିବା ଝିଅଟା ବୋଧେ ତାର ଗଭର୍ନେଶ, ତାକୁ ଚୁପ୍‌ଚୁପ୍ କହୁକହୁ ଜୋର୍‌ଜୋର୍‌ରେ ତା ଗାଲରେ, ପିଠିରେ ପିଟି ଯାଉଛି । ଆଗରେ ଗାଡ଼ି ଚଳାଉଥିବା ଡ୍ରାଇଭର, ତା’ ପାଖ ସିଟ୍‌ରେ ବସିଥିବା ଆଉଗୋଟେ ଝିଅ ମଝିରେ ମଝିରେ ପଛରେ ଥିବା ସେ ଦୁଇଜଣଙ୍କୁ ଦେଖୁଛନ୍ତି, ଅଳ୍ପ ବୟସୀ ଝିଅଟି ପିଲାଟିକୁ ପିଟି ମାରିଚାଲିଛି । ବିସ୍କୁଟ ଗୋଟେ ପିଲାଟିର ପାଟିରେ ମାଡ଼ିଦେଲା ଝିଅଟି, ଭ୍ୟାନିଟି ବ୍ୟାଗରୁ ବାହାରକଲା ସିରିଞ୍ଜ୍‌ଟିଏ, ବୋତଲଟିଏ ଆଉ କଅଁଳଶିଶୁଟିର କୁନିବାହୁରେ ମାଡ଼ିଦେଲା । କିଛି ସମୟ ଛଟ୍‌ଛଟ୍ କଲା ପିଲାଟି, ତାପରେ ଢଳିପଡିଲା, ସେ ଝିଅର କୋଳରେ । ଘୃଣାରେ ନାକ କୁଞ୍ଚେଇ ଝିଅଟା ସିଟ୍ ଉପରେ ଗଡ଼େଇଦେଲା ପିଲାଟିକୁ ।

ହର୍ଣ୍ଣର ଘନଘନ ଆବାଜରେ ସେ ସମ୍ବିତ ଫେରିପାଇଲା, କେତେବେଳୁ ଟ୍ରାଫିକ୍ ଲାଇଟ୍ ଗ୍ରୀନ୍ ହେଲାଣି, ସେ ଯେମିତି କଳ୍ପଲୋକର ଦୃଶ୍ୟଟେ ଦେଖୁଥିଲା । ୱାନ ୱେ ଟ୍ରାଫିକ୍ ସେପଟେ ସେ କାର୍‌ଟା ବି ପଳେଇଲାଣି । ତା ଦେହମୁଣ୍ଡରୁ ଝାଳ ବାହାରିଗଲା । ତା କାର୍‌ର ଚକା ଆଗକୁ ଗଡ଼ିଲା ସିନା ମନଟା ବାରମ୍ବାର ସେଇ ଗୋଟିଏ ଦୃଶ୍ୟ ଦେଖୁଥିଲା ।

ଆଦ୍ୟ ଡିସେମ୍ବରର ହାଲକା ହାଲକା ଶୀତର ରାତି !

ଚାବିଖୋଲି ଟୁ ବେଡ଼ରୁମର ଫ୍ଲାଟରେ ପଶି, ସାର୍ଟ ବୋତାମ ଖୋଲୁ ଖୋଲୁ ସେ ଭାବୁଥିଲା - ଏବେ ସେ କଣ କରିବା ଉଚିତ ? ପୋଲିସ୍‌କୁ କହିବ ନା ପିଲାଟିର ବାପାମା’ଙ୍କୁ.... ବହୁତ ହସ ଲାଗିଲା ନିଜ ନିର୍ବୋଧତା ଉପରେ, ନା ସେ ଗାଡ଼ିର ନମ୍ବର ଦେଖିଚି ନା କିଛି ଡିଟେଲ୍ ଜାଣିଛି । ସେ ଝିଅ କିଏ ?

କିଏ ସେ ପିଲା ? ଆହାଃ, କେତେ ଗୁଲୁଗୁଲିଆ ଛୁଆଟା, ରାଜା ପିଲାପରି । କେତେବଡ଼ ଗାଡ଼ିରେ ଯାଉଥିଲା, କିଏ ତାର ବାପା ମା, କେଡ଼େ ନୃଶଂସ, ଛାଡ଼ିଦେଇଛନ୍ତି ଗୋଟେ ରାକ୍ଷସୀ ପାଖରେ ।

ସେଇ ଶୀତରେ ବି ତା' ଦେହରୁ ଗମଗମ ଝାଳ ବାହାରୁଥିଲା । ଛାଡ଼ ସେ ତ ସବୁକାଳେ ବୋକୀ, ସେଇଥିପାଇଁ ତ ଏତେ କଥା ତା'ସହ ହିଁ ହୁଏ ।

ବାଥରୁମରେ ପଶିଲା, ଗୁନଗୁନା ଗରମ ପାଣିରେ ଗାଧେଇଲେ କାଳେ ଥକ୍କାପଣ ଦୂରହୁଏ, ଦିନସାରାର ଅଫିସ ଟେନ୍‌ସନ୍ । ଆଜିକାଲି ସଫ୍ଟୱେରରେ କାମକରିବା ଅତି କଷ୍ଟ ହେଇପଡ଼ିଲାଣି ।

କଲିଂବେଲ କେତେବେଳୁ ବାଜିଚାଲିଛି ।

ବାଥରୁମରୁ ବାହାରି ସେଇ ଟାୱେଲରେ ସେ କବାଟ ପାଖକୁ ଦୌଡ଼ିଗଲା, କାନ୍ଥ ଘଡ଼ିରେ ରାତି ନ' ।

ଆଇ ହୋଲରେ ଦେଖିଲା ଅମିତାଭ ଠିଆ ହୋଇଛି ।

ସବୁ ଶେଷହେବା ପରେ ପୁଣି କାହିଁକି ? ସେ ନିଜେ ହିଁ ଛିଡ଼େଇ ଦେଇଛି ସମ୍ପର୍କର ସବୁ ଗଣ୍ଠି ।

ଫେରିଆସି ନାଇଟିଟିଏ ଗଳେଇ, ଚପଲ ଘୋଷାଡ଼ି ଘୋଷାଡ଼ି କବାଟ ଖୋଲିଲା ସେ ।

ଧସେଇ ପଶିଲା ଅମିତାଭ, କିଛି କହିବା ଆଗରୁ ହିଁ ଜାବୁଡ଼ି ଧରିଲା ତାକୁ, ଓଠରେ ଓଠ ଚାପି ଧରିଲା ତାର, ବହୁତ ଶୋଷ ତାକୁ, ନାଁ ସେ କିଛି କହିବ କହିବ ହେଇ କିଛି କହିପାରୁନି ବିଛଣାକୁ ଟେକିନେଲା, ସବୁଥର ପରି...... ଓଃ, ପରିତୃପ୍ତ । ପୋଷାକ ପିନ୍ଧିନେଇ, ତାର ମୁଣ୍ଡର କେଶକୁ ଟିକେ ଆଉଁଷି, ଛୋଟ ଚୁମାଟିଏ ଦେଲା, ସେ ଆଉଜି ଗଲା ତା ଛାତିରେ, ଅଳ୍ପ କେଶଥିବା ପୁରୁଷ କୁଆଡେ ନାରୀ ମାନଙ୍କର ପସନ୍ଦ ମାତ୍ର ଅମିତାଭର ଛାତି ପୁରା ଫାଙ୍କା, ହେଲେ ତା'ର ତ ଖୁବ ପସନ୍ଦ । ସେ ଆହୁରି ଜଡ଼େଇ ଯାଉଯାଉ, ତାକୁ ଧୀରେ ଗୋଟିଏ କଡ଼କୁ କରିଦେଲା ସେ, ଉଠିଲା, ତା'ହାତକୁ ଖୁବ୍ ଜୋରରେ ଭିଡ଼ି ଧରିଲା ସୁମିତା.....ତୁ ଜାଣିଚୁ ମୋତେ ଯିବାକୁ ହେବ । ତୁମେ ଆଉ ଆସନାହିଁ... ଚିତ୍କାର କଲା ସୁମିତା ଓରଫ ସୁମୀ... ମୁଁ ମନା କରିଥିଲି... କାହିଁକି ଆସିଲ ??? ତୁ ମୋତେ ରୋକି ପାରିବୁ ? ନିଜକୁ ରୋକି ପାରିବୁ ? ଠିକ ଅଛି ଆଉ ଆସିବିନି । ତୁ ଡାକିଲେ ହିଁ ଆସିବି ।

ସେ ଚାଲିଗଲା.....ଲୁଣିଆଲୁହର ଧାର ପିଇବାକୁ ସ୍ତ୍ରୀ ଲୋକଙ୍କୁ କୁଆଡ଼େ ଭଲଲାଗେ, ଆଉ ଛାତି ଭିତରର ଆନନ୍ଦ ଟିକକ ସହ ଦେହର ତୃପ୍ତି ମିଶେଇଦେଲେ ତ ତା' ସ୍ୱାଦ ଆହୁରି ବଢ଼ିଯାଏ ।

ଟିକେ ଆୱାଜ ହେଲା... "ମେସେଜ୍‌ଟେ ଆସିଛି...ତା'ପାଖରୁ... ପ୍ରେମ ଏକ ଭ୍ରମ, ରାସ୍ତା ତୋ'ପାଇଁ ଖୋଲା.... ତୁ ଯୁଆଡ଼େ ବି ଯାଇପାରୁ, ପ୍ରେମ ନକରିପାରୁ, ପ୍ରେମ ବଦଳରେ ପ୍ରେମ ତ ସଉଦା ମାତ୍ର, ପ୍ରେମ ଏକତରଫା ବି ହେଇପାରେ ।"

ଧେତ୍, ଯାହାହେବ ଦେଖାଯିବ । ଏତେ ଚିନ୍ତା କରିପାରିବିନି । ପ୍ରୋଟେକ୍ସନ ତ ନେଉଛନ୍ତି, ଆଗକୁ ଦେଖିବା । ହୋମ ଥିଏଟର ମ୍ୟୁଜିକରୁ ଧୀର ଆବାଜରେ ଶୁଣିଲା...ସଲମା ଆଗାର "ଦୀଲକି ଅରମାନ ଆସୁଓଁ ସେ ବେହେଗେୟା..." ଆଖି ବନ୍ଦକରି ଶୋଉ ଶୋଉ... କାର ଭିତରର ସେ ଗୁଲଗୁଲିଆ ଛୁଆଟା ତା ଆଖି ସାମ୍ନାକୁ ଆସିଲା, କିଏ ଅଧିକ ଅସହାୟ ନିଜେ ନାଁ ସେ ଛୁଆଟି ?

ଗୋଟିଏ ଛୋଟ ନିଦ ମେଡ଼ିସିନ୍ କିଛିଘଣ୍ଟା ପାଇଁ ଆରାମକୁ ଯଥେଷ୍ଟ ।

ସକାଳଟା ସବୁଦିନ ପରି ନଥିଲା ।

କିଛି କରିବାକୁ ଇଚ୍ଛା ବି ହେଉନଥିଲା ।

ଫୋନ୍ ଗ୍ୟାଲେରୀରୁ କିଛି ଫଟୋକୁ ସେ ବାରମ୍ବାର ଦେଖୁଥିଲା, ଅମିତାଭ ଏମିତି କାହିଁକି କଲା ? ଚାହିଁଲେ ବି ସେ ମନମସ୍ତିଷ୍କରୁ ତାକୁ ବାହାର କରିପାରୁନି ବରଂ ବେଶିବେଶି ଏବେ ସେ ତାକୁ ଭାବୁଛି... ଘୃଣା ତ ଦୂରର କଥା ଏବେ ବିଛଣା ତାକୁ ବେଶୀ ମାଡ଼ିବସୁଛି... ଧକା ଓ ଧୋକା ଦେଉଥିବା ପୁରୁଷ କ'ଣ ନାରୀକୁ ବେଶୀ ପସନ୍ଦ ? ହେଲେ ଅମିତାଭ ତାକୁ ଧୋକା ଦେଇନି... ସେ ଠିକ କହିଛି... ଦରକାର ପଡ଼ିନଥିଲା, ସେ କହିନଥିଲା...! ମଣିଷର ଅନ୍ତର୍ମନ ତାକୁ ସୁହାଇଲା ପରି ତ କଥାହୁଏ, ପରାମର୍ଶ ଦିଏ । ଯେତେବେଳେ ଦରକାର ପଡ଼ିଛି ଅମିତାଭ ତା'ଠୁ ହଜାରହଜାର ଟଙ୍କା ନେଇଛି, ଗୋଟିଏ ମେସେଜରେ ସେ ତା' ଆକାଉଣ୍ଟକୁ ଟଙ୍କା ପଠେଇଚି, ଏମିତିରେ ତା'ର ଟଙ୍କା ପଇସାର ପ୍ରାଚୁର୍ଯ୍ୟ ଅଛି, ଘର ଲୋକଙ୍କର ବି ତ ଟଙ୍କାର ଦରକାର ପଡ଼ିନି । ସେ ତାକୁ ସାର୍ଟପ୍ୟାଣ୍ଟ କିଣିଦେଇଛି ଜନ୍ମଦିନରେ, କମ୍ପାନୀ ବୋନସ ପାଇଲେ କିଣିଛି ଅନେକ କିଛି, ଆଉ ଅମିତାଭ ବି କିଣିଦେଇଛି ତାକୁ ଜିନ୍ସ, ଶାଢ଼ୀ, ଘଣ୍ଟା, ପର୍ସ..... କେତେବେଳେ କେମିତି ବାହାରକୁ ଯିବାକୁ କହିଲେ କିନ୍ତୁ ସେ ମନାକରେ, ତାକୁ ଗହଳି ପସନ୍ଦ ନୁହେଁ, ନିଜ ଭିତରେ ସାଙ୍କୁଳି ହୋଇ ରହେ ସିଏ କାଫକା'ଙ୍କ ମେଟାମର୍ଫସିସ୍‌ର ପୋକଟି ପରି । ସେ ବହୁତ ଚୁପ୍‌ଚାପ, ମାପଚୁପ ବ୍ୟବହାର ତାର, କଥାବାର୍ତ୍ତା ଏକ୍‌ଦମ ଜିରୋ, ଅଫିସରେ କେବଳ ହ୍ୟାଲୋ-ହାଏ ଛଡ଼ା ସେ କାହାସହ କଥାହୁଏନି, ସେଇଥିପାଇଁ ତ ସବୁ ପ୍ରୋଜେକ୍ଟରେ ସେ ହେଡ଼ ଆଉ ସବୁ ସଫଳ ପ୍ରୋଜେକ୍ଟ ତାର ହିଁ । ବହୁତ ପ୍ରଶଂସା ସାଉଣ୍ଟେ, କେବଳ ଆଖିରେ ହସି ଜବାବ ଦିଏ କେବେ ହେଲେ ଅଯଥାରେ ଶବ୍ଦ ଖର୍ଚ୍ଚ କରେନି ଓ ଏହି ବ୍ୟକ୍ତିତ୍ୱ ହିଁ ତା ଆଡ଼କୁ ତାକୁ ଟାଣି ନେଇଥିଲା । ସୁମୀର ଲୁହ, ତା'ର ଅଭିମାନ, ତା'ର ରାଗ ସବୁର ଗୋଟିଏ ଉତ୍ତର ନୀରବତା । କେବେ ଲଢ଼େଇ ଝଗଡ଼ା ହେବାର ସମ୍ଭାବନା ହିଁ ନଥିଲା, ପ୍ରେମ ଏକତରଫା ହେଇପାରେ, ଲଢ଼େଇ ନୁହେଁ ।

ବହୁତ ଅନ୍ୟମନସ୍କ ସୁମିତା ଆଜି ଅଫିସରେ ।

କାଚର କ୍ୟାବିନ ଭିତରେ କାହିଁ ଅମିତାଭ ବି ଦିଶୁନି ତ !

ଏଚ.ଆର ରାଇସିଂ ବାବୁ ଆସି ତାକୁ ଗୋଟିଏ ବଡ଼ କାର୍ଡ଼ଟେ ବଢ଼େଇ ଦେଲେ, ଜଣେଇଲେ ଅମିତାଭ ବାବୁ ବହୁତ ସମୟ ଜଗିଥିଲେ ଏବେଏବେ ଅଫିସ୍‌ର ଅନ୍ୟମାନଙ୍କୁ କାର୍ଡ଼ ଦେବାକୁ ଯାଇଛନ୍ତି ।

କି କାର୍ଡ଼ ?

ଆଃ, ସୁନ୍ଦର ଛୁଆଟେ ତ !

ଦ୍ୱିତୀୟ ବର୍ଷ ଜନ୍ମଦିନ ଉତ୍ସବ, କୌଣସି ଏକ ନାମୀ ହୋଟେଲରେ । କାଇଁ ଆର ବର୍ଷ ତ ଏ କାର୍ଡ଼, ଏ ନିମନ୍ତ୍ରଣ ମିଳିନଥିଲା । ଓଃ, ସେ ତ ନଥିଲା ଏ ସମୟରେ, ମମ୍ମିର ଦେହଖରାପ ଶୁଣି ତୁରନ୍ତ ପଳେଇଥିଲା ଓ କିଛିଦିନ ଭୁବନେଶ୍ୱରରେ ରହିଯାଇଥିଲା । ଏ ଅଫିସ ତ ଆଉ ଅନ୍ୟ ସରକାରୀ-ବେସରକାରୀ ଅଫିସ ପରି ନୁହେଁ ଯେ କିଏ କାହାସହିତ ଗପିବ । ଆଇ.ଟି. କମ୍ପାନୀ, ଯିଏ ଯାହାର କାମଧରି, ଟାର୍ଗେଟ ଧରି, କମ୍ପ୍ୟୁଟର ଆଗରେ ବସିଥାନ୍ତି, ଆଖି, ଆଙ୍ଗୁଠି ଚାଲୁଥାଏ, କାହାର କାହା ସହ ଗପିବାକୁ ସମୟ କାହିଁ ?

ଆଖିରୁ ତାର ଠପ୍‌ଠପ୍ ଲୁହ ଝରିଗଲା । ପ୍ରେମ ଭ୍ରମ ? ପ୍ରେମ ଏକ ଭ୍ରମାତ୍ମକ ଶବ୍ଦ । ପ୍ରେମ ପରାଧୀନ କରେ ? ତା'ହେଲେ ତାର ଦେହଟା ହିଁ ସେ ଲୋକର କାମ୍ୟ ? ଦେହହାତ ଝିମ୍‌ଝିମ୍ ହେଇଗଲା ତା'ର, କ୍ୟାବିନରେ ବସିଛି ସିନା କିଛି କାମ କରିପାରୁନି...ମେସେଜଟିଏ, ହ୍ୱାଟସା'ପରେ.. "ପ୍ଲିଜ କମ୍" ।

ଏତେ ଦୁର୍ବଳ କଣ ସିଏ ?

ନାଁ ବିଲକୁଲ ନୁହେଁ, ସ୍ତ୍ରୀ ଲୋକଙ୍କର ଏଇ ଆତ୍ମିକ ଅବାଂଛିତ ଦୁର୍ବଳପଣ ପାଇଁ ହିଁ ପୁରୁଷ ଫାଇଦା ନିଏ । ସେ ନିଶ୍ଚୟ ନିର୍ଦ୍ଧାରିତ ସମୟରେ ଯିବ ।

କିଛି ହାଲକା ମେକପ୍ ସହ, ଡାଇମଣ୍ଡ ଇୟରିଙ୍ଗ, ପତଳା ଚେନ୍‌ସହ ଛୋଟ ପେଣ୍ଡାଣ୍ଟ ଓ ମ୍ୟାଚିଂ ପିଂକ ଶାଢ଼ୀ, ଛୋଟର ଗୋଲ୍‌ଡେନ ଚପଲ, ଚେନ୍‌ଲଗା ଗୁସ୍‌ସୀ ହ୍ୟାଣ୍ଡବ୍ୟାଗ । ବେଶ୍ ସମ୍ଭ୍ରାନ୍ତ, ସୁନ୍ଦର ଓ ବ୍ୟକ୍ତିତ୍ୱ ସମ୍ପନ୍ନ ଲାଗୁଥିଲା ସେ । ଓଠରେ ପିଂକ ଲିପ୍‌ଷ୍ଟିକ୍‌ର ଶେଷସ୍ପର୍ଶ ସହ ସେ ନିଜର ପ୍ରତିବିମ୍ବ ଦେଖି ଚମକି ଉଠିଲା । ବହୁତ ଅଭିଜାତ୍ୟ ସମ୍ପନ୍ନ ପୁରୁଷ ତା' ହାତ ଧରିବାକୁ ଉତ୍କଣ୍ଠାର ସହ ଅପେକ୍ଷା କରିଛନ୍ତି । ତା ମମ୍ମି ମାଟ୍ରିମୋନୀରେ ତା'ର ପ୍ରୋଫାଇଲ ଖୋଲିଦେଇଛି ଯେ ଘରେ ସହସ୍ର ପ୍ରସ୍ତାବ, ହେଲେ... ତା' ଭିତରୁ କେହି ବିଳପି ଉଠୁଥିଲା, ଏମିତି କାହିଁକି ହୁଏ ? ଯାହାକୁ ତୁମେ ସବୁଠୁ ଅଧିକ ଚାହଁ, ସେ ତୁମକୁ ମିଳେନି । ସାରା ଜୀବନଟା କଣ ଏ ହାହାକାରରେ ବିତିବ ?

ସେ ବିବାହ ନାମକ ବନ୍ଧନରେ ବାନ୍ଧିହେଇଯିବ ଆଉ କାହାସହ, ଘର କରିବ, ଆଉ ପୁଣି ଧୀରେଧୀରେ ଭୁଲିହେଇଯିବ ତାର ଅତୀତ, ହୁଏତ ପଛରେ ରହିଯିବ ଅମିତାଭ ଓ ତା'ସହ କଟିଥିବା ସୁନେଲି ସମୟ ଉଇଖିଆ ଡ଼ାଇରୀର ପୃଷ୍ଠା ହେଇଯିବ ଦିନେ !

ମୁମ୍ବାଇରେ ଏକ ମଲ୍ଟିନେସନାଲ କମ୍ପାନୀର ବେଶ ଲୋଭନୀୟ ଅଫରକୁ ଗ୍ରହଣ କରିନେଇ ଖୁବ୍ ଗୋପନରେ ସେ ଅଫିସରେ ରେଜିଗ୍ନେଶନ ଲେଟର ଲେଖିଲା । ସେ ରାତିରେ ଖୁବ୍... ଖୁବ୍ ବେଶୀ କାନ୍ଦିଲା ସେ ଆଉ ନିଜକୁ କହିଲା... ନାଁ ଆଉ ନୁହେଁ, ନିଜ ଆତ୍ମସମ୍ମାନ ଆଗରେ ଆଉ କେହି ନୁହେଁ, ସେ କାହାରି କେପ୍ଟ ହେଇ ରହିବ କାହିଁକି ?

ଡ୍ରାଇଭ୍‌ରେ ଗଲା ସୁମୀ, କଫି ପିଇଲା । ଖୁବଗୋଟେ ଅନ୍ତରଙ୍ଗ ସମୟ କାଟିଲା ନିଜସହ ।

ୱାଟ୍ସପ ଷ୍ଟାଟସ୍‌ରେ ପୋଷ୍ଟ କଲା ସେଲ୍ଫି ।

ବାର୍ଥଡେ ପହଂଚିଲା । ସେଦିନ ସେ ସୁନ୍ଦର ଭାବେ ନିଜକୁ ସଜେଇଲା, ରାସ୍ତାରେ ବୁଲିଲା, ଗୀତ ଶୁଣିଲା, ଫେରିବା ରାସ୍ତାରେ କିଣିଲା ଗୋଟେ ଛୋଟ ଡାଇମଣ୍ଡ ଲକେଟ, ଗିଫ୍ଟ ପ୍ୟାକ କଲା ଓ ପହଞ୍ଚିଗଲା ନିର୍ଦ୍ଧାରିତ ହୋଟେଲରେ, ଅବଶ୍ୟ କିଛି ଡେରି ତ ହେଇଯାଇଥିଲା ତେବେ ବି ଗହଳି ଥିଲା ।

ଜାଜର ଧିମା ଧିମା ସଂଗୀତ, ନୀଳ ଆଲୋକର ଫୁଆରା । ସବୁଆଡ଼େ ଯେମିତି ରାଜାରାଣୀ ମାନେ ଘୂରିବୁଲୁଛନ୍ତି ।

ଆସର ଜମି ଆସୁଛି ।

କପଲ୍‌ମାନଙ୍କର ନୃତ୍ୟ ସହ ହାତରେ ୱାଇନ୍ ଧରି କେହିକେହି ଏଠିସେଠି କଥାହେଉଛନ୍ତି । କର୍ପୋରେଟ ପାର୍ଟି ତ ମିଟିଂ ସ୍ଥଳ ହିଁ ହେଇଥାଏ ।

ଆଗରେ ହାରାଧନ ବାନାର୍ଜୀ... ତା ଅଫିସ୍‌ର ସିନିଅର ମ୍ୟାନେଜର, ଅମିତାଭର ଭଲ ସାଙ୍ଗ । ଆରେ ମିସ ସୁମୀ ଆସୁନ ଆସୁନ... ସେ ଡ଼ାକିନେଲା, ଏଇତ... ଅମିତାଭ, ହିଜ ଲଭଲୀ ୱାଇଫ୍ । ଲିଟିଲ ଏଞ୍ଜେଲ ସେଠି ନଥିଲା । ଛାତିରେ କେତେ ପଥର ରଖିପାରିବ ସେ ! ଆଗରେ ତା'ର ଈପ୍ସିତ ପୁରୁଷ ଆଉ ତାଙ୍କ ସହିତ ସ୍ତ୍ରୀ ପୁଣି ଛୁଆ... କେବେ କ'ଣ ଭାବିଥିଲା ଏମିତି ଦିନଟିଏ ଆସିବ ବୋଲି ? "ତୁ ବହୁତ ଷ୍ଟ୍ରଙ୍ଗ ସୁମୀ," ସେ ନିଜକୁ କହିଲା ଆଉ ଖୁବ୍ ସହଜ ସ୍ୱାଭାବିକ ଭାବେ ଛୋଟ ଗିଫ୍ଟଟିକୁ ବଢ଼େଇଦେଲା ସେଇ ଅପ୍ସରୀଙ୍କ ହାତକୁ । ଉଗ୍ର ଆଧୁନିକା ନାରୀ ଜଣଙ୍କ, ଲୋ'କଟ ବ୍ଲାଉଜ୍, ପତଳା ଶାଢ଼ୀ ସହ ହେଭି ମେକପ ଓ ଅଳଙ୍କାର । ବହୁତ ମାପଚୁପ ଇଂରାଜୀ କଥାବାର୍ତ୍ତା । ସେ ମଧ୍ୟ କୌଣସି ନାମକରା ଆଇ.ଆଇ.ଏମରୁ ଉତ୍ତୀର୍ଣ୍ଣ ଛାତ୍ରୀ ଓ ମଲ୍ଟିନ୍ୟାସନାଲ କମ୍ପାନୀର ସିଇଓ । ଡୋ'ଣ୍ଟ ବି ସୋ ଫୋର୍ମାଲ ମିସ୍, ପ୍ଲିଜ୍ ଏନ୍‌ଜୟ ଦି ପାର୍ଟି । ଆପେଆପେ ଗିଫ୍ଟ ବଢ଼ାଉଥିବା ହାତ ତା'ର ପଛକୁ ଫେରିଆସିଲା, ଓଃ ମନେପଡ଼ିଲା, କାର୍ଡ଼ରେ ଲେଖାହୋଇଥିଲା ନୋ ଗିଫ୍ଟ ପ୍ଲିଜ, ତାକୁ ବହୁତ ଖରାପ ଲାଗିଲା । ଅମିତାଭ ସହ ସେ କାହିଁକି ଆଖି ମିଳେଇପାରୁନି ?

ସେ ଲୋକ ତ ବେଶ୍ ସହଜ ଅଛି । ଛାତି ଭିତରେ ଯେମିତି ବିରାଟ ଅଗ୍ନି ପିଣ୍ଡୁଳାଟେ ଘୂରିବୁଲୁଚି ।

କିଛି ଡ୍ରିଙ୍କ ଆଣି ତା' ମିସେସ ତା'ହାତରେ ଧରେଇଲା, ରେଡ଼ ୱାଇନ । ସେମାନେ ଦୁଇଜଣ ଆଗକୁ ଆଗକୁ ପ୍ରତି ଗେଷ୍ଟଙ୍କ ପାଖକୁ ଯାଉଛନ୍ତି । ଅମିତାଭ ଟିକେ ବୁଲିଚାହିଁଲା, ବୋଧହୁଏ ତାର ସୁନ୍ଦର ଆଖିରେ ଫୁଟି ଉଠୁଛି କିଛି ଅସହାୟତା । ସେ ବି ପରାଧୀନ ମନେମନେ ଉଚ୍ଚାରଣ କଲା ସୁମୀ ।

ବେଶ୍ କଣିକିଆ ଗୋଟିଏ ଟେବଲ ପାଖରେ ବସିଲା ସେ । ପାଖରେ ଖୁବ ସୁନ୍ଦର ଭାବେ ଦୁଇଟି ଏରିକା ପାମର ପ୍ଲାଣ୍ଟ, ସେରାମିକ ପଟ୍‌ରେ କିଛି ସକ୍ଲାଣ୍ଟ, କାକ୍‌ଟସ୍... ଆରେଏଏଏଏଏ... ଆଗରୁ ପିଂକ ପରୀ ପରି ଦିଶୁଥିବା ଠୁକ୍‌ଠୁକ୍ ଚାଲୁଥିବା ଛୁଆଟିର ହାତ ଧରି ଚାଲିଆସୁଛି କିଏ ?

ଏକଦମ ଧଳା ଗଭାର୍ନେଶର ପୋଷାକରେ ଝିଅଟିଏ, ସେଇ ତ... ... !

ଛୁଆଟିକୁ ସେ ଏଇ ଅପେକ୍ଷାକୃତ ନିକାଞ୍ଚନ ସ୍ଥାନକୁ ଆଣୁଚି ।

ସାଙ୍ଗରେ ବେବୀସିଟର ଠେଲା ଗାଡ଼ି ।

ଗୋଟେ ପିଲାର ପଛରେ ଲୁଚିଗଲା ସୁମୀ ।

ସ୍ପଷ୍ଟ ଦେଖିପାରିଲା, ପକେଟରୁ ଇଞ୍ଜେକ୍ସନ ସିରିଞ୍ଜି କାଢ଼ି ଝିଅଟା ଫୁଟେଇଦେଲା କୁନି ଏଞ୍ଜେଲର କୁନି ବାହୁରେ... କିଛି ମିନିଟ, ପିଲାଟି ଢଳି ପଡ଼ିଲା ଓ ସେ ଆରାମରେ ଶୁଆଇଦେଲା ସେଇ ସୁସଜ୍ଜିତ ଗାଡ଼ିରେ । ଗାଡ଼ିଟିକୁ ଧୀରେଧୀରେ ଗଡ଼େଇ ସେ ଝିଅ ଆଗକୁ ଚାଲିଲା ।

ହେ ଭଗବାନ... ... ।

ତା ଦେହରୁ ଗମଗମ ଝାଳ ବାହାରିଗଲା ।

ତଥାପି ସେ ଝିଅଟିର ପିଛା କଲା ।

ମଦ ନିଶାରେ ଚୁର୍ ମାଲିକାଣୀ ପାଖରେ କିଛି କହୁଛି ସେ ।

ଦୂରରୁ ଦେଖୁଚି ସୁମୀ ।

ଚତୁର୍ଦିଗରେ ମଧ୍ୟରାତ୍ରର ପାର୍ଟି ଜମିଆସୁଛି । ସମସ୍ତେ ନାଚରେ ଝୁମୁଛନ୍ତି, ପାର୍ଟି ଆହୁରି ବାକି ଅଛି ।

ସେ ଝିଅ ଗାଡ଼ିଟିକୁ ଗଡ଼େଇଗଡ଼େଇ ଆଣିଲା ସେଇ ଅନ୍ଧାର ଆଡ଼କୁ, ସୁମୀ ଲୁଚିଗଲା ।

ଓଃ ଗଡ୍ ! ଚଟକଣି ଗୋଟେ ପକେଇଲା ସେ ଛୁଆର ଶୋଇଲା ଗାଲରେ । କି ନୃଶଂସ !

ଗାଡ଼ିଟିକୁ ସେଇଠି କଡ଼ରେ ରଖି, ସେ ଝିଅ ଯାଇ କିଛିଦୂରରେ ବସି ମୋବାଇଲ ଧରି ଗପିଲା, ତା' ହାତରେ ବି ମଦର ସୁନ୍ଦର ପିଆଲା ।

ସୁମୀ ଆଗେଇଲା, ଛୁଆଟିକୁ ଗାଡ଼ିରୁ କାଢ଼ି ଚାପିଧରିଲା ଛାତିରେ, ତା' ଦେହର ଦାମୀ ସାଲରେ ଘୋଡ଼େଇ ପକେଇ ଧୀରେଧୀରେ, ତାପରେ ଦ୍ରୁତ ଗତିରେ, ଦୌଡ଼ିଲା ଜୋରରେ, ଆହୁରି ଜୋରରେ... ।

ଗାଡ଼ି ଫ୍ରଣ୍ଟସିଟରେ ଛୁଆଟିକୁ ଶୁଆଇଦେଇ ଗାଡ଼ି ଷ୍ଟାର୍ଟକଲା । ତା'ର ତ ସବୁ ରେଡ଼ି ଥିଲା ହେଲେ ସେ କିଛିହେଲେ ନେଲାନି, କେବଳ ଟିକେଟ ଓ ସବୁତକ କାର୍ଡ । ଭାବିଲା ମୁମ୍ବାଇ ଚାଲିଯିବ ।

ଜଲ୍ଦି ଜଲ୍ଦି ପହଞ୍ଚିଗଲା ରେଲୱେ ଷ୍ଟେସନ୍‌ରେ ।

ଛାତିରେ ସେମିତି ଚାପି ଧରିଛି ଶୋଇଲା ପରୀଟିକୁ ।

ଆହାଃ ଅଭିଶପ୍ତ ଏଞ୍ଜେଲ୍‌ଟେ ତ । କୁନିକୁନି ଓଠ, ଧଳା ଗୋରାଗୋରା ଗାଲ, ଦୁଇଧାର ଲୁହ ଶୁଖି ଏଯାବତ ଲାଗିଛି, ଅମିତାଭର ଛୋଟ ସଂସ୍କରଣଟେ ଯେମିତି ।

ଟ୍ରେନ ଛାଡ଼ିଲା ।

ଆହାଃ, ଛୁଆଟି କଣ ଖାଇଥିବ, ସେ ଅର୍ଡ଼ର କଲା ବେବିଫୁଡ୍ ।

ଉଚ୍ଚାରଣ କଲା 'ପେନୁ', ୟୁ ଆର୍ ମାଇଁ ପେନୁ ।

ପ୍ରେମ କଣ ଭ୍ରମ, କେଜାଣି?

ꝏꝏꝏ

ଡ. ପଲ୍ଲୀଶ୍ରୀ ପଟ୍ଟନାୟକ, ବର୍ତ୍ତମାନ ଅଧ୍ୟାପିକା ଭାବେ କଳାହାଣ୍ଡି ବିଶ୍ୱବିଦ୍ୟାଳୟର ଓଡିଆ ବିଭାଗ ମୁଖ୍ୟ ଭାବେ କାର୍ଯ୍ୟରତ । 'ଉତ୍ତର ଆଧୁନିକ ଓଡିଆ କାହାଣୀ' ଉପରେ ଡି.ଲିଟ ଉପାଧିପ୍ରାପ୍ତ ଭାରତ ସରକାରଙ୍କ ସଂସ୍କୃତି ବିଭାଗରୁ ସାହିତ୍ୟ ପାଇଁ ଫେଲୋସିପ୍ ପାଇବା ସହ ଓଡିଶାର ଅନେକ ଅନୁଷ୍ଠାନରୁ ଗଳ୍ପ ଓ ସମାଲୋଚନା ପାଇଁ ବହୁ ପୁରସ୍କାର ପାଇଛନ୍ତି । ଏ ଯାବତ ଦଶଟି ପୁସ୍ତକ (ନ'ଟି ଓଡିଆ, ଗୋଟିଏ ଇଂରାଜୀ) ପ୍ରକାଶିତ । ସେ ଜଣେ ଦକ୍ଷ ଅନୁବାଦିକା ମଧ୍ୟ । ନିକଟରେ ତାଙ୍କର ଓଡ଼ିଆ ଅନୁବାଦ ପୁସ୍ତକ The Memory Of Solferino, Autobiography of Henry Dunant ପ୍ରକାଶିତ ହେବାକୁ ଯାଉଛି ।

ꝏꝏꝏ

# ଥାଳି

SRUJAN
The Creativity Journal
Srujan ISSN 2976-9329

## ଅନୀଲ କୁମାର ପାଢ଼ୀ

ପାଗ ଅଚାନକ ଖରାପ ହୋଇଗଲା ।

କାଲିଠୁ ଅଫ୍ ମୁଡ୍‌ରେ ମହାଶ୍ୱେତା ।

ନିରଦ ସାସମଲ ନିଜର ପିଙ୍କ୍ ରଂଗର ସ୍କୁଟି ପାଖରେ ଠିଆହୋଇ ଭାବୁଥିଲା, ଆଜି କେମିତି ଯାଇହେବ ! ରେନକୋଟ୍ ତ ଜମା ବିକଳ୍ପ ନୁହେଁ ମହାଶ୍ୱେତା ପାଇଁ । ସେ ଗୋଟାଏ ବଡ଼ ହୋଟେଲରେ କାମକରେ । ସେଇ ରୋଜଗାରରେ ତ ଘର ଚଳେ, ନହେଲେ ନିରଦ ଯେଉଁ ଚେନ୍ ବିଜିନେସରେ ସିଲ୍‌ଭର୍ ପର୍ଯ୍ୟାୟରେ ଅଟକିଛି ସେଠି ମୋଟାମୋଟା ପ୍ରତିଶ୍ରୁତି ବଦଳରେ ଆଉ କ'ଣ ଅଛି !

ମହାଶ୍ୱେତା ଅଧିକ ସମୟ ନିଏ ଗାଧୋଇବାରେ । କ'ଣ୍ ଏତେ ସଫାସୁତୁରା ହେବା ଲୋଡ଼ା ଯେ ! ପୁଣି ସେ କହେ ହୋଟେଲରେ ପହଁଚି ବି ତାକୁ ଶାୱାର୍ ନେବାକୁ ପଡ଼େ । ହୋଟେଲରୁ ଘରକୁ ଫେରିଲା ପରେ ସବୁଠୁ ଲମ୍ବା ସମୟ ମହାଶ୍ୱେତା ନିଏ ବାଥରୁମ୍‌ରେ । ବାହାରିଲା ବେଳକୁ ସେ ଦେହକୁ ଏମିତି ଜୋରରେ ଘଷାମଜା କରିଥାଏ କି ଦେହଟା ଲାଲ୍ ଦିଶୁଥାଏ।

ନିରଦ ଓ ମହାଶ୍ୱେତା ପ୍ରେମବିବାହ କଲାପରେ ସହରକୁ ସିନା ଚାଲିଆସିଥିଲେ, ହେଲେ, ବହୁଦିନ ଯାଏ କାମ ମିଳିନଥିଲା । ସେହି ଦୁର୍ଭାଗ୍ୟ ଏବେ ବି ଲଟକିରହିଛି ତା'ମୁଣ୍ଡ ଉପରେ । ଭାଗ୍ୟକୁ ଗୋଟାଏ ହୋଟେଲରେ ଚାକିରି ପାଇଯାଇଛି ମହାଶ୍ୱେତା । ନିଜକୁ କର୍ମଠ ବୋଲି ପ୍ରମାଣିତ କରିବାପାଇଁ ନିରଦ ଏ ଚେନ୍ ବିଜିନେସର ବାହାନା କରେ । କେବେ କହେ ସିଲ୍‌ଭର କାର୍ଡ଼ ହୋଇଗଲେ ପାଞ୍ଚଲକ୍ଷ, ଗୋଲ୍ଡକାର୍ଡ଼ ଦଶଲକ୍ଷ - ଏମିତି ଟଂକାର ପରିମାଣ ବଢ଼ିବଢ଼ି ସ୍କୁଟିରେ ଖର୍ଚ୍ଚ ହେଉଥିବା ପେଟ୍ରୋଲର ଦର ପାଖରେ ହାରିଯାଏ ।

ନିରଦ କିନ୍ତୁ ବିତ୍ତଶାଳୀ ।

ତା'ପାଖରେ ଏକଇ ବିତ୍ତ ହେଲା ମହାଶ୍ୱେତା । ମହାଶ୍ୱେତା କେବଳ ଉଚ୍ଚତାରେ ତା'ଠାରୁ କମ୍ । ହେଲେ, ତା'ପରି ସୁନ୍ଦରୀ ଆଉ କାହାକୁ ଦେଖିନି ନିରଦ । ଜଣେ ଜାପାନୀ ତରୁଣୀ ପରି ହଳଦୀରଂଗର ଦେହ, ସିଲ୍କ କେଶ, ଛୋଟଛୋଟ ଆଖିସାଂଗକୁ କଟା ତରଭୁଜର ଓଠ ! ସତେକି କୋଉ ଲାବଣ୍ୟବତୀ ସେ । ପ୍ରେମପ୍ରସଙ୍ଗ ହୋଇନଥିଲେ ଏପରି ଦୁର୍ମୂଲ୍ୟ ହୀରାକୁ ନିରଦ ସାତଜନ୍ମରେ କେବେ ବି ପାଇନଥାନ୍ତା । ବେଳେବେଳେ ପ୍ରାପ୍ୟ ଠାରୁ ଅଧିକ ପାଇଗଲେ ମଣିଷ ମନରେ ସନ୍ଦେହ ଆସେ ।

ନିରଦ ଚିନ୍ତାଗ୍ରସ୍ତ । ଦ୍ୱିଧାରେ । କୋଉଠି ଗୋଟେ ଚାକିରି ହୋଇଯାଆନ୍ତାନି ତା'ର । ସେ ମହାଶ୍ୱେତାର ହୋଟେଲକୁ ଯାଇ ଚାକିରି କରିବାକୁ ପସନ୍ଦ କରିପାରେନା । ତାକୁ ଆଶ୍ଚର୍ଯ୍ୟ ବି ଲାଗେ ଯେ ବିନା

ହୋଟେଲ୍ ମ୍ୟାନେଜମେଣ୍ଟ କୋର୍ସରେ ମହାଶ୍ୱେତା ଏତେ ବଡ଼ ହୋଟେଲରେ ଚାକିରି ପାଇଲା କେମିତି ! ତା'ର ସୌନ୍ଦର୍ଯ୍ୟ ପାଇଁ ନୁହେଁ ତ !

ମଧ୍ୟବିତ୍ତୀୟ ଶଂକା ଓ ସନ୍ଦେହ ଦୃଢ଼ୀଭୂତ ହୁଏ ତା' ମନରେ । ଆଉ ଟିକିଏ କମ୍ ସୁନ୍ଦରୀ ହୋଇନଥାନ୍ତା ମହାଶ୍ୱେତା ! ହାୟ !

ମହାଶ୍ୱେତା ଏବେ ବି ଗାଧଉଛି ।

ବର୍ଷା ଜୋର୍ ଧରିଲାଣି ।

ସେପଟେ, ଗେଟ୍ ପାଖରେ ଛତାଧରି ଟିଫିନ୍ ବକ୍ସଟି ମିଷ୍ଟର ଦତ୍ତଂକୁ ବଢ଼ଉଛନ୍ତି ମିସେସ ଦତ୍ତ । ଦେଖିବାକୁ ମନ୍ଦ ନୁହେଁ । ଗୋଟାଏ ନାଇଟି ପିନ୍ଧିଛନ୍ତି !

ଏଇ, ମିଷ୍ଟର ଦତ୍ତଂକ ବାଇକ୍ ଷ୍ଟାର୍ଟ ହେଲା ଓ ନିମିଷକେ ସେ ଅନ୍ତର୍ଦ୍ଧାନ ହୋଇଗଲେ । ଗେଟ୍ ବନ୍ଦକରୁଛନ୍ତି ମିସେସ୍ ଦତ୍ତ ।

ଦିନସାରା କ'ଣ କରିବେ ସେ ! ରୋଷେଇ ସରିଛି । ବର୍ଷାପାଗ । ବେଡ଼ସିଟ୍ ସଜେଇବେ, ଥାକ ସଜାଡ଼ିବେ, ରୋଷେଇଘର ପରିଷ୍କାର କରିବେ, ଏବଂ ତା'ପରେ ଟିଭି ଖୋଲି ବସିବେ । ଆଉ ମହାଶ୍ୱେତା !

ମହାଶ୍ୱେତା କହେ, ସେଇ ମିସେସ୍ ଦତ୍ତ ହିଁ ଯେତେବେଳେ ଦେଖାହୁଏ ପଚାରନ୍ତି, ମିସେସ୍ ସାସମଲ୍ ! ଆପଣଙ୍କ ମିଷ୍ଟର କ'ଣ କରନ୍ତି !

ବର୍ଷା କୁଢ଼େଇ ହେଉଥିଲା ଶିବମ୍ କଲୋନୀର ଅଧା ଉଖୁଡ଼ିଯାଇଥିବା ରାସ୍ତା ଉପରେ !

ଏମିତି ହୁଅନ୍ତା ନାହିଁ ଯେ ମହାଶ୍ୱେତା ଆଜି ଦିନକ ଛୁଟି ନେଇଯାଆନ୍ତା ! ଦୁହେଁ ବସି ଗପନ୍ତେ, ଟିଭି ଦେଖନ୍ତେ ଆଉ ଭାତ ନଖାଇ ପକୋଡ଼ି ଚୋବାନ୍ତେ ! ଏମିତି ବହୁବାର ବର୍ଷା ପାଗକୁ ଭେଟିଛି ନିରଦ ନିଜ ଗାଁରେ । ବର୍ଷା ସାଂଗରେ ତା'ର ନାମଗତ ସାମଞ୍ଜସ୍ୟ । ସେ କେବଳ ନୀରଦ ବଦଳରେ ନିରଦ ଲେଖେ ! ବର୍ଷା ବର୍ଷୁଥିବ ଗାଁ'ର ଖାଲଢିପ ରାସ୍ତା ଉପରେ, ଚହଲି ପଡୁଥିବ ପାଣି । ଲୋକଶୂନ୍ୟ ରାସ୍ତାରୁ ଉଡ଼ିଆସୁଥିବା ଏକ ଓଦାଓଦା ଆତ୍ମୀୟପଣ ଯାହା ନିସଙ୍ଗବାସକୁ ବି ମହକିତ କରୁଥିବ !

ଏଇତ ଆବୁଡ଼ାଖାବୁଡ଼ା ରାସ୍ତାର ଗର୍ତ୍ତମାନଙ୍କ ଉପରେ ବର୍ଷା ବର୍ଷିଯାଇ ଉଛୁଳି ପଡୁଛି ।

ସେ ସକାଳୁସକାଳୁ ନିବେଦନ କରିଥିଲା ମହାଶ୍ୱେତାକୁ, ଆଜି ଛୁଟି ନେଇଯାଅ । ପାଗ ଉପରେ ତୀର୍ଯ୍ୟକ୍ ଦୃଷ୍ଟିପକେଇ ମହାଶ୍ୱେତା ପଚାରିଥିଲା, ଛୁଟି ! ଆଜି ଦିନରେ ! ଜାଣିଛ ତ ଆଜିକାର ପାଗରେ ବଡ଼ବଡ଼ ହୋଟେଲରେ ଗ୍ରାହକଙ୍କ ଭିଡ଼ ଜମେ ! ମୋ କାମ ସେଠି କିଏ କରିବ, ଏଁ !

ଆମ ଦୁହିଁଙ୍କର ଜୀବନ ବି ତ ଅଛି ! କହିଥିଲା ନିରଦ । ତମେ ପ୍ରତିଦିନ ରାତିରେ ଫେରିବ, ଘଣ୍ଟେ ଗାଧୋଇବ ଓ ଥକି କି ଶୋଇପଡ଼ିବ !

ତ ! ତମ ସାଂଗରେ ରୋମାଣ୍ଟିକ କଥା ହୁଅନ୍ତି, ପ୍ରତିଦିନ ସଂସର୍ଗ କରନ୍ତି, ରାତି ଉଜାଗର ହୁଅନ୍ତି, ନାଇଁ ! ମହାଶ୍ୱେତା ଉତ୍ତର ଫେରେଇଥିଲା । ତମେ ରୋଜଗାର କର । ମିସେସ୍ ଦତ୍ତଙ୍କ ପରି ମୋର ବି ଘରେ ରହିବାକୁ ଇଚ୍ଛା !

ମିସେସ୍ ଦତ୍ତଙ୍କ କବାଟ ପୁଣିଥରେ ଖୋଲିଲା । ବାଲକନୀରେ ଟଣାହୋଇଥିବା ତାର ଉପରେ ସେ ଲୁଗା ଶୁଖେଇଲେ । ଏଣେତେଣେ ଚାହିଁଲେ ଓ କବାଟ ବନ୍ଦକରି ଭିତରକୁ ଚାଲିଗଲେ ।

ନିରଦ ସାସମଲ କେବେ ଏତେ ରୁଢ଼ିବାଦୀ ନଥିଲା । ଥିଲେ, ସେ ଲୁଚିଛପି ପ୍ରେମ ବିବାହ କରିନଥାନ୍ତା ତାହା ପୁଣି ବ୍ରାହ୍ମଣ ଘରେ ! ସେତେବେଳେ ଲୋକେ କହୁଥିଲେ ଝିଅ ନବ ତ ତମଠୁ ଛୋଟ ଜାତିର । ବଡ଼ଜାତିର ଝିଅ ଭାରୀ ପଡ଼ିବ । ପରିବାର ଉଧେଇବନି ! ମହାଶ୍ୱେତା ମିଶ୍ର ସିନା କାଗଜପତ୍ରରେ ମହାଶ୍ୱେତା ସାସମଲ ହୋଇଯାଇଛି, ହେଲେ, ତା' ଭିତରେ ଥିବା ବୁନିୟାଦି ବ୍ରାହ୍ମଣପଣିଆ କ'ଣ ଏମିତି ଚାଲିଯାଇଥିବ ! ତାହା ହିଁ ଆଉ ନିରଦର ପତନର କାରଣ ନୁହେଁ ତ !

ଆପଣାର ସ୍ୱାଭିମାନ ବୋଲି ସତରେ କିଛିନାହିଁ ନିରଦର ! ସେଥିପାଇଁ ସେ ରୁଢିବାଦୀ ଓ ଚିଡ଼ଚିଡ଼ା ହୋଇଯାଇଛି । ସନ୍ଦେହୀ ବି ! ଦେଖ, ମିସେସ୍ ଦତ୍ତଙ୍କୁ । ଘର ଭିତରେ ସୋ କେଶ୍‌ରେ ସଜାହୋଇ ରହିଲା ପରି ରହିଲେ । ସେ କେବଳ ମିଷ୍ଟର ଦତ୍ତଙ୍କର । ତାଙ୍କୁ ଆଉ କେହି ନା ଦେଖୁଛନ୍ତି ନା ଛୁଉଁଛନ୍ତି ! ହେଲେ, ହୋଟେଲରେ ଏସବୁ ବାଛବିଚାର ନାହିଁ । ସମସ୍ତେ ସମସ୍ତଙ୍କୁ ଛୁଇଁପାରିବେ । ସେ ଥରେ ଅଧେ ଦେଖିଛି କର୍ମଚାରୀମାନେ କେମିତି ଅଲାଜୁକ ପରି ମିଶନ୍ତି ଓ କଥା ହୁଅନ୍ତି ! କଣ୍ ହୋଇପାରେ ମହାଶ୍ୱେତାର ଏପରି ବଦଳିଯିବାର କାରଣ ! ସେହି ମିଳାମିଶା, ହୋଟେଲର ନକଲି ରଙ୍ଗୀନ ଦୁନିଆ !

ବହୁବାର ମହାଶ୍ୱେତାକୁ ସେ ପଚାରିଛି, ତମେ ହୋଟେଲରେ କି କାମ କର ! ସନ୍ତୋଷଜନକ ଉତ୍ତର ତ ପାଇପାରିନି ସେ, କେବେ ହାଉସ୍ କିପର୍, କେବେ ରିସେପସନ୍‌ରେ କାମ ତ କେବେ ରେସ୍ତୋରାଁରେ ! ତା'ର କାମ ହେଲା ହୋଟେଲ ଠାରୁ କିଛି ଦୂରରେ ସେ ସ୍କୁଟି ଅଟକେଇବ ଏବଂ ସେଇଠି ମହାଶ୍ୱେତାକୁ ଛାଡ଼ିଦେବ । ପ୍ରାୟ ଅଧା କିଲୋମିଟର ମହାଶ୍ୱେତା ଚାଲିଚାଲି ଯିବ । ସ୍କୁଟି ନେଇ ହୋଟେଲ ଆଗରେ ଓହ୍ଲେଇଲେ ଷ୍ଟାଫ୍ ଡିଗ୍ନିଟି କାଳେ ନଷ୍ଟ ହୋଇଯାଇପାରେ ! ସେମିତି ଫେରିଲାବେଳକୁ ସେହି ଜାଗାରେ ସ୍କୁଟି ନେଇ ସେ ଠିଆହେବ ଏବଂ ଜଣେ ଭୀଷଣଭାବେ ବିରକ୍ତ ପତ୍ନୀକୁ ପଛରେ ବସେଇ ଆଣିବ । ଫେରିଲାବେଳକୁ କାମ ଥକାରୁ କି ଅନ୍ୟ କୌଣସି କାରଣରୁ ମହାଶ୍ୱେତା ରାସ୍ତାସାରା କଥା ହୁଏନାହିଁ । ଏମିତିକି ସ୍କୁଟିରେ ବସିଲାବେଳେ ଏକଦମ୍ ପଛେଇକି ବସେ। ଦୁଇଟି ଦେହ ସ୍ପର୍ଶ ନକରୁ ଯେମିତି।

ସମ୍ଭବତଃ କାର୍‌ଟିଏ କିଣିଦେଲେ କିଛିଟା ଇଜ୍ଜତ୍ ରହିଯାଆନ୍ତା !

ବାଦଲ ତଳୁ ସୂର୍ଯ୍ୟ ଅଳ୍ପ ସମୟ ପାଇଁ ମୁହଁ କାଢ଼ିଥିଲେ ଓ ସେତିକି ସମୟରେ ଆକାଶ ତୂଳୀ ଧରି ଇନ୍ଦ୍ରଧନୁ ଆଙ୍କିସାରିଥିଲା । ମିସେସ ଦତ୍ତଙ୍କ ଗେଟ୍ ପାଖରେ ନଇଁ ପଡ଼ିଥିବା ଗୋଲାପ ଫୁଲଟା ଚେଙ୍ଗା ହୋଇ ମୁଣ୍ଡ ଟେକିଥିଲା । ଅଜବ ଭାବରେ ସବୁଜ ଦିଶୁଥିଲା ସବୁକିଛି ! ଏ ସମୟରେ ବେଡରୁମ୍‌ର ଝରକା ମେଲେଇ ଦୁଇଟି ମୁହଁକୁ ଯୋଡ଼ି ଚୁପିଚୁପି କଥା ହେବାରେ ଆହା କି ଆନନ୍ଦ !

ବାଥ୍ରୁମ୍‌ର ପାଣି ଝରିବା ଶବ୍ଦ ଶାନ୍ତ ପଡ଼ିଗଲାଣି ।

ଏବେ, ଦେହରେ ଟାୱେଲ୍‌ଟିଏ ଘୋଡ଼େଇହୋଇ ଆର୍ଦ୍ରପାଦରେ ମହାଶ୍ୱେତା ବେଡ଼ରୁମ୍ ଭିତରକୁ ଚାଲିଯିବଣି । ସେ ଘରଭିତରକୁ ଫେରିଆସୁଥିଲା । ମିସେସ୍ ଦତ୍ତଙ୍କ ଆବାଜ ପଡ଼ିଲା କାନରେ । ସେ ଫୋନରେ କାହାକୁ ଶୋଧୁଥିଲେ ଯେମିତି ! ସେହି ହତଭାଗା ଆଉ ମିଷ୍ଟର ଦତ୍ତ ନୁହେଁ ତ !

କରେଣ୍ଟ ଫେରିଆସିଥିଲା । ଘାଏଁଘାଏଁ ବୁଲୁଥିଲା ଫେନ୍ । ହେୟାର ଡ୍ରାୟର କାନଫଟା ଶବ୍ଦ ଶୁଭୁଥିଲା । ନିରଦ ଭିତରକୁ ପଶି ପୁଣିଥରେ କଥାଟିକୁ ଦୋହରାଇଲା, ଆଜି ଦିନଟା କାଜୁଆଲ୍ ଲିଭ୍ ନେଇଯାଅ ! ଛୁଟି ଆଉ କ'ଣ ପାଇଁ ଥାଏ କହିଲ !

ମହାଶ୍ୱେତା କିଛି ଉତ୍ତର ଦେଲାନାହିଁ ।

କୁହନା ! ଅନୁନୟ ହେଲା ନିରଦ ।

ତମେ ମୋତେ ଛାଡ଼ିବା ଦରକାର ନାହିଁ । ଓଲା କି ଉବର୍ ମୁଁ କରିନେବି ! ମହାଶ୍ୱେତା କହିଲା । ତମେ ଘରେ ରୁହ ।

ମୋ କଥା ଜମା ମାନିବନି ! ଏମିତି କେଉଁ କାମଟା ତମେ ହୋଟେଲରେ କରୁଛ ଯେ ତମେ ନଗଲେ ହୋଇପାରିବ ନାହିଁ । ସବୁକିଛି ମୋତେ ଆଭଏଡ୍ କରିବାକୁ କହୁଛ ତମେ ! ଟିକେ ରାଗରେ କହିଲା ନିରଦ ।

କ'ଣ କରୁଛି ହୋଟେଲରେ ମୁଁ ! ନିଜର ହିତାହିତ ଜ୍ଞାନ ଭୁଲି କହିବା ଆରମ୍ଭକଲା ମହାଶ୍ୱେତା ! ଯୋଉ କାମ ଆଉ କେହି କରିପାରିବେନି, ସେହି କାମ ମୁଁ କରୁଛି ! ତା ଆଖିରେ ଥିବା ଲୁହ ରାଗର ନା ସ୍ୱାଭିମାନର ଜାଣିହେଉନଥିଲା ।

ତମେ ତା'ହେଲେ ହୋଟେଲରେ .......ଛିଃ, ଛିଃ! ଲଥ୍‌କରି ଖଟରେ ବସି ପଡୁପଡୁ କହିଲା ନିରଦ । ତା' ସାମ୍ନାର ପୃଥିବୀ ଲକ୍ଷଲକ୍ଷ କିଲୋମିଟର ବେଗରେ ଘୂରିବାକୁ ଲାଗିଥିଲା ।

ଚୁପ୍‌କର । ତମ ପୁରୁଷମାନଙ୍କର ସେହି ଗୋଟିଏ ସନ୍ଦେହ, ସ୍ତ୍ରୀ କାହା ସାଙ୍ଗେ ଶୋଇଲା କି ! ଗର୍ଜିଉଠିଲା ମହାଶ୍ୱେତା ।

ତେବେ ? ପଚାରିଲା ନିରଦ ।

କନଫର୍ମ ହେବାକୁ ଚାହୁଁଛ, ନାଇଁ । ଏବେ, ଗୋଟାଏ ପରେ ଗୋଟାଏ ପ୍ରଶ୍ନ ପଚାରିବ ଯେତେଯାଏ ତମେ ନିଶ୍ଚିତ ନହୋଇଛ ଯେ ମୁଁ କାହାର ଶଯ୍ୟାସଙ୍ଗିନୀ ହୋଇନି ! କେତେବଡ଼ ହିପୋକ୍ରାଟ୍ ତମେ ! ଏଥର ମହାଶ୍ୱେତା ଜୋରରେ ଜୋରରେ କାନ୍ଦିବା ଆରମ୍ଭ କରିଥିଲା ।

ବାହାରେ ବର୍ଷାର ଖବର ନଥିଲା ।

ସାମାନ୍ୟ ଆଶ୍ୱସ୍ତ ହୋଇଉଠିଥିଲା ନିରଦ ।

ତମେ ବହୁଥର ମୋତେ ପଚାରିଛ ନା ଯେ ମୋର ଦକ୍ଷତା ନଥାଇ ଏତେବଡ଼ ହୋଟେଲରେ ମୁଁ କାମ ପାଇଲି କେମିତି ! ସେଠି ମୁଁ କଣ୍ କରେ ! ହେଲେ, ମୁଁ ଆଜିଯାଏ ତମକୁ କିଛି ବି ଠିକ ଉତ୍ତର ଦେଇନି ! କହିଲା ମହାଶ୍ୱେତା । ବେଳେବେଳେ ସାମାନ୍ୟ ଜିଇଁବା ସ୍ୱାଭିମାନ, ଅସ୍ମିତା ଆଉ ପରିଚୟ ଠାରୁ ଅଧିକ ଜରୁରି ହୋଇପଡ଼େ ନିରଦ । ଲାଗେ, ଆଗେ ବଞ୍ଚିଯିବା, ତେଣିକି ଦେଖିବା । ଅନେକଙ୍କ ଜୀବନରେ ଏହି "ତେଣିକି ଦେଖିବା" ପର୍ଯ୍ୟାୟଟି ଆସେନା ।

ହୁଃ ! ମୁଁ ଅପାରଗ ସ୍ୱାମୀଟିଏ । କହିଲା ନିରଦ ।

ତମ ଅପାରଗତା ପାଇଁ ଯେ ମୁଁ ହୋଟେଲ କାମରେ ଛନ୍ଦିଯାଇଛି, ସେୟା ବି ନୁହେଁ । ମୋତେ ଯେତେବେଳେ ମୋ କାମ ବିଷୟରେ କୁହାଯାଇଥିଲା ମୁଁ ଚମକିପଡ଼ିଥିଲି । କାମ ଛାଡ଼ିଦେବି ଭାବିଥିଲି । ହେଲେ, ନିରଦ ! ମୁଁ କାମ ଛାଡ଼ିଦେଇଥିଲେ ଆମ ଅବସ୍ଥା କ'ଣ ହୋଇଥାଆନ୍ତା ! ଭାବିନେଲି ସମୟ ଓ ଆମର ଅବସ୍ଥା ବୋଧହୁଏ ମୋ ଠାରୁ ଏୟା ଆଶାକରୁଛି । ମୁଁ ଖୁବ୍ କାନ୍ଦିଲି । ତେବେ, ମୋର ହାତଦୁଇଟି ଆଞ୍ଜୁଳାରେ ମୋ ଲୁହଭରା ଆଖିକୁ ଛପେଇବାର ଔଦ୍ଧତ୍ୟ ଦେଖେଇଲେ । ମହାଶ୍ୱେତା ଶାନ୍ତ ପଡ଼ିଆସୁଥିଲା ।

ନିରଦ ବ୍ୟସ୍ତ ହୋଇ ପଚାରିଲା, ତେବେ ତମେ ହୋଟେଲରେ କି କାମ କର ! କାନ୍ଦୁଛ କାହିଁକି !

କାଲି କିନ୍ତୁ ମୋତେ ପ୍ରଥମଥର ପାଇଁ ଯନ୍ତ୍ରଣା ମିଳିଲା । ସେହି ଯନ୍ତ୍ରଣାକୁ ମୁଁ ଭୁଲିପାରୁନି । ନିୟମ ମୁତାବକ ଏପରି ଯନ୍ତ୍ରଣା କେହି ଗ୍ରାହକ ଦେଇପାରିବେ ନାହିଁ । କହିଲା ମହାଶ୍ୱେତା ।

ନିରଦ ମନରୁ ହଟିଆସୁଥିବା ସନ୍ଦେହ ପୁଣିଥରେ ଜମାଟବାନ୍ଧିବା ଆରମ୍ଭ କରିଥିଲା । କୋଉ କାମ କରେ ହୋଟେଲରେ ମହାଶ୍ୱେତା !

ହୋଟେଲର ଗୋଟିଏ ସମ୍ପନ୍ନ ଡାଇନିଂ ହଲରେ ମୋତେ ସମ୍ପୂର୍ଣ୍ଣ ନିର୍ବସ୍ତ୍ର ହୋଇ ଉପରମୁହାଁ ଶୋଇବାକୁ ପଡ଼େ ଏବଂ ମୋର ଦେହର ପ୍ରତିଟି ଅଙ୍ଗରେ ସଜେଇ ଦିଆଯାଇଥାଏ ଭିନ୍ନଭିନ୍ନ ବିଦେଶୀ ଖାଦ୍ୟ । ଗ୍ରାହକମାନେ ମୋର ଉଲଗ୍ନ ଦେହ ଯାହା ଏକ ଥାଳି, ତା ଭିତରୁ ଖାଦ୍ୟ ଉଠେଇ ଖାଆନ୍ତି ନିରଦ !!

ନିରଦ ଦୁଇହାତରେ ତା ମୁହଁକୁ ଢାଙ୍କି ପକେଇଥିଲା ।

ନାରୀ ଯେଉଁଠିକୁ ଯାଉ ନିରଦ, ସେ କେବଳ ଥାଳିଟିଏ ହିଁ ହୋଇଥାଏ । କହିଲା ମହାଶ୍ୱେତା ଓ ଉବର୍ ପାଇଁ ଫୋନ୍ ଲଗେଇଲା ।

∞∞∞

ଅନୀଲ କୁମାର ପାଢୀ, ଏମ୍ ଏ, ଏମ୍ ଫିଲ୍, ଇଂରାଜୀ ବିଭାଗର ଆସୋସିଏଟ୍ ପ୍ରୋଫେସର । ତାଂକର ୨୪ଟି ଗଳ୍ପସଂକଳନ, ୮ଟି ଉପନ୍ୟାସ, ୨ଟି ସମାଲୋଚନା ପୁସ୍ତକ ଓ ଗୋଟିଏ କବିତା ସଂକଳନ ଅଛି । ସେ ସାଧାରଣତଃ ଦର୍ଶନ, ଅଧ୍ୟାତ୍ମ ଓ ମନୋବିଜ୍ଞାନକୁ ନେଇ ଲେଖନ୍ତି । ଭୁବନେଶ୍ୱରରେ ରହନ୍ତି ।

∞∞∞

# ଅପୂର୍ଣ୍ଣତାର ପ୍ରଶ୍ନ

SRUJAN
The Creativity Journal
Srujan ISSN 2976-9329

## ବୀଣାପାଣି ଦେବତା

ମୁଁ ମୂଳରୁ ଏମିତି ଅଭଦ୍ର ଥିଲି
ଆଜି ବି ରହିଯାଇଛି ସେମିତି
ଶିଳ୍ପୀ ହାତର ଅଧାଗଢ଼ା ମୂର୍ତ୍ତି
ଯାହାର ଖାଲଖମା ଖଦଡ଼ା ଦଦରା
ଲୁଚାଇବା ପାଇଁ ଦିଆହେଇପାରିନି ପ୍ରଲେପ
ଖାଲି ଗଠନ କରି ଉଠିଯାଇଛି ଶିଳ୍ପୀ
ନିଖୁଣ ଗଢ଼ଣ ଥିଲା ବାକି ।
ଖାଲି ବାକି ଥିଲା ବୋଲି ନା ଦିଶୁଛି
ଯାହା ସତ ବାସ୍ତବ ସ୍ପଷ୍ଟ
ସୃଷ୍ଟି କରିପାରୁନି ମିଛିମିଛିକା ଭ୍ରମ

ମୁଁ ଋଣୀ
ରହିଛି ବୋଲି ଏଇ ଅଧାପଣ ।
ମୋର ଲୁହ ଗଡ଼େ
ଚିକିଣା ଗାଲ ନୁହେଁ ବୋଲି
ପଡ଼େନା କାହା ଆଖିରେ
ଗଡ଼ିଗଡ଼ି ଆଖିପାଣି ଭିଜାଏ
କାହାର ଶୁଖିଲା ଭୂଇଁ ।
ମୋର ଓଠ ହସେ
ତେବେ ଲାଗିନି ବୋଲି ରଙ୍ଗର ପାଲିସ
ଉଠାଇ ନେଇନି କେଉଁ ଚିତ୍ରକର
ଭବିଷ୍ୟତ ବ୍ୟବହାର ପାଇଁ
ସେଇ ହସ ଚନ୍ଦ୍ରକିରଣ ହେଇ ଝଲସେ

ଫୁଟପାଥ ଶିଶୁର ଭାତଥାଳିରେ ।
ଉତ୍ତର ଫେରିନଥିବା ଚିଠିଗୁଡ଼ିକ ପରି ମେଘମାଳ
ସେଦିନୁ ଭ୍ରମୁଛଂତି ଆକାଶରେ

ଅପୂର୍ଣ୍ଣତାର ପ୍ରଶ୍ନ ସାମ୍ନା କରିନପାରି
ମୋର ଶିଳ୍ପୀ ନିଖୋଜ ।
କୁଢ଼କୁଢ଼ ଆବର୍ଜନା ଆଗରେ କେବେ
ମୃଦୁ ନୀରବ ରହିପାରିବ କି ନିଆଁ
ଶୁଖିଲା କ୍ଷେତମାନଙ୍କର ତୃଷାର୍ତ୍ତ ଓଠ
ଚାହିଁ ରହିଥିବାବେଳେ
ଉଦ୍ଧତ ପଥରଖଣ୍ଡମାନଂକ ପାଖରେ
ନଇଁ ରୋକି ଯିବ କି ଝରଣା ।
ମୁଁ ଅଭଦ୍ର ଅଛି ଆଉ ରହିବି ।
∞∞∞

# ପ୍ରଶ୍ନ ଦେବବ୍ରତ

SRUJAN
The Creativity Journal
Srujan ISSN 2976-9329

## ବୀଣାପାଣି ଦେବତା

ତୁମର ଅଶ୍ୱ ଦୌଡୁଥାଏ
ପ୍ରାନ୍ତର ଅପନ୍ତରା ଅରଣ୍ୟରେ
ତୁମର ଲକ୍ଷ୍ୟ ତୀର ଭଳି
ଦୌଡ଼େ ସିଂହାସନ ଆଡ଼କୁ
କାଷ୍ଠ ଧାତୁର ଭିତ୍ତିଭୂମି ଉପରେ ଠିଆ ହେଇ
ଧଡ଼କୁଥିବା ହୃଦୟ କେବେ ତୁମକୁ ଦିଶିନାହିଁ ।
ଦେବବ୍ରତ, ଏକ ପତାକା ପ୍ରତି ନିଷ୍ଠା କ'ଣ
ଢାଙ୍କିପାରେ ହଜାର ହଜାର ନଗ୍ନ ଦେହ
ଇତିହାସ କ'ଣ ଏକ ସିଂହାସନର କାନ୍ଧ ଉପରେ ଠିଆ ହେଇପାରେ ।

ଅପାରଗତା, ଭୁଲ୍‌ର କାଳିରେ ଲିଖିତ ଯେତେ ଇତିହାସ
ମେଧା ଯୋଗ୍ୟତା ପାରଙ୍ଗମତା ରହିଯାଏ
ଖାଲି ପତାକା ଉଠାଇବା ପାଇଁ
ଯେଉଁଥିରେ ପୋଛି ହୁଏନା କାହା ଲୁହ
ବାନ୍ଧି ହୁଏନା ପଟି କାହା କ୍ଷତରେ ।
ଢାଙ୍କି ହୁଏନା ଭୋକ ଓ ଶୀତରେ କାତର

ଛୋଟିଆ ଦେହଟେ କାହାର ।
ତୁମଠାରୁ ଆଜିଯାଏ ଲମ୍ବିଥିବା ଇତିହାସ
ଏଇ ସବୁ ଦୁର୍ବଳତାରୁ ବୁଣେ ଲଜ୍ଜାବସ୍ତ୍ର
ଓ ଠିଆ ହୁଏ ଆମ ଆଗରେ ।
ଖଖଖ

# ପେଜୁଆ ଆଖିର ପ୍ରଶ୍ନ

Srujan ISSN 2976-9329

**ବୀଣାପାଣି ଦେବତା**

ମୁଁ ଖୋଜୁଛି କେଉଁଠି ମୋର ଦେଶ
ତୁମେ ଯେଉଁ ମାନଚିତ୍ର ଦେଖାଉଛ
ମୋ ଦେଶର କଙ୍କାଳ ଅଛି
ତା ପ୍ରାଣବାୟୁ ଥଳି ଲୁଚାଇ ଦେଇଛ
କେଉଁ ସମ୍ପନ୍ନ କୋରଡ଼ରେ ।
ତାର ଆତ୍ମା କେଉଁଠି ଯେ ସେ ଠିଆ ହେବ
ବିପଜ୍ଜନକ ଭାବେ ଟ୍ରକରେ ବୁହା ହେଉଥିବା
ଶ୍ରମଜୀବୀ ପିତାର ହାତରୁ
ଝୁଲୁଥିବା ସନ୍ତାନକୁ କୋଳକୁ ନେବ ।
ଅସଂଖ୍ୟ ଶବ୍ଦାବଳୀର କ୍ରୁଶରେ
ଝୁଲୁଛି ମୋର ଦେଶ
କାହାର କରୁଣାମୟ ହାତ ଛୁଇଁ ତାକୁ ଜୀବଦାନ ଦେବ ।

ଅସଂଖ୍ୟ ଅର୍ଥର ସନ୍ଦେହରେ ଧୂଆଁଳିଆ
ପେଜୁଆ ଆଖିର ପ୍ରଶ୍ନକୁ
ଏକମାତ୍ର ଉତ୍ତର ହେବ ସୂର୍ଯ୍ୟ ଭଳି
ସେ ଦେଶ ମୋର କାହିଁ ।
ସ୍ୱପ୍ନର ଅସଂଖ୍ୟ ସମର୍ଥ ହାତଗୋଡ଼ମାନ
ସ୍ତମ୍ଭ ପରି ଟେକି ଧରିଛି ଯେଉଁ ମିନାର
ସତ ମାଟିକୁ ପୀଠ ଓ ଆକାଶକୁ ଚନ୍ଦ୍ରାତପ କରି
ଠିଆ ହେବାକୁ ମୋ ଦେଶର ସମର୍ଥ ଜନଗଣମନ କାହିଁ ।

ꝏꝏꝏ

ଡ. ବୀଣାପାଣି ଦେବତା, ୧୯୯୦ରୁ ଓଡିଶାର ସ୍ୱନାମଧନ୍ୟ ପତ୍ରପତ୍ରିକାରେ ଲେଖି ଆସୁଛଂତି । ଏଯାବତ ସାତଟି ପୁସ୍ତକ ପ୍ରକାଶିତ । କବିତା ସଂକଳନ: ବୀଜବପନ (୨୦୧୦), ନଦୀତମା (୨୦୨୧), ଏହାସହ ଡାଏରୀ ଅଂତହୀନ ଶାଂତିନିକେତନ (୨୦୧୮); ପ୍ରବଂଧ ସଂକଳନ: ମହାକବିର ଅଂଗୀକାର ଓ ଅନ୍ୟାନ୍ୟ ପ୍ରବଂଧ (୨୦୧୫), ଲୋକସାହିତ୍ୟ ସପକ୍ଷରେ (୨୦୧୫), ବଂଗଳା ଭାଷାରେ ଅନୂଦିତ ହୋଇ ପ୍ରକାଶ ପାଇଛି, ବାଁଚୋ ନଦୀର ମତୋ ବାଁଚୋ, କବିତା ସଂକଳନ (୨୦୧୦) ଓ ପ୍ରବଂଧ ସଂକଳନ ଓଡ଼ିଆ ଓ ବାଂଲା ଲୋକଗୀତି (୨୦୨୧) । ପୁରସ୍କାର: ବିଦ୍ୟାପୁରୀ କବିତା ପୁରସ୍କାର (୧୯୯୫), ଉତ୍କଳ ସାହିତ୍ୟ ସମାଜ ସମ୍ମାନ (୨୦୧୮), ଶ୍ରେଷ୍ଠ ଲେଖକ ପୁରସ୍କାର ସପ୍ତର୍ଷି (୨୦୦୨) ଇତ୍ୟାଦି । କୋଲକାତାରେ ରହନ୍ତି ।

ꝏꝏꝏ

# ଶୀତ ଆସେ ଥରି ଥରି

Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ସୋରିଷ ଫୁଲର ହଳଦୀ ରଙ୍ଗରେ
ହସୁଛି ସୁନାର କ୍ଷେତ
ଶୀତଳ ପରଶ ଛୁଇଁ ଛୁଇଁ ଯାଏ
ମନ ହୁଏ ପୁଲକିତ ।।

କାକର ଟୋପାରେ ଝରୁଛି ଶେଫାଳି
ଗାଉଛି କରୁଣ ଗୀତି
ପତରେ ପତରେ ଶୋଭା ପାଉଅଛି
ନାନା ରଙ୍ଗ ଫୁଲ ଜାତି ।।

ମହା କାର୍ତ୍ତିକରେ ବୋଇତ ବନ୍ଦାଣ
ମାଣ ଝୋଟି ମାର୍ଗଶିରେ
ମକରର ଗୁଡ଼ି ବସନ୍ତ ପଞ୍ଚମୀ
ଏ ଋତୁରେ ଶୋଭା ଭରେ ।।

ଲୁଚିଯାଏ କାହିଁ ଜହ୍ନର ଜୋଛନା
ଶିଶିର ଚାଦର ତଳେ
ଗୋଲାପ ରାଣୀର ଅପୂର୍ବ ସମ୍ଭାର
ନାଚୁ ଥାଏ ତାଳେ ତାଳେ ।।

ଶୀତ ସକାଳର କଅଁଳ ଖରାରେ
ହସି ଉଠୁଅଛି ଧରା
ଘାସ ଗାଲିଚାରେ ମୁକୁତା ଓଢ଼ଣି
କେତେ ମନୋରମ ପରା ।।

ଧୂଆଁ ଧୂଆଁ ନୀଳ ଗଗନ ଶୋଭନ୍ତି
ଧୂଆଁ ଏ ଦିଗ୍‌ବଳୟ

ସମୀରେ ସମୀରେ ବହୁଅଛି ବାଆ
ଶିହରି ଉଠଇ କାୟ ।।

ଶୀତଳ ଲହରୀ ହୁଏ ଦୋଳାୟିତ
ଆସଇ ଧରଣୀ ପାଶେ
ସ୍ୱାଗତ କରଇ ଧରଣୀ ରାଣୀ ଏ
ହୃଦୟ ଦୁଆର ଦେଶେ ।।

∞∞∞

# ବିରହ

SRUJAN
The Creativity Journal
Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ବହଳ ଅନ୍ଧାର ଘୁମେଇ ପଡ଼ିଛି
ନିରବ ରଜନୀ କୋଳେ
ତୁମ ବିରହରେ ମନ ମୋ ଅଧିର
ହୃଦୟେ ଅନଳ ଜଳେ ।।

ସେଇ ତାରା ଅଛି ଆକାଶ ଛାତିରେ
ମିଳନର ମୂକ ସାକ୍ଷୀ
ତୁମେ ନାହଁ ବୋଲି ଖାଁ ଖାଁ ଲାଗେ
ନିରିଜନ ମନ ପକ୍ଷୀ ।।

କେତେ ଯେ ସରାଗ କେତେ ଅନୁରାଗ
କେତେ ମାନ ଅଭିମାନ
ବିତିଥିଲା ଏଇ ତମସା କୋଳରେ
ଫେରିବକି ସେଇ ଦିନ ।।

ନୀଳ ଗଗନରେ ମୁରୁକି ହସୁଛି
ଆଜି ପରା ସେଇ ତାରା
ନିଃସଙ୍ଗରେ କଟେ ଏକା ଏକା ସାଥି
ଆଖିରେ ଲୁହ ଅସରା ।।

# ଏଇ ମୋ ମାଟି ମାଆ

Srujan ISSN 2976-9329

## ସୁରାତ୍ରୀ ପ୍ରଧାନ

ସବୁଠୁ ବଡ଼ ମୋ ମାଟି ମାଆ
ଏଇଠି ଜନ୍ମ ମୋର
ଏ ଦେହ ଗଢ଼ା କୋଳରେ ତାର
ସିଏ କେତେ ନିଜର ।।

ତା ଠାରୁ କେହି ସୁନ୍ଦର ନାହିଁ
ବଣ, ଜଙ୍ଗଲ, ନଈ
ତା ମିଠା ଛୁଆଁ ଆମରି ପାଇଁ
ଦିଏ ଶୀତଳ ଛାଇ ।।

ତା ବୃକ୍ଷରାଜି ପ୍ରାଣୀଙ୍କ ପାଇଁ
କେତେ ସୁବିଧା ଦିଏ
ପୋଖରୀଜଳ ଜୀବ, ଜନ୍ତୁଙ୍କ
ଶୋଷ ମେଣ୍ଟାଇ ଥାଏ ।।

ଆକାଶ ବକ୍ଷେ ଚନ୍ଦ୍ର, ସୂର୍ଯ୍ୟ
ତାରକା ମେଳେ ରହି
ମାଟି ମାଆକୁ ଦେଇ ଆଲୋକ
ସୁବିଧା ଦିଏ ଯୋଗାଇ ।।

କେତେଯେ ପୀଠ ଦେବୀ ମନ୍ଦିର
ଦେବତା ଛନ୍ତି ରହି
ଆନନ୍ଦ ମନେ ହଜାଇ ମନ
ଯାଏ ଭକ୍ତିରେ ମୁଣ୍ଡ ନଇଁ ।।

ଗାଆଁ ପରବ ବଡ଼ ଆମର
କେତେ ଯାତରା, ମେଳା

ସଂସ୍କୃତି ଆମ ବଜାୟ ଅଛି
ସିଏ ଆମର କଳା ।।

ମଧୁମୟରେ ଭରିଛି ଧରା
ସୁନ୍ଦର ମାଟି ମାଆ
ନିଜ ନିଜର କର୍ମରେ ରହି
ବଢ଼ାଇବା ତା ନାଆଁ ।।

ꝏꝏꝏ

ସୁରାତ୍ରୀ ପ୍ରଧାନ, ଗୃହିଣୀ, କବିତା ଲେଖନ୍ତି । ସାହିତ୍ୟ ପୃଷ୍ଠାରେ କିଛି ଲେଖା ପ୍ରକାଶିତ । ଗୋପ, ପୁରୀରେ ରହନ୍ତି ।

ꝏꝏꝏ

# The sea and me

Srujan ISSN 2976-9329

Ranjit K Sahu





.



.



.



∞∞∞

Ranjit K Sahu is a scientist in Virginia University in the USA. He is poet, painter and short story writer. He has a few anthologies in poetry: jibanar sourav, premara pratidhwani, *kuchh lamhe kuchh jajbat*, 2005: a year of love, Drunk, Companion, and The wonders of creation. His writing have been published in Odisha and outside. He has published a collection of Odia poems titled "*Sandhanare Anaamikaar*". He connects with the nature in his literary creations. He has few painting exhibitions to his credit. He lives in Charlottesville VA USA.

These paintings have been exhibited in the Bolder Exhibition held in The Poe Park Center, The Bronx New York, USA in 2022.

∞∞∞

# ଫଗୁଣ ଫଗୁଣ

Srujan ISSN 2976-9329

**ବିଶ୍ୱନାଥ କର**

ପଉଷ ପାହାନ୍ତିର କୁହୁଡ଼ି ଓଢ଼ଣା ତଳେ
ଅବଗୁଣ୍ଠନବତୀ ସାଜି ସାରିଲାଣି ଶୀତର ଗଜଲ ଗାଉଥିବା ଜହ୍ନ
ମୁହଁ ଲୁଚେଇ ଲାଜ ଲାଜ ହସ ନେଇ
ଅପେକ୍ଷା କରି ବସନ୍ତର ରାସ
କୋଇଲି ବି ସଜ ହେଲାଣି ଗାଇବ ବୋଲି ମଧୁମାଳତୀର ଗୀତ ।

ଅମାନିଆ କବିର କଲମରେ ଫୁଲ ସବୁ ଫୁଟିବାର ଇଚ୍ଛା
ଋତୁରାଜ ବି ସଜାଡ଼ି ନେଲାଣି ଫୁଲଶର
ନିରଙ୍କୁଶ ରାଜୁତି ପାଇଁ ସ୍ୱପ୍ନର ଡେଣାର ସିଂହାସନାରୂଢ଼ ହୋଇ
ମଲ୍ଲି ପାଖୁଡ଼ାରୁ ସୁରା ପିଇ
ମାତାଲ ହୋଇ ।

ବଉଳ ବଉଳ ବାସିଲାଣି ଗାଁ ଆମ୍ବତୋଟା
ଝରାମହୁରେ ଭିଜିଗଲାଣି
ରଙ୍ଗ ବଦଳାଉଥିବା ଶତ କଦମ୍ବର ରୋମାଞ୍ଚ
ଫୁଲ ଫୁଟିବ ଫୁଟିବ ହେଉଛି ଅଶୋକ ବୃନ୍ତ
ନିଜ ସହ ନିଜେ ଭେଟିବାକୁ ଏକାକୀ ଏକାକୀ
ଅଝଟ ଯାଯାବର ମନ
ଏକ ସମ୍ମୋହିତ ଦୁନିଆଁର ଛାୟାଲୋକେ ମାୟାଲୋକେ
ବୃତ୍ତଚିତ୍ର ଉପବନେ ଲେଖିବାକୁ ନୀଳ ଗଗନର ନାଁ ।

ରଫ୍ ଖାତାରେ ଚିତ୍ର ଆଙ୍କୁ ଆଙ୍କୁ
ଚିତ୍ର ରେ କବିତା ଲେଖୁ ଲେଖୁ
ଏକ ବରାଦିଆ କବିତା
ଥର ଥର ଓଠରେ କିଏ ଛୁଏଁ ଆକାଶର ଓଠ
ଅଳସୀ ସଞ୍ଜର ଦଲକାଏ ପବନରେ ଗାଇ ଗାଇ ଗୀତ ।

ପଉଷ ପାହାନ୍ତିର ସୁଲୁସୁଲିଆ ପବନେ ପହଡ଼ ପକେଇ ଦେଲାଣି
ଫୁଲେଇ ଜହ୍ନ
ଖୋଜି ଖୋଜି ନିଜେ ହଜେଇ ଦେଇଥିବା ଠିକଣା
ଭିଜିବ ବୋଲି ଫଗୁଣର ମଦିରା ନିଶାର ସବୁଜ ମାୟାରେ
ଚୁପି ଚୁପି ଲାଜେ
ଫଗୁଣ ଆରମ୍ଭିବ ରାସ
ଚଢ଼ାଇବ ଫୁଲଶରରେ ଗୁଣ
ବାସୁଥିବ ପବନ ଫଗୁଣ ଫଗୁଣ ।
ooo

# କେତେ ହଜିଛି କେତେ ମିଳିଛି

Srujan ISSN 2976-9329

## ବିଶ୍ୱନାଥ କର

ଜୀବନରେ କେତେ ମିଳିଛି କେତେ ହଜିଛି
କେତେ ବାମନର ଆନତପାଦରେ
ପାତାଳଗାମୀ ବଳିର ଦର୍ପିତ ମୁଣ୍ଡ
ବରଷା ଆସିଛି ପୁଣି ଅଦିନ ମୁହୂର୍ତ୍ତେ
ଫୁଲ ଫୁଟିଛି ଝଡ଼ିଛି ଭିନ୍ନ ଋତୁ ଅଭିନ୍ନ ରାତିରେ ।

ଶିଉଳିରେ ଗୋଡ଼ ଖସିଯିବାର ଭୟ
କେତେ କେଜାଣି ମୋ ସ୍ୱପ୍ନର ଛାଇକୁ ଜାବୁଡି ଧରିଛି
କେତେ ସୁନାମିରେ ଉବୁଟୁବୁ ଆଶାର ଦ୍ୱିତୀୟା ଜହ୍ନ
ମୋ ଇଚ୍ଛାର ଛିଣ୍ଡା ପଣତ ତଳେ ମୁହଁ ଲୁଚେଇଛି ।

ହଳଦୀ ବସନ୍ତର ଗୀତରେ
କେବେ ସ୍ୱପ୍ନଗଢ଼େ ରୁଗ୍‌ଣ ମଧୁମାସ ହତଶ୍ରୀ ଆକାଶ
ଚିତ୍ର ଆଙ୍କେ ଠିକଣାହୀନ ଭସାବାଦଲ
କେବେ ଶୀତ କ୍ଳାନ୍ତ ହସନ୍ତ ବସନ୍ତ
ସଂଘର୍ଷରେ ହାରିଯାଇଥିବା ମାଗୁଣିର ଶଗଡ଼ ।

ସୁନା ରୋଶଣିର ଅରୁଣିମାରେ ଆଲୋକିତ ଅସରନ୍ତି ଯାତ୍ରା
କେବେ ମୋଡ଼ ନିଏ
ଇନ୍ଦ୍ରଜାଲ ଚନ୍ଦ୍ରଜାଲର ମାୟା ଘେରରେ
ମିଛ ପ୍ରହେଳିକାରେ
ପୁଣି ମୋହ ଭାଙ୍ଗେ ଅସ୍ମିତାର ଆତ୍ମପ୍ରକାଶରେ
ଜୀବନର ଅନୁଭବ ଆକାଂକ୍ଷାର ନୂତନ ଯାତ୍ରାରେ
ଅପୂର୍ଣ୍ଣତାର ଗତି ସମ୍ପୂର୍ଣ୍ଣାର  ପଥେ ।

କେବେ ପଶ୍ଚାତ୍ତାପ କରିଛି
ତ କେବେ ଆତ୍ମସନ୍ତୋଷ ଲଭିଛି
ଦେଣନେଣର ତରାଜୁରେ ନ ତଉଲି ସମ୍ପର୍କ
ନଈବଢ଼ି ଦେଖିଛି
ଘର ପୋଡ଼ି ବି ଦେଖିଛି
ମେଘଦୂତର କାବ୍ୟରେ ନିଜ ପ୍ରେମକୁ ଖୋଜିଛି ।

ଅନେକ ପାଇଛି
ଅନେକ ହରେଇଛି
କେବେବି ଭାଙ୍ଗିପଡ଼ିନି ଭଗ୍ନତାର ଜ୍ୱାଳାରେ
 ସଜେଇଛି ନିଜକୁ
ନୂଆ ରଙ୍ଗରେ ନୂଆ ଆଶାରେ ନୂଆ ଇଚ୍ଛାରେ ନୂଆ ଆକାଙ୍କ୍ଷା ରେ
ସମୟର ଫୁଲପକା ଚଉହଦିରେ ।
ଠଠଠ

# ସ୍ୱପ୍ନ

Srujan ISSN 2976-9329

## ବିଶ୍ୱନାଥ କର

ବାରମ୍ବାର ଝୁଣ୍ଟୁଛି
ବାରମ୍ବାର ହାରୁଛି
ତଥାପି ସଜାଡୁଛି ସ୍ୱପ୍ନ ଏକ ବିଭୋର ପଣରେ
ନିଦରୁ ଉଠେ
କ୍ଳାନ୍ତ ପ୍ରଜାପତିର ଡେଣାରେ ବସି
କ୍ଷଣ ଭଙ୍ଗୁର ସ୍ୱପ୍ନର  ଚୋରା ଚଇତାଳିର ପୁଲକରେ ।

ସବୁ ସ୍ୱପ୍ନ ତ ମନେ ରହେନା
ଭସାମେଘ ଭଳି ଭାସି ଯାଏ ଅନେକ ସ୍ୱପ୍ନ ମାନସ ପଟରୁ
ତଥାପି ମନେଥିବା ସ୍ୱପ୍ନର ଲୁଚକାଳି ଖେଳରେ
ପାଏ ଜୀବନର ଏକ ଅଦ୍‌ଭୁତ ଅନୁଭବ
ସ୍ୱପ୍ନ ଗଢ଼େ ସ୍ୱପ୍ନ ଭାଙ୍ଗେ
ତଥାପି ମୁଁ ଗଢ଼େ ।

ତେଲଲୁଣର  ସାଂସାରିକ ଜୀବନର ଯୁଦ୍ଧ ଭୂଇଁରେ
କେତେ ମୁଁ ଦେଖିଛି ଭୋକର ଭିନ୍ନ ଚିତ୍ର
ଉଜୁଡ଼ା ସ୍ୱପ୍ନରେ
ଫଗୁଣର ପବନରେ ଉଡୁଥିବା ମଲାଜହ୍ନର ତୋଫା
ଅନ୍ଧାର ରାତିରେ ଚିହ୍ନା ନକ୍ଷତ୍ରକୁ ଖୋଜୁଥିବା ନାୟକ ନାୟିକା
ଲୋଚାକୋଚା ଜୋଛନାରେ ।

ସ୍ୱପ୍ନ ଭାଙ୍ଗିଯାଏ କେବେ କେବେ ଅଧରାତିରେ
ମଲାଜହ୍ନର ତରାସରେ ପୁଣି ସ୍ୱପ୍ନ ଗଢ଼େ ଅଦେଖା ଲୁହରେ
କୃଷ୍ଣଚୂଡ଼ା ତଳେ ତହତହ ଖରା ଛାଇ ଖେଳରେ
ପୁଣି ଜୀବନର ବୃତ୍ତଚିତ୍ର ଆଙ୍କେ
ଯାଯାବର ମନ ତଳେ
ସପନକୁ ନୂଆ ରଙ୍ଗ ମାଖେ ।

ନୀଳତୃଷ୍ଣାର ମୃଗୟାରେ କେବେ ଆଖି ବୁଜେ
ସ୍ୱପ୍ନ ଦେଖିବାର ଅଭିନୟରେ ଗୋଟାଏ ମଧୁର ଆତ୍ମ ପ୍ରକାଶ
ମୁଗ୍ଧ ହେବାର ଛଳନା
ପୁଣି ପୁଣି ସ୍ୱପ୍ନ ଦେଖେ
ସ୍ୱପ୍ନ ଭାଙ୍ଗେ
ପୁଣି ଗଢ଼େ ।
ꝏꝏꝏ

ବିଶ୍ୱନାଥ କର, ପଞ୍ଜାବ ନେସନାଲ ବ୍ୟାଙ୍କରୁ ଅବସର ।  ନ'ଟି କବିତା ସଙ୍କଳନ ପ୍ରକାଶିତ । ଓଡ଼ିଶାର ବିଭିନ୍ନ  ଅନୁଷ୍ଠାନରୁ କବିରତ୍ନ, କବିପ୍ରାଣ ଆଦି ସମ୍ମାନରେ ସମ୍ମାନିତ । କଟକରେ ରହନ୍ତି ।

# ଶେଷ ସଙ୍ଗୀତ

SRUJAN
The Creativity Journal
Srujan ISSN 2976-9329

## ମାନସ ରଂଜନ ମହାପାତ୍ର

ଅନେକ ବର୍ଷ ଶୁଣିସାରିଲିଣି, ମତେ
ଏବେ ଗାଇବାକୁ ଦିଅ

ବହୁଦିନୁ କହିନି ଶବ୍ଦଟେ ବି
ଗାଇନି ଗୀତଟେ
ଦେଖ, ସେଇ ଚଢ଼େଇମାନେ ଗୁମୁରୁଛନ୍ତି
ଶୁଣିବେ ବୋଲି
ଚୁପ୍‌ଚାପ୍ ନଈଟି ବହିଯାଉଥିଲା କାଲିଯାଏଁ
ଏବେ ବନ୍ଦ କରିଦେଇଛି ବହିବା
ମୋ ଗୀତ ଶୁଣିବ ବୋଲି
କେବେଠୁ ଥମିଯାଇଛି ପବନ
ମତେ ଏବେ ଗାଇବାକୁ ଦିଅ

ପ୍ରସ୍ତୁତ କର ତୁମ  ବାଦ୍ୟଯନ୍ତ୍ର
ସଜ୍ଜିତ କର ମୋ ମଞ୍ଚ
ମୋର ଅଜସ୍ର  ଅନାମ ଶ୍ରୋତାଙ୍କୁ ଡାକ
ଗାଇବି ମୁଁ ଗୀତ

ଏଇ ବୋଧେ ହେବ
ଶେଷ ସଙ୍ଗୀତ  ମୋର....

ဓဓဓ

# ବିଜ୍ଞାପନ

Srujan ISSN 2976-9329

## ମାନସ ରଂଜନ ମହାପାତ୍ର

ଆଜିକାଲି ବିଜ୍ଞାପନରେ ମିଳେ ସବୁକିଛି
ଜନ୍ମନିରୋଧକର ପ୍ରଚାରଠାରୁ
ପ୍ରଧାନମନ୍ତ୍ରୀଙ୍କ ବଜେଟ ଭାଷଣ
ଗଣଧର୍ଷଣରୁ ଗାନ୍ଧିବାଦ
ଗାଁରୁ ଜାତିସଂଘ

କେତେ ସହଜ ଏବେ ସତେ
ବଞ୍ଚିବା ସରକାରୀ କାଗଜରେ, ପ୍ରଚାରପତ୍ରରେ
ଏତେ କୋଟି ଯୁବକ ପାଇବେ ଚାକିରି
ଏତେ କୋଟି କରୋନା ଟିକା
ଆଜି ବଞ୍ଚିଯାଆ ଭୋକ
ବହୁ ଦୁର୍ଘଟଣାର ଛପେନି ଖବର
ଛପେ କିନ୍ତୁ ରଙ୍ଗବେରଙ୍ଗ
ସରକାରୀ, ବେସରକାରୀ ବିଜ୍ଞାପନ

ହେଲେ, ଭୋକିଲା ମଣିଷର ପେଟର ବିଜ୍ଞାପନ
କେବେ ଦେଖିଛ ?
୦୦୦

# ମହାସମୁଦ୍ରର ଇତିକଥା

Srujan ISSN 2976-9329

## ମାନସ ରଂଜନ ମହାପାତ୍ର

କାହାକୁ ପଚାରିବା
କେତେ ଭୁଲ୍ ଆଜିକାଲି

କାହାକୁ ପଚାରିବ, କାଂଥ ଶୁଣ୍
ବାଡ଼ ଶୁଣ୍ କହୁଥିବ, କହି ଚାଲିଥିବ
ବୁଲୁଥିବ ଶିଲଂରୁ ଦିଲ୍ଲୀ, ଦିଲ୍ଲୀରୁ ପୁରୀ

ପୁରୀରୁ ଶିଲଂ, ବାଂଗାଲୋର, ପୁରୀ
ବ୍ରହ୍ମାଣ୍ଡ ପରିକ୍ରମା କରୁଥିବ
ପାଉନଥିବ ଉତ୍ତର

ଶବ୍ଦମାନେ ବୋଧେ ଏମିତି, ବେପରୁଆ
କେବେ ମଧୁଶାଳାରେ ତ କେବେ
ପାଛଶାଳାରେ
ହଜିଲା ଦିନ ପରି ନିରୁଦ୍ଦିଷ୍ଟ
ଶବ୍ଦମାନଙ୍କୁ ଖୋଜିବା
କେତେ କଷ୍ଟ ସତରେ
ସବୁ ଶିରପା ସଜାଡ଼ି ହୋଇ ରହିଥାଏ ମଶାଣିରେ
ଓ ମୁଁ ଚିରକାଳ ବନ୍ଦି ଅସରନ୍ତି
ପ୍ରଶ୍ନ ଭିଡ଼ରେ
ଅସମର୍ଥ ସତ୍ୟପାଠରେ !

ଯାହାର ଯିବା କଥା, ସିଏ ଯିବ
ତାକୁ ରୋକିବ କିଏ?
ହେଲେ କେତେ କଷ୍ଟ ଖାପଖୁଆଇ ଚଳିବା
ବଦଳୁଥିବା ସମୟ ସହିତ.....

ମୁଁ କେଉଁଠି ନିଜକୁ ଖୋଜିହେଉଛି
ମାନଚିତ୍ରରେ ମିଳୁନି ମୋର ଠିକଣା ଭୂଗୋଳରେ ବି
ପଚାରିଲେ, ଗୋଟିଏ ଉତ୍ତର, ଖୋଜ
ଖୋଜିଚାଲ ପାଅ କି ନପାଅ !
ମୋ ଗାମୁଛାରେ ବନ୍ଧା ଦେଶ ତ
ପାପୁଲିରେ ପାପୁଲିଏ ଈଶ୍ୱର ।

ꝏꝏꝏ

ମାନସ ରଞ୍ଜନ ମହାପାତ୍ର, ନ୍ୟାସନାଲ ବୁକ୍ ଟ୍ରଷ୍ଟର ସମ୍ପାଦକ, ଜାତୀୟ ଶିଶୁ ସାହିତ୍ୟ କେନ୍ଦ୍ରର ମୁଖ୍ୟ ଓ ଉତ୍ତର ପୂର୍ବାଞ୍ଚଳର ସଂସ୍କୃତି ନିର୍ଦ୍ଦେଶକ ହିସାବରେ କାମକରି ଅଧୁନା ଅବସରପ୍ରାପ୍ତ । ଓଡ଼ିଆ, ଇଂରାଜୀ ଓ ହିନ୍ଦୀ ଭାଷାରେ ସେ ଶତାଧିକ ଗଳ୍ପ, ପ୍ରବନ୍ଧ,ଏକାଙ୍କିକା, ସ୍ମରଣ, ଅନ୍ତରଙ୍ଗ ଆଳାପ, ବିଜ୍ଞାନ କଥା, ଫିଚର୍, ଶିଶୁ ସାହିତ୍ୟ ଓ ସହସ୍ରାଧିକ କବିତା ଲେଖିଛନ୍ତି । ତାଙ୍କର ଅଦ୍ୟାବଧି ଛ' ଟି କବିତା ସଙ୍କଳନ, ଗୋଟିଏ ଗଳ୍ପ ସଂକଳନ, ଇଂରାଜୀ ଓ ହିନ୍ଦୀ ଭାଷାରେ ଦୁଇଟି ପୁସ୍ତକ, ଦୁଇଟି ଶିଶୁ ସାହିତ୍ୟ ପୁସ୍ତକ ତଥା ଅର୍ଦ୍ଧ ଶତାଧିକ ଅନୁବାଦ ପ୍ରକାଶିତ ।

ꝏꝏꝏ

# ଖରା ବେଳ

SRUJAN
The Creativity Journal
Srujan ISSN 2976-9329

**ହରିଶ୍ଚନ୍ଦ୍ର ବେହେରା**

ଖରା ବେଳ ଶିଖେଇ ଥିଲା
ବିନ୍ଦାସ୍  ଜିଇଁବାର କଳା
ଯେତେ ସବୁ ଦୁଷ୍ଟାମି
ଫାଜିଲାମି

କପୋତୀ  କାନ୍ଦୁଥାଏ  ନା  ଗୀତ ଗାଉଥାଏ
ଖରାବେଳ  ସାରା
କେଉଁ  ବୁଝିପାରେ ପିଲା ମନ

ନଈ ଏଡ଼େ ଗେହ୍ଲେଇ ଯେ
ଡାକେ ପହଁରିବାକୁ
ପଠାରେ କଣ୍ଢେଇ କୋଳି ଖାଇବାକୁ
ମା'ପରି କହେ, ଆସରେ ପିଲେ ନେଇଯାଅ
ସାଇତିଥିବା ସୁଖ ସନ୍ତୋଷକୁ

କେଇଟା ବୁଢ଼ା କହନ୍ତି ଯିବନି ରେ ପିଲେ
ମାଙ୍କଡ଼ା କେନ୍ଦୁ ଖାଇବାକୁ
ମୂଳରେ ଠାକୁରାଣୀ  ବଡ଼ ଜାହିରା
ଚଢ଼ିବନି ସେ ଗଛକୁ  ଖବର୍ଦାର

ଗଛ ମୂଳରେ ତ ହାତୀ ଘୋଡ଼ା ବାଘ  ଗଦା ଗଦା
ନିଶାଭର ରାତିରେ ବାଘ ପିଠିରେ ବସି  ପରିକ୍ରମା କରନ୍ତି ଦେବୀ
ତାଙ୍କ ପାଦ ପାଉଁଜିର ରୁଣୁଝୁଣୁ କୁଆଡ଼େ ଶୁଣିଛନ୍ତି
କେଇଜଣ ମରହଟ୍ଟୀ ବୁଢ଼ା ବୁଢ଼ୀ

ମାନସିକ ପୂରଣରୁ ବଢ଼ିବଢ଼ି ଚାଲେ
ଘୋଡ଼ାହାତୀଙ୍କ ସଂଖ୍ୟା
କେବେକେବେ ପୂଜାବେଳେ ଦାସୀ ପଡ଼େ ଗୁବୁରା ଜେନା
ଝୁଣା ଧୂଆଁ ପିଉପିଉ କହିଯାଏ ଗୋଟିଗୋଟି

ଗାଁ ସାରାର ଅବିଗୁଣ
ତା'ପରେ ମାଜଣା

ଆମେ କେଇଟା ବାଳୁଙ୍ଗା କାହା କଥା ନ ମାନି
ଗଛକୁ ଚଢ଼ି କେନ୍ଦୁ ଖାଉ
ଦେବୀ  କାଳେ  କେନ୍ଦୁ ଖାଉଥିବେ
ଦୁଇ ଚାରିଟା ତାଙ୍କ ଆସ୍ଥାନ କୁ ଫିଙ୍ଗି ଦେଉ

ଗଛରୁ ଓହ୍ଲେଇ କାନ ଧରି
ଦଶ ଥର ଉଠାବସା ହେଉ
କାଳେ ଦେବୀ ଘୋଷା କରିଥିବେ
ତାଙ୍କୁ ମୁଣ୍ଡିଆ ମାରି ଧାଇଁ ପଳାଉ ଯେ ଯାହାର
ଅପରାହ୍ନକୁ

ଭାଗ୍ୟ ଭଲ
ଦାସୀ କେବେ କହିନି ଆମର ଔଦ୍ଧତ୍ୟ ନେଇ
ଅବା ଆମେ କ୍ଷମାଯୋଗ୍ୟ

କାହା ବାଡ଼ିରୁ ଆମ୍ବ
କାହା ବାଡ଼ିରୁ  ଜାମରୁଲ
କାହାର  ହୃଦୟ ଲୁଚି ଲୁଚି
ଚୋରି କରିବା ମହାପାପ  ଜାଣି ସୁଦ୍ଧା

କେବେ କେବେ ତାସ୍ ଖେଳରେ କଟିଯାଏ
ସାରା ଖରାବେଳ

ମାଆ ଗାଳି ଦାଣ୍ଡ ଧୂଳି
ବାପାଙ୍କ ଗାଳି ଖୁବ୍ ବାଧେ ସଂଜରେ
କେବେ କେବେ ମାଡ଼ ବି ବସେ ପିଠିରେ
ଖରାବେଳ ତ ପ୍ରିୟତମ ଶ୍ୟାମଘନ
ତା' ଆଡ଼-ବଇଁଶୀ ଆଡ଼େଇ ଯିବା
ଏତେ  ସହଜ ନୁହେଁ  ।

କେଉଁ ତାନ୍ତ୍ରିକର ପଦ୍ମତୋଳାରେ ନିରବି ଯାଇଛି
ତା' ବଂଶୀ ଏବେ  !!
ooo

# କବିତାର ମେହେଫିଲ୍

SRUJAN
The Creativity Journal
Srujan ISSN 2976-9329

## ହରିଶ୍ଚନ୍ଦ୍ର ବେହେରା

ଋତୁ ପରେ ଋତୁ ହାତ ଧରାଧରି
ଚାଲିଯା'ନ୍ତି ଏଇ ବାଟେ
ଶୀତ ଓ  ବସନ୍ତ ପଛରେ ନିଦାଘ
କବି ଜଗିଥାଏ  ଘାଟେ ।୦।

କେଉଁ ଋତୁ ମାଫି କବିତା ଲେଖିବ
କେଉଁ ରାଗ ଲୟ ଯୋଖି
ମେଘ ମହ୍ଲାର ରାଗ ଆଶାବରୀ
କାମୋଦି ଅଥବା  ଚୋଖି
କବିତା ଦେହରେ କେତେ ଅଳଙ୍କାର
ଯାହାକୁ ଯେମିତି ଖାଟେ ।୧।

ଏବେ ତ କବିତା ସ୍ୱାଧୀନ ଭର୍ତ୍ତୃକା
ନାହିଁ ଅଳଙ୍କାର ଲୋଭ
ବେଶି ପ୍ରସାଧନ ଲୋଡ଼େ ନାହିଁ ସିଏ
ନ ଥାଏ କିଛି ବି କ୍ଷୋଭ
ନିରାଭରଣରେ ବୁଲୁଥାଏ ଏକା
କୁହୁଡ଼ିଆ ନଈ ତଟେ ।୨।

କାନ ଡେରିଥାଏ କାଳେ ଶୁଭିଯିବ
ତା'ପାଦ ନୀଳ ପାଉଁଜି
ଶବ୍ଦ ସବାରିରେ  ଆସିବ ଆସିବ
କାହା ବରବଧୂ ସାଜି
ତୂରୀ ସାହାନାଇ ମଙ୍ଗଳ ମହୁରୀ
ଉଜାଗରେ ରାତି କଟେ ।୩।
ଚଚଚ

# କିଏ ଫୁଲ ନେବ ଆସ ଲୋ ପାଖକୁ

SRUJAN
The Creativity Journal
Srujan ISSN 2976-9329

## ହରିଶ୍ଚନ୍ଦ୍ର ବେହେରା

କିଏ ଫୁଲ ନେବ ଆସ ଲୋ ପାଖକୁ
ଆସ ମୋ ବଉଳ ସାଥୀ
ବାସି ଫୁଲ ନୁହେଁ ମହକ ପଛରେ
ଉଡୁଛି ପରଜାପତି ।୦।

ପଦ୍ମ ସାଗରରୁ ଆଣିଛି ପଦୁଅଁ
ଗାଇ ପଦ୍ମତୋଳା ଗୀତି
ନୟନଯୋଡ଼ିରୁ ତୋଳିଛି କଇଁ ମୁଁ
ପାହିବା ଆଗରୁ ରାତି
ଗଭାକୁ ଆଣିଛି ମଲ୍ଲୀର ଗଜରା
କୁରୁବିନ୍ଦ କେତେ ଜାତି ।୧।

ପ୍ରାଣର ଆବେଗ ମନର ସରାଗ
ମିଶେଇ ଆଣିଛି ଫୁଲ
ବେଶି ନେବିନାହିଁ ଆନନ୍ଦେ ରଖିବି
ଦେବ ଯିଏ ଯେତେ ମୂଲ
ଅନ୍ତର ଦୁଆର ଖୋଲି ଆସ ବେଗେ
ନିଅ ଫୁଲ ହାତ ପାତି ।୨।

ଶିବଙ୍କର ପ୍ରିୟ ନାଗେଶ୍ୱର ଚମ୍ପା
ଆଣିଛି ସାଥିରେ ମୁହିଁ
ଯେଉଁ ଠାକୁରଙ୍କ ଯେଉଁ ଫୁଲ ଲୋଡ଼ା
ପସରା ମହକୁ ଥାଇ
ବାସର ରାତିର ବାସ ଫୁଲ ଦେବି
ମହକିବ ସାରା ରାତି ।୩।

ꝏꝏꝏ

ଡ. ହରିଶ୍ଚନ୍ଦ୍ର ବେହେରା, ବିଭିନ୍ନ ସରକାରୀ ମହାବିଦ୍ୟାଳୟରେ ଅଧ୍ୟାପନା କରି ୨୦୧୦ ମସିହାରେ ଅବସର ଗ୍ରହଣ କରିଛନ୍ତି । **କବିତା ପୁସ୍ତକ**: ଅନ୍ଧାରରେ କାଠୁରିଆ, ତମାମ ଜୀବନ, ହସବିକୁଥିବା ଝିଅ, ଓଲଟ କଦମ୍ବ, ଈପସିତ ଇନ୍ଦ୍ରଧନୁ, ଅଝଟ ନଈର ଗୀତ, କୋଟି କୋକିଳର କୁହୁ, ଦରଆଉଜା କବାଟ, ମେଷ ପାଳକର ଗୀତ, ଅପାର୍ଥିବ ନିର୍ଜନତା । ତାଙ୍କ ପ୍ରତିଭାକୁ ଉତ୍କଳ ସାହିତ୍ୟ ସମାଜ, ସାରଳା ସାହିତ୍ୟ ସଂସଦ, ଅଖିଳ ଚକ୍ର ସାହିତ୍ୟ ସଂସଦ, ରାଧାନାଥ ସ୍ମୃତି ସଂସଦ, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ, ଚଲାପଥ ସାହିତ୍ୟ ସଂସଦ, ଯାଜପୁର ପୁସ୍ତକ ମେଳା, ଫୁଲବାଣୀ ପୁସ୍ତକମେଳା, ବାଣୀପୀଠ ସାହିତ୍ୟସଂସଦ, ଭୋଗରାଇ ମହୋତ୍ସବ ସମ୍ମାନିତ କରିଛନ୍ତି ।

ꝏꝏꝏ

Srujan ISSN 2976-9329

# Where's winter?

## Sumitra Mishra

Where's Winter, Oh! Where's the blessed season?
The Earth is choking in fog
Roads are blackened in smog
The sky is no more blue
Nor the Sun a golden hue
The Cuckoo is no more singing
I am not trilling like the Bulbul
For the bullets are winging on roads
Markets, schools, hotels and stations
The butterflies are madly searching
For the flowers, marigolds are unwilling !

Who knows why the brook is babbling
At Tawang the soldiers are fighting
Come on my love! Don't coax me to woo
Mother Earth is blazing in hazards so
Nature is bounteous, we all know
But don't we fear the cyclones that circle
The war planes that cross the border and cackle
Did you throw those flowers at my feet
I know, your feelings are honest and sweet
But hark dear! Our Mother's wailing I hear
Winter snow and the cold winds are still missing
The Love birds amid the mango flowers are not kissing
How can we sleep inside those heavy blankets
My heart is not cheerful, mosquitoes are whistling
I know, it's the effect of global warming
December is no more cool and pleasant
The Christmas spirit is rare and compassion missing
Don't feed me those cakes and buttery muffin
My bones are brittle and blood pressure rising!

∞∞∞

# Eloquent silence

Srujan ISSN 2976-9329

## Sumitra Mishra

Silence is more eloquent than words
But silence is very rare
Throughout my life I have uttered Numerous words fondly
Yet I failed to express the wish
In the deepest corner of my heart.
A long time I spent in my life
Building a monument of words.

The monuments shake and shudder
When I feel the tremors in my heart
Silently I to you surrender
All my unspoken woes I suffocate!!!

To achieve peace in life
The path of silence did I choose
But my soul became a storewell of words
Which on papers through ink I spread!

You taught me Lord, through Nature
That Silence is more eloquent than all words
In silence I pray and surrender
Though with words I offer my devotion !!!

Through silence, I hope to touch
The peak of contentment and peace
'Cause so much violence is thrown at me
Through words and hateful speech.

Silent like an incense stick
I wish to spread my aroma around
In silence may I serve the purpose of my life
Not like the drum or conch I want to sound!!!!

∞∞∞

# It's difficult

SRUJAN
The Creativity Journal
Srujan ISSN 2976-9329

## Sumitra Mishra

You think
It's difficult
To find clean environment
Healthy food and delicious
drinks
I think
It's difficult
To keep the song in our hearts
alive
Or whistle into the air the
rhythms of love!

You think
It's difficult
Not to yell or fight
When forced to hear me scream
I think
It's difficult
Not to smile or nod at our
friends
Or share an amiable moment
with foes.
You think
It's difficult
To forget the wounds of betrayal
To forgive a lapse in cooking or
dressing
I think
It's difficult
To recall events with exact
magnitude
Or repeat stories to incur
sympathy of others!

What's difficult for you
Seems so simple and easy to me
Though we are seated on the
same boat
Holding each other tightly to
escape drowning!

∞∞∞

Dr Sumitra Mishra is a Retired Principal and Professor of English from Bhubaneswar, Odisha! She is a bilingual writer who has published books both in English and Odia! She has to her credit 7 anthologies of English poetry and one book of English short stories published by Authors press, Delhi! The names of her books being *Penelope's Web, Flames of Silence, The Soul of Fire, Still the Stones Sing, The Red Moon, Roses and Bruises, Whispering Shadows & Reminiscence!* Dr Mishra has to her credit 7 anthologies of poems, 6 collections of short stories, 3 plays and 3 books of translation published in Odia, that's her mother tongue!!!

∞∞∞

# ହାଇକୁ

Srujan ISSN 2976-9329

## ବିଶ୍ୱଜିତ ମିଶ୍ର

କବାଟ କଡ଼ ଲାଇଲାକ
ଯାଉଣୁ ଆସୁଣୁ
ବାସନା

ମଝି ଶୀତରେ  ଗରମ
ଚାରିଟି ଗେଣ୍ଡାଳିଆଙ୍କ
ଆକାଶରେ ଚୌପଦୀ

କୁକୁର ଗାଧୁଆ
ସବୁ ଓଦା
ଗାମୁଛା ଛଡ଼ା

ବିବାହ ବାର୍ଷିକୀ
କିଛି ସମୟ ଏକାସାଙ୍ଗରେ
କେଉଁଠି ଖାଇବା ଯୁକ୍ତିରେ

ଶ୍ରାଦ୍ଧ
ଶେଷଥର ପାଇଁ  ମୂଲାମୂଲି
ପୁରୋହିତଙ୍କ ସହ

ଭୀଷଣ ଶୀତ
ଘାସ ସୁଦ୍ଧା ଲୁଚି ଯାଏ
କୁହୁଡ଼ି ତଳେ

ଓଓଓ

# ନିଭୃତ ଦ୍ରଷ୍ଟବ୍ୟ

Srujan ISSN 2976-9329

**ବିଶ୍ୱଜିତ ମିଶ୍ର**

ଏକାକୀ ସେ ତାସ୍ ମୁଠାରେ
ଗୋଟେଇ ଚାଲେ
ବାସନର ଝଙ୍କାର,
ଝାଡୁର ପହଁରା ଶବ୍ଦ ହୁଏ ମଧ୍ୟମ ସଙ୍ଗୀତ,
ଲୁଗା ଝାଡ଼ିବା ଶବ୍ଦ ସତେ ଯେମିତି ତବଲା ଧ୍ୱନି,
ମିଶେଇ ଦେଇ ଛୁଙ୍କ ଅବା ଛାଣିବାର ଶୁଷୁରି,
ତେବେ ବାଦ୍ ନ ଦେଇ ପରିବା ବାଲାର ଡାକ,
ଆଉ ଛନ୍ଦି ଅଳିଆବାଲାର ଚିତ୍କାର,
ଗଢ଼ିଦିଏ ତା'ର ଛାନ୍ଦ,
ଯେବେ ମୁହୂର୍ତ୍ତିଟିଏ ପାଏ ଶୋଇବାବେଳେ,
ହେଲେ ଖବର ନେଇ ସାରି ସଭିଙ୍କ ।।

ସୁମଧୁର ସଙ୍ଗୀତ ତା'ର
ଯାହା ମୁଁ ଶୁଣେନା,
ପଢ଼େନା ତାର ରଚନା,
ଅନ୍ୟ ତାସ୍‌ମାନେ ମଧ୍ୟ ମୋ ଭଳି।।
ମୋର ଦୃଷ୍ଟିର ଦୋଷ ବା'
ଶ୍ରୁତିର ଅଭାବ, ଅଥବା କାନରେ ଚୁଁଟା,
କିମ୍ବା ଶୋଇ ରହିଛି ମୁଁ ସ୍ୱପ୍ନରେ ଲୁପ୍ତ ହୋଇ,
ଅଥବା ମୁଁ କେବଳ ବିଜୟୀଙ୍କ ବାନା ଉଡ଼ାଏ
ମୋ କୁଡ଼ିଆକୁ ମହଲର ରୂପ ଦେବାପାଇଁ,
ଆଉ ଯେତେବେଳେ
ଘଡ଼ଘଡ଼ି ଯାହା ମୁଁ ଶୁଣେନା
ଓ ବିଜୁଳି ଯାହା ମୁଁ ଦେଖେନା
ଆସି ଧକ୍କା ଦିଅନ୍ତି ମୋତେ,
ଆଉ ମୁଁ ଉଠେ ମୋର କୋଠରିରେ,

ସବୁ ଶୁଣିବା, ସବୁ ଦେଖିବା ଶକ୍ତି ପାଇ,
ସେତେବେଳେ ବୁଝେ
କିଛି ତ୍ରୁଟି ନାହିଁ ମୋର ଦୃଷ୍ଟି ଓ ଶ୍ରୁତିରେ,
କେବଳ ଦୂରତ୍ୱ ଠିକ୍‌କଲେ ସବୁ ଦିଶେ,
କାନ ଶୁଣେ ସବୁ ସଙ୍ଗୀତ କୋଳାହଳକୁ ଘଉଡ଼େଇ ଦେଇ,
ମୁ ବାଛିନିଏ ସିପାହୀର ଗାମୁଛା ପତାକା କରି ମୋ ଘରେ,
ବୁଝି ଯେ ସିପାହୀ, ବିଜୟ ପରାଜୟରୁ ମୁକ୍ତ,
କେବଳ କର୍ମଯୋଗୀ ସେ
ଯୁଦ୍ଧରେ ଆଉ ଶାନ୍ତିରେ ମଧ୍ୟ ॥

ମୋର ଅପେକ୍ଷା ନାହିଁ ଏବେ ଅନ୍ୟ କେହି
ଟିକା କୁ ଟିକା ଲଗେଇବା ପର୍ଯ୍ୟନ୍ତ
କାରଣ ମୁଁ ଚିହ୍ନିବା ଶିଖିଛି  ତାସ୍‌ର ଟିକାଟିକୁ ॥

ଚଚଚ

# ପ୍ରତ୍ୟାହାର

SRUJAN
The Creativity Journal
Srujan ISSN 2976-9329

## ବିଶ୍ୱଜିତ ମିଶ୍ର

ପ୍ରଜାପତିଟି ଫେରିବାକୁ ଚାହେଁ
ସମ୍ଭାଳୁଆ ଅବସ୍ଥାକୁ,
ଭାବି ଯେ ସୁରକ୍ଷିତ ହୋଇଯିବ ସେ
ମଣ୍ଡଳାୟିତ ଜାଲ ଗୁଡ଼ିକରୁ,
କିନ୍ତୁ ସେ ଆକର୍ଷଣ
ଫୁଲର
ମହୁର
ଏବଂ ଉଡ଼ିବାର
ଏତେ ବେଶୀ ଯେ ତାହା ଛାଡ଼ିବା କଷ୍ଟ,
ଆଉ ସେତିକିବେଳେ ସେ ମଝି ଅବସ୍ଥାରେ
ଅପ୍ରତ୍ୟକ୍ଷ ଓ ପ୍ରତ୍ୟକ୍ଷର ବ୍ୟବଧାନ ଭିତରେ

ଅଜ୍ଞାତ ଫଳାଫଳର ସମ୍ଭାବନା
କମ୍ପନ ଜାତ କରେ,
କାଳେ ତାର ଅବ୍ୟକ୍ତ ଶକ୍ତି
ରହିଯିବ ଅପ୍ରକଟ ହୋଇ,
କିମ୍ବା ସେହି ସ୍ଥିତିରେ ରହିବ କି' ସେ ପୂର୍ଣ୍ଣ ପ୍ରକାଶିତ ହୋଇ,
ସ୍ୱୟଂ ସମ୍ପୂର୍ଣ୍ଣ, ସେ ଅବସ୍ଥାରେ
ସତେ ଯେମିତି ଅବଶିଷ୍ଟ ଅଂଶଗୁଡିକ ଅନାବଶ୍ୟକ,
ଗଠନରେ ଇଚ୍ଛାକୃତ ଭାବରେ ଛଡ଼ା
ଅନନ୍ତତାରେ ଅନର୍ଥକ ଅବଶିଷ୍ଟାଂଶ ପରି I

ପୁଣି ପ୍ରଶ୍ନ ଉଠେ,
ଭଲ ହୁଅନ୍ତା କି' ଯଦି ସେ ଫେରିଯାଆନ୍ତା ଆଉ ଟିକେ ପଛକୁ
ଆଉ ହୋଇଯାଆନ୍ତା ଅଣ୍ଡାଟିଏ,
ଅଥବା ଆହୁରି ପାଦେ ଫେରିଯାଆନ୍ତା
ସେହି ଅସୀମ ଅଭିବ୍ୟକ୍ତିର ଚକ୍ରରେ,
ପାଲଟି ଯାଆନ୍ତା ପୁଣି ଏକ ପ୍ରଜାପତି
ଯାହା ସେ ବର୍ତ୍ତମାନ ?

ꝏꝏꝏ

ବିଶ୍ୱଜିତ୍ ମିଶ୍ର ମୁଖ୍ୟତଃ ଇଂରାଜୀରେ ଏବଂ ସମୟସମୟ ରେ ମାତୃଭାଷା ଓଡ଼ିଆରେ କବିତା ଲେଖନ୍ତି । ତାଙ୍କ ଲେଖା ସାଧାରଣତଃ ପ୍ରକୃତି, ଆଧ୍ୟାତ୍ମିକ ବିଚାର, ପରିବାର ଏବଂ ଭ୍ରମଣ ଅଭିଜ୍ଞତା ବିଷୟରେ । ସୁନ୍ଦରଗଡ଼ ଜିଲ୍ଲାର ବୀରମିତ୍ରପୁରରେ ତାଙ୍କର ଜନ୍ମ । ଭାରତ ପରେ କେନିଆରେ କିଛି ବର୍ଷ ରହିଲା ପରେ ଏବେ ସେ ସପରିବାର କାଲଗାରୀ, କାନାଡ଼ାରେ ରହୁଛନ୍ତି ।

ꝏꝏꝏ

# ଜିରୋ ନାଇଟ୍

SRUJAN
The Creativity Journal
Srujan ISSN 2976-9329

## ମନୋଜ କୁମାର ମହାପାତ୍ର

ଖ୍ୟାତନାମା ମେନେଜମେଣ୍ଟ କଂସଲଟାଣ୍ଟ ମିଷ୍ଟର ମୟଙ୍କ ସେନାପତି କର୍ପୋରେଟ ଦୁନିଆରେ ଜଣେ ଜଣାଶୁଣା ବ୍ୟକ୍ତି । ସେ ଏବେ ଭୁବନେଶ୍ୱରକୁ ଆସି ଏକ ପଞ୍ଚତାରକା ହୋଟେଲର କନଫେରେନ୍ସ ରୁମରେ ଦୁଇଦିନ ଧରି କମ୍ପାନୀର ବରିଷ୍ଠ ଅଫିସରଙ୍କ ନିମନ୍ତେ ଆୟୋଜିତ ମାନବସମ୍ବଳ ବିକାଶ ପ୍ରୋଗ୍ରାମରେ ଯୋଗ ଦେଇ ଖୁବ ଥକି ପଡ଼ିଛନ୍ତି । ଭାବିଥିଲେ ପୁନେ ଚାଲିଯିବାକୁ କିନ୍ତୁ ତାଙ୍କ ପ୍ରୋଗ୍ରାମ ଦ୍ୱାରା ଜ୍ଞାନଦୀପ୍ତ ଅନେକ ବରିଷ୍ଠ ଅଫିସରଙ୍କ କଥା ଟାଳିପାରିଲେନି । ସେ ବାଧ ହେଇ ସେମାନଙ୍କ ସହିତ ପୁରୁଣା ବର୍ଷ ଓ ନୂଆ ବର୍ଷ ସନ୍ଧିକ୍ଷଣର ଜିରୋ ନାଇଟ ମେହେଫିଲରେ ସାମିଲ ହେବାକୁ ରହିଗଲେ ।

ମିଷ୍ଟର ମୟଙ୍କ କନଭେନସନ ହଲରେ ପ୍ରାୟ ରାତି ଦଶଟାରେ ପହଁଚିବା କ୍ଷଣି ଶ୍ରଦ୍ଧା ଓ ସମ୍ମାନର ଫୁଲ ବର୍ଷଣ ହେଲା ତାଙ୍କ ଉପରେ, ଜଣଜଣ କରି କମ୍ପାନୀର ବରିଷ୍ଠ ଅଫିସରମାନେ ତାଙ୍କର ସୁନ୍ଦର ହୃଦୟସ୍ପର୍ଶୀ "ଷ୍ଟାଇଲ୍ ଅଫ ଲିଡରସିପ୍" ବିଷୟଟି ପାଇଁ ଅଭିନନ୍ଦନ ଜଣାଇଲେ । ବିଷୟଟିକୁ ବୁଝାଇବାର ଶୈଳୀ ଓ ବିଶାଳ ଅନୁଭୂତି ସମ୍ପନ୍ନ ନେତୃତ୍ୱ ନେବା କଳାର ଜ୍ଞାନ ଥିଲା ତାଙ୍କର ଉଚ୍ଚ କୋଟିର ।

ମିଷ୍ଟର ମୟଙ୍କଙ୍କ ଭିତରେ ନା ଥିଲା ପାର୍ଟିରେ ସାମିଲ ହେବାର ଆଗ୍ରହ ନା ମିଠାମିଠା ପ୍ରଶଂସାର ସ୍ୱାଦ ଚାଖିବାର ଇଚ୍ଛା । ଜୀବନ କାଳରେ ବଡ଼ବଡ଼ କର୍ପୋରେଟ ସଂସ୍ଥାରେ ଉଚ୍ଚପଦବୀରେ ଆସୀନ ହେଇ ନିକଟରେ ଇଚ୍ଛାକୃତ ଅବସର ଏବେ ନେଇଛନ୍ତି ଡାଇରେକ୍ଟର ପଦବୀରୁ । କିନ୍ତୁ ନିଜର ବିଶାଳ ଏଚ୍.ଆର ଅଭିଜ୍ଞତା ଆଜିର ଯୁବପିଢ଼ିର କର୍ମଚାରୀଙ୍କ ଭିତରେ ବାଣ୍ଟିବା  ସକାଶେ ପୁନେରେ ଗୋଟିଏ କଂସଲଟେନ୍ସି ସଂସ୍ଥା କରିଛନ୍ତି ଯେଉଁଥିପାଇଁ ସେ ବେଶ୍ ବାର୍ଦ୍ଧକ୍ୟର ଆଦ୍ୟ ସୋପାନରେ ଚଳଚଞ୍ଚଳ ।

ଇୟା ଭିତରେ ସେ ଦେଖିଲେ ଯେ ବିଭିନ୍ନ କିସମର ଖାଦ୍ୟର ଡ଼ିସ ସହିତ ହୁଇସ୍କି, ରମ, ଭୋଡ଼କା, ବିଅର, ସୁପ୍ ଭଳି ସଫ୍ଟ ଓ ହାର୍ଡ଼ ଡ୍ରିଙ୍କ୍ସ ପରିବେଷିତ ହେଉଥାଏ । କମ୍ପାନୀ ପ୍ରାୟୋଜିତ ନାଚଗୀତ ବି କ୍ରମଶଃ ଜମୁଥାଏ । କମ୍ପାନୀର ଜଣେ ଲେଡ଼ି ଭାଇସ୍‌ପ୍ରେସିଡେଣ୍ଟ ଯିଏ ଦୁଇଦିନର ପ୍ରୋଗ୍ରାମ ଭିତରେ ତାଙ୍କୁ ଅନେକ ପ୍ରଶ୍ନ ପଚାରୁଥିଲେ, ସେ ହାତରେ ଗ୍ଲାସଟିଏ ଧରି ତାଙ୍କ ପାଖକୁ ଆସି କହିଲେ - ସାର୍ ଆସନ୍ତୁନା ଟିକେ ଡ୍ରିଙ୍କ୍ସ ନେବେ ।

ମିଷ୍ଟର ମୟଙ୍କ ଭଦ୍ରତା ଦୃଷ୍ଟିରୁ ତାଙ୍କୁ ଚାହିଁ ହସି କହିଲେ - ନା, ମୁଁ ଡ୍ରିଙ୍କ୍ କରେନି ।
ଭଦ୍ରମହିଳା ଆଖି ତରାଟି କହିଲେ - ଷ୍ଟ୍ରେଞ୍ଜ୍, କର୍ପୋରେଟ୍ ୱାର୍ଲଡ୍‌ରେ ଆପଣ ଜଣେ ବିଚକ୍ଷଣ ମେନେଜମେଣ୍ଟ ଏକ୍ସପାର୍ଟ ଅଥଚ ଡ୍ରିଙ୍କ୍ସ ନେବେନି !

ମିଷ୍ଟର ମୟଙ୍କ ପୁଣି ହସି କହିଲେ - ମୋ ଭଳି ଅନେକ ଅଛନ୍ତି ଯେଉଁମାନେ ଡ୍ରିଙ୍କ୍ସ କରନ୍ତିନି ।

ଭଦ୍ରମହିଳା ବାକ୍‌ରୁଦ୍ଧ ହେଇ ଚୁପ୍‌ଚାପ୍ ସେଠାରୁ ଚାଲିଗଲେ । ମିଷ୍ଟର ମୟଙ୍କ ଦେଖିଲେ ଯେ ଜିରୋ ଆୱାର ନାଇଟ ଯେତିକି ପାଖେଇ ଆସୁଥିଲା ଟେବୁଲ ଉପରେ ଥୁଆ ମଦବୋତଲଗୁଡ଼ାକ ଶୂନ୍ୟ କେବଳ ହେଉନଥିଲା ବରଂ ନାଚଗୀତରେ ମସଗୁଲ ଭଦ୍ର ମଣିଷମାନେ ଯେଝା ଆସନରେ ବା ଠିଆ ଠିଆରେ ନିଶାରେ ଟଳଟଳ ହେଉଥିଲେ ।

ପୁଣି ସେହି ଶ୍ୟାମଳୀ ଭଦ୍ରମହିଳା ଭାଇସ୍‌ପ୍ରେସିଡେଣ୍ଟ ଟଳଟଳ ପାଦରେ ଆସି ତାଙ୍କ ସାମ୍ନାରେ ବସିଲେ । ବାରମ୍ବାର ନିଶାରେ ତାଙ୍କ ଆଖି ଯୋଡ଼ିକ କୋଇଲି ଆଖି ଭଳି ଦିଶୁଥିଲା । ଟେବୁଲରେ ହାତରଖି କଣ ଅସ୍ପଷ୍ଟ ସ୍ୱରରେ କହୁଥିଲେ, ମିଷ୍ଟର ମୟଙ୍କଙ୍କୁ ଭଲ ଶୁଭୁନଥିଲା ।

କିନ୍ତୁ ଡାହାଣ ହାତରେ ଚିତାକୁଟା ଶ୍ୱେତଗନ୍ଧା ଓଡ଼ିଆ ଅକ୍ଷରକୁ ଦେଖି ମିଷ୍ଟର ମୟଙ୍କ ଚମକି ଉଠିଲେ । ପଚାଶ ବର୍ଷ ତଳର ହଜିଯାଇଥିବା ସ୍ମୃତିଟି ଚେଇଁ ଉଠିଲା । ଇୟେ କ'ଣ ମୋ ଗାଁ ସ୍କୁଲରେ ସାଙ୍ଗରେ ପଢୁଥିବା ଶ୍ୱେତଗନ୍ଧା ? ଆମ ଧାନଖଳାରେ ମୁହଁରେ ପାଉଁଶ ବୋଳି, ଆଖିରେ ମୋଟା କଜଳଗାର ଲଗାଇ, ଚୂନ ସହିତ ହଳଦୀ ମିଶାଇ ଓଠକୁ ଲାଲ କରି ସୀତା ସାଜୁଥିଲା ଆମ ପିଲାଙ୍କର ମିଛିମିଛିକା ଯାତ୍ରା ଖେଳରେ, ଇୟେ କ'ଣ ସେଇ କୁନିଝିଅ ଶ୍ୱେତଗନ୍ଧାର ବିକଶିତ ଓ ପ୍ରସ୍ଫୁଟିତ ଆଜିର ଚେହେରା ?

ଆମ ଯାତ୍ରାରେ ରାବଣ ସାଜିଥିଲା ସେ ଦିନ ଦିବାକର ଜେନା । ରାମ ଓ ରାବଣର ଯୁଦ୍ଧରେ ଆମର ଖଣ୍ଡା ଥିଲା ବାଉଁଶ ଫାଳିଆ । ଯୁଦ୍ଧରେ ପରାସ୍ତ କରି ସୀତା ସାଜିଥିବା ଶ୍ୱେତଗନ୍ଧାକୁ ଉଦ୍ଧାର କରିଥିବା ରାମ କ'ଣ ମୁଁ, ଯାହାର ପାଉଁଶବୋଳା ମୁହଁରେ ନାକତଳେ ଅଙ୍ଗାରନେସା ନିଶଟା ସତ-ନିଶ ଭଳି ଲାଗୁଥିଲା ?

ଭଙ୍ଗା ଓ ରସିଯାଇଥିବା ଟିଣକୁ କନସର୍ଟ କରି ବଜାଉଥିବା ଅମ'ବାରିକ ରାବଣବଧ ପରେ ରାମ ସୀତା ଯୋଡ଼ିକି ଦେଖି ଭାବବିହ୍ୱଳିତ ସ୍ୱରରେ କହୁଥିଲା - ସତରେ ଆଜି ଯାତ୍ରାଟା ବଢ଼ିଆ ଜମିଲା, ଦେଖୁନ ଶ୍ୱେତଗନ୍ଧା ଓ ମୟଙ୍କ କେମିତି ଅବିକଳ ସୀତା-ରାମ ଯୋଡ଼ି ଭଳି ଦେଖାଯାଉଛନ୍ତି । ସେଦିନ ମାର୍କ କରିଛି ଶ୍ୱେତଗନ୍ଧା ମୁହଁଟା ଲାଜରେ ଝାଉଁଳି ପଡିଥିଲା ।

ଏଇ ସମୟରେ ଧାନ ବଦାଡ଼ି ଉପରେ ହନୁମାନ ସାଜି ବସିଥିବା ଫୁକୁନା ତିଆଡ଼ି ଜୟ ଶ୍ରୀରାମ କହି ଏମିତି ତଳକୁ ଡିଆଁଟେ ମାରିଲା ଯେ ବଦାଡ଼ି ଚୂଳରୁ ମୋଟାମୋଟା ଧାନ କଚଡ଼ା ସବୁ ଛିନିଛତ୍ର ହେଇ ତଳେ ପଡ଼ିଗଲା । ଲକ୍ଷ୍ମଣ ସାଜିଥିବା ରମା ତିଆଡ଼ିକୁ କିଏ ଆଉ ସମ୍ଭାଳେ? ସେ ଅଗ୍ନିବାଣ ହେଇ କହିଲା - ଶଃ.... ବଦାଡ଼ିକୁ ଏବେ ଭାଙ୍ଗିଲ । ରହ ରହ ଏଇନେ ବାପା ଆସି ତୁମ ପିଠିରୁ ଛାଲ ଉତାରିବେ । ବାସ୍, ଏତକ ଶୁଣି ଆମେ ଯିଏ ଯୁଆଡ଼େ ଛୁ ମାରିଲୁ ।

ମିଷ୍ଟର ମୟଙ୍କଙ୍କ ଆଖିରପତା ପଡୁନଥିଲା । ସେ ଭଦ୍ରମହିଳାଙ୍କ ମୁହଁକୁ ବଲବଲ ଚାହିଁଥିବାବେଳେ ପଚାଶବର୍ଷ ତଳର ଫ୍ରକପିନ୍ଧା ପଞ୍ଚମଶ୍ରେଣୀରେ ପଢୁଥିବା ଶ୍ୟାମଳୀ ଶ୍ୱେତଗନ୍ଧା ମୁହଁକୁ ସାମ୍ନାରେ ବସିଥିବା ଭଦ୍ରମହିଳା ଭାଇସ୍‌ପ୍ରେସିଡେଣ୍ଟଙ୍କ ମୁହଁ ସହିତ ଯୋଡୁଥିଲେ ଓ ମିଶାମିଶି କରୁଥିଲେ । ଇଏ କ'ଣ ସେଇ ଶ୍ୱେତଗନ୍ଧା ଯାହା ଘରକୁ ବୋଉର ନିର୍ଦ୍ଦେଶରେ ନିତି ବଡ଼ିସକାଳୁ ଯାଇ ଫ୍ରେସ ଦୁଧ କେଟିଲରେ ଆଣୁଥିଲି ଏବଂ କଳା ଗାଈ ଦୁଧ ଭାରିମିଠା କହି ତାକୁ ଚିଡ଼ାଉଥିଲି ? ଓହୋଃ... ସେ ଏଇଥିପାଇଁ ଚିଡୁଥିଲା ଯେ ତାଙ୍କ ଘରର ଗାଈଟା ସାମାନ୍ୟ କାଳିଆ ଥିଲା ଅଥଚ ଶ୍ୱେତଗନ୍ଧା କାଳି ନ ଥିଲେ ବି ସାମାନ୍ୟ ଶ୍ୟାମଳୀ ଥିଲା ।

ମିଷ୍ଟର ମୟଙ୍କଙ୍କର ହଠାତ୍ ବୋଉ କହିଥିବା କଥା ମନେପଡ଼ିଗଲା - ଶ୍ୱେତଗନ୍ଧା କାଳେ ତାଙ୍କଠାରୁ ବୟସରେ ଛଅମାସ ବଡ଼ କିନ୍ତୁ ବୋଉ ପାଖରୁ ଶୁଣିଥିଲେ ଯେ ଜନ୍ମ ବେଳେ ମୋ ମୁହଁଟା ଜହ୍ନ ଭଳି ଗୋରା ଥିଲା । ସେଥିପାଇଁ ଶ୍ୱେତଗନ୍ଧାର ମା ମୋର ନାଁ ରଖିଥିଲେ ମୟଙ୍କ । ହଁ ହଁ ଜହ୍ନର ଅନ୍ୟ ନାଁ ହେଉଛି ମୟଙ୍କ । ଆମେ ଦୁହେଁ ଭାଇ ଭଉଣୀ ପରି ଏକା କ୍ଲାସରେ ପାଠ ପଢୁଥିଲୁ ।

ଆଉ ଦିନକର ଘଟଣାଟିଏ ମୋର ତମସାଚ୍ଛନ୍ନ ସ୍ମୃତି ଭିତରୁ ମୁହଁ କାଢ଼ି ଅନାଇଲା, ଯେମିତି ଗୁଜିଆମୁହାଁ ନେଉଳ ଘରର ନାଳୁଆରେ ମୁହଁ କାଢ଼ି ଅନାଇଥାଏ । ଥରେ ଦୁହେଁ ପଞ୍ଚମଶ୍ରେଣୀରେ ଭୂୟାଁଉଆସ ସ୍କୁଲରେ ପଢୁଥିବାବେଳେ କେଦାରଗୌରୀ ଗୀତିନାଟ୍ୟ ପାଇଁ ପିଲା ବଛାହେଲେ । ଶ୍ୱେତଗନ୍ଧାକୁ ଦୀନବନ୍ଧୁ ସାରେ ଗୌରୀ ଭୂମିକାରେ ମନୋନୀତ କଲେ । ମୋର ଭାରି ଇଚ୍ଛା ଥିଲା କେଦାର ଭୂମିକାଟିକୁ ନେବା ପାଇଁ । ମୁଁ ସେଦିନ ଉତ୍ସୁକ ହେଇ ସାରଙ୍କ ମୁହଁକୁ ବିକଳରେ ଚାହିଁଥିଲି ଏବଂ ପୂରା ନିଶ୍ଚିତ ଥିଲି ଯେ ସାରେ ମୋତେ ଡାକିବେ କେଦାର ପାର୍ଟ କରିବାକୁ । ମୋ ଛାତିଟା ସେତେବେଳକୁ ଖାଲି ଧଡ଼ପଡ଼ ହେଉଥାଏ । ଆଖି ତରାଟି ସାରଙ୍କ ପାଟିକୁ ଚାହିଁଥିଲି । କେତେବେଳେ ସାର୍ ମୋ ନାଁ ଡାକିବେ ।

ସାର କିନ୍ତୁ ଆଉ ଜଣେ ମୋର ସାଙ୍ଗ ଭୁଆଲି ରାୟକୁ କେଦାର ଭୂମିକାଟିକୁ ଦେଇଦେଲେ । ମୋତେ ମହାବଳ ବାଘ ଭୂମିକାଟି ଦେଲେ । କେବଳ ବାଘ ଛାଲ ପିନ୍ଧି ଷ୍ଟେଜରେ ଗର୍ଜନ କରିବି । ମୋ ଜିଭ ଶୁଖିଗଲା ବିଫଳତାର ଉତ୍ତାପରେ । କାନ୍ଦ କାନ୍ଦ ହେଇଗଲି । ମୋ ଭିତରେ ସମ୍ଭାବନାର ବାଲ୍ୟ ଚପଳତାର ପ୍ରେମିକ କଢ଼ଟା ହଠାତ୍ ପୋକଖିଆ ହେଇଗଲା । କାହାକୁ କିଛି ନକହି କାନ୍ଧରେ ବସ୍ତାନି ଝୁଲାଇ ମୁହଁ ଫଣଫଣ କରି ସିଧା ଘରକୁ ପଳାଇଆସିଲି ।

ଡ୍ରାମା ମଞ୍ଚସ୍ଥ ହେଲା, ମୁଁ କିନ୍ତୁ ଦେଖିବାକୁ ଗଲିନି କି ଶ୍ୱେତଗନ୍ଧା ସହିତ କଥା ହେଲିନି । କିଛି ଦିନ ଉତ୍ତାରୁ ଦିନେ ମୁଁ ସ୍କୁଲରୁ କାନ୍ଧରେ ବସ୍ତାନି ଝୁଲାଇ ଏକୁଟିଆ ଘରକୁ ଫେରୁଥିବାବେଳେ ଦେଖିଲି ରାସ୍ତା କଡ଼ରେ ଠିଆ ହେଇ ଶ୍ୱେତଗନ୍ଧା ବଇଁଚ କୋଳି ତୋଳୁଛି । ତାକୁ ନ ଦେଖିଲା ପରି ସିଧା ପଳାଇ ଆସୁଥିବା ଦେଖି ସେ ପଛପଟୁ ମୋ ବସ୍ତାନିକୁ ଟାଣି ଧରି କହିଲା - ଆରେ ତୁ ମୋ ଉପରେ ରାଗିଛୁ କି ? ବଢ଼ିଆ ବଇଁଚ କୋଳି ତୋଳିଛି, ନେ ଦି'ଟା ପାଟିରେ ପକା ।

ମୋ ରାଗଟା ତାଲୁକୁ ଉଠିଗଲା । ତା'ହାତକୁ ଛିଞ୍ଚାଡି ଦେଇ କହିଲି- ଯାଉନୁ ତୋ କେଦାରକୁ ଖୁଆଇବୁ ।

ଶ୍ୱେତଗନ୍ଧା ଫେଁ କିନା ହସି କହିଲା - ଆରେ ଶୁଣ୍, ତୁ କେଦାର ଭୂମିକା ନ ପାଇବାଟା ସେ ଦିନ ଯେତିକି ତୋତେ ଦୁଃଖୀ ନ କରିଛି ତା ଠାରୁ ମୋତେ ବେଶୀ ଦୁଃଖ ଦେଇଛି । ମୁଁ ବି ଭାବି ନେଇଥିଲି ତୋତେ ନିଶ୍ଚୟ କେଦାର ପାର୍ଟ ମିଳିବ । ସେଇ ଥନ୍ତଲପେଟା ଭୁଆଲିଟା ଡ୍ରାମାଟାକୁ ପୂରା ମର୍ଡ଼ର କରିଦେଲା ପରା । ବିଲକୁଲ ମୋ ସହିତ ତାଳଦେଇ ନାଚିପାରିଲାନି । କହନା ସେ କଥା । ସାର୍ ତାକୁ ବହୁତ ଗାଳି ଦେଇଥିଲେ ଅଭିନୟ ପରେ ପରେ ।

ଏଇ କଥାକୁ ଅଭିମାନ ! ଛାଡ଼ ସେ କଥା । ଏତକ କହି ଶ୍ୱେତଗନ୍ଧା ମୋତେ ତୋଳିଥିବା ସବୁତକ ବଇଁଚ କୋଳି ସରାଗରେ ଖୁଆଇ ଦେଇଥିଲା ।

ତା'ପରେ ତା ବାପାଙ୍କର ପୁରୀ ଜିଲ୍ଲା ନିମାପଡ଼ାକୁ ଟ୍ରାନ୍ସଫର ହେଇଗଲା । ସେ ସେଠିକାର ସ୍ଥାୟୀ ବାସିନ୍ଦା । ଆମ ଗାଁରେ ପଶୁଡାକ୍ତର ଥିଲେ । ବାସ ଏତିକି ଥିଲା ଆମର ସମ୍ପର୍କ । ତା'ପରେ ଆମେ ପୂରା ଉତ୍ତର-ଦକ୍ଷିଣ ହେଇଗଲୁ, କେବେ ବି ଆମର ପୁନର୍ବାର ସାକ୍ଷାତ ହେଇନି ।

ଏମନ୍ତ ଭାବନା ଭିତରେ ଭଦ୍ରମହିଳାଙ୍କ ବାମ ହାତ ରିଷ୍ଟରେ ନୀଳ ରଙ୍ଗରେ ଅଙ୍କିତ ଶ୍ୱେତଗନ୍ଧା ନାଁଟିକୁ ମିଷ୍ଟର ମୟଙ୍କ ବାରମ୍ବାର ଚାହୁଁଥିଲେ, ପଚାଶବର୍ଷ ତଳର ସ୍ମୃତିର ଗଭୀରତା ଭିତରେ ସେ ଏବେ ନିଖୋଜ । ତଥାପି ପାଖରେ ବସିଥିବା ଭଦ୍ରମହିଳା ନିଶ୍ଚିତ ବାଲ୍ୟକାଳର ସାଙ୍ଗ ଶ୍ୱେତଗନ୍ଧା ହେଇଥିବେ ବୋଲି ସେ ଏକ ଉପସଂହାରରେ ପହଂଚି ସାରିଛନ୍ତି । ଏହା ଭିତରେ ସେ ପ୍ଲେଟରୁ ପନିର ଟିକା ଓ ଫ୍ରାଏଡ଼ ପ୍ରନ୍ ପାଟିରେ ପୁରାଇ ଟିକେ ଜୁସ୍ ପିଇଲେ ସତ, ତଥାପି ସେ ଅଟକିଯାଇଥିବା ଶ୍ୱେତଗନ୍ଧା ବନ୍ଧିତ ସ୍ମୃତିରୁ ମୁକୁଳି ପାରୁନଥିଲେ ।

ଇତ୍ୟବସରେ ଭଦ୍ରମହିଳା ଭାଇସ୍‌ପ୍ରେସିଡେଣ୍ଟ ନିଶାର ପ୍ରାବଲ୍ୟରେ ଖନି ଲାଗୁଥିବା ସ୍ୱରରେ କହିଲେ - ଆଉ ପନିର ଟିକା ଆଣି ପ୍ଲେଟରେ ଦେବି କି ସାର୍ ?

ମିଷ୍ଟର ମୟଙ୍କ କହିଲେ - ନା, ଧନ୍ୟବାଦ ।

ତେବେ ଆଉ କଣ ଦେବି କୁହନ୍ତୁ ?

କିଛି ପ୍ରତ୍ୟୁତ୍ତର ନ ଦେଇ ପୁଣି ନିଜ ସ୍ମୃତିର ଫାଣ୍ଟାସିରେ ମଜ୍ଜିଗଲେ - ଇୟେ କ'ଣ ସେଇ ଶ୍ୱେତଗନ୍ଧା ଯିଏ ସ୍କୁଲରେ ଧ୍ରୁବସାର୍‌ଙ୍କ ମଞ୍ଜୁଆତି ଛଡ଼ିର ପାହାର ମୋ ପିଠିରେ ଲୋଳା ବସାଉଥିବା ସମୟରେ କାନ୍ଦ କାନ୍ଦ ହେଇ ଆହତ ଶ୍ୱେନ ଭଳି କୁଁ କୁଁ ହେଇ ମୋତେ ଚାହିଁଥିଲା !!! ଏତକ ଭାବୁଭାବୁ ମିଷ୍ଟର ମୟଙ୍କ ମୁହଁରୁ ଝଳକାଏ ହସର ପବନ ବାହାରିଗଲା । ହଁ ପରା ମୋ ବଦମାସୀ କଣ ସ୍କୁଲରେ ବାଡ଼ବତା ମାନୁଥିଲା କି ?

ଥରେ କୁନି କୁନି କଙ୍କଡ଼ା ବିଲରୁ ଆଣି ମୋତେ ଆମ ଗାୟାଳଟୋକା ରଙ୍କ ଦେଇଥିଲା । ସେଗୁଡ଼ିକୁ ଗୋଟିଏ ବାଣିରେ ଛନ୍ଦାଛନ୍ଦି କରି ବାନ୍ଧି ବସ୍ତାନି ପାଖରେ ଥୋଇଥିଲି । ସେମାନେ ରାତିରେ ମୋ ଶୋଇବା ପରେ କେତେବେଳେ ମୋ ବସ୍ତାନି ଭିତରକୁ ପଶି ଯାଇଥିଲେ, ମୋତେ ବିଲକୁଲ ଜଣା ନଥିଲା । ସକାଳୁ ବସ୍ତାନି କାନ୍ଧରେ ଝୁଲାଇ ସିଧା ସ୍କୁଲ ଚାଲିଗଲି ।

କିନ୍ତୁ ମୋର ଦୁର୍ଭାଗ୍ୟ ଯେ କ୍ଲାସରେ ବସିଥିବା ସମୟରେ ବାଣିରେ ବନ୍ଧା କଙ୍କଡ଼ାଗୁଡ଼ାକ ମୋ ଅଜାଣତରେ ବସ୍ତାନିରୁ ବାହାରି ପାଖରେ ବସିଥିବା ସାଙ୍ଗ ଭୀମା ଶୁକୁଳର ଜଙ୍ଘ ଉପରକୁ ଚଢ଼ି ଯାଇଥିଲେ । ସେ ହାଉଳମାଉଳ ହେଇ ଏମିତି ରଡ଼ିକଲା ଯେ ପୂରା କ୍ଲାସଟା ହସରେ ହୁଲୁସ୍ଥୁଲ ହେଇ ଉଠିଲା । ତାପରେ ଧ୍ରୁବସାର୍‌ଙ୍କୁ କିଏ ସମ୍ଭାଳେ ! ବାପରେ ବାପ ଯେଉଁ ମାଡ଼ ସେଦିନ ମୋ ଉପରେ !

ଇତ୍ୟବସରେ ଭଦ୍ର ମହିଳା ଭାଇସ୍‌ପ୍ରେସିଡେଣ୍ଟ ଶୂନ୍ୟ ମଦଗ୍ଲାସ ହାତରେ ଧରି ବାରଡେସ୍କ ଆଡ଼କୁ ଯିବା ପାଇଁ ଛିଡ଼ାହେଲେ କିନ୍ତୁ ନିଜର ବେଲେନ୍ସ ସମ୍ଭାଳି ନ ପାରି ପାଖ ଚେୟାରରେ ବସିଥିବା ମିଷ୍ଟର ମୟଙ୍କ ଦେହରେ ସାମାନ୍ୟ ଘଷି ହେଇଗଲେ, ଅବଶ୍ୟ ଅଜାଣତରେ । ସରି ସାର କହି ସେ ଟଳଟଳ ପାଦରେ ଚାଲିଗଲେ । କିଛି ସମୟ ପରେ ପୁଣି ଗୋଟେ ପେଗ୍ ଗ୍ଲାସରେ ଧରି ମିଷ୍ଟର ମୟଙ୍କଙ୍କ ପାଖ ଚେୟାର ବସିଯାଇ ଗୋଟିଏ ଲେଖାଏଁ ସିପ୍ ନେବାକୁ ଲାଗିଲେ ।

ଏଥର ମିଷ୍ଟର ମୟଙ୍କ ନିଜକୁ ଆଉ ସମ୍ଭାଳି ନପାରି ଗମ୍ଭୀର ସ୍ୱରରେ କହିଲେ - ମାଡାମ, ଆଉ ନ ପିଇଥିଲେ ହେଇନଥାନ୍ତା, ତା'ବାଦେ ନିଜର ବୟସକୁ ଟିକେ ଦେଖନ୍ତୁ, ନିଶ୍ଚିତ ଆପଣଙ୍କ ବୟସ ଏବେ ଚଉଷଠି ହେବ, ନୁହେଁ କି ?

ଭଦ୍ରମହିଳା ଭାଇସ୍‌ପ୍ରେସିଡେଣ୍ଟ ଚମକିପଡ଼ିଲେ, ହାତରୁ ଗ୍ଲାସଟା ଟେବୁଲ ଉପରେ ଟଣ୍‌କିନା ଖସି ପଡ଼ିଲା । ତାଙ୍କର ଚରିଯାଉଥିବା ନିଶା ଉପରେ ସତେ କିଏ ଶକ୍ତ ବ୍ରେକ୍ ମାରିଦେଲା । ସେ ବିସ୍ମିତ ସ୍ୱରରେ ପଚାରିଲେ - ସାର ଆପଣ କେମିତି ମୋର ବୟସ ଚଉଷଠି କହିପାରିଲେ ?

ମିଷ୍ଟର ମୟଙ୍କ କହିଲେ - ଆପଣଙ୍କ ବାଁ ହାତର ଚିତାକୁଟା ଶ୍ୱେତଗନ୍ଧା ନାଁ ମୋତେ କହିଦେଲା ଯେ ଆପଣ ମୋ ଠାରୁ ବୟସରେ ଛଅ ମାସ ବଡ଼ ?

ନୋ.. ନୋ.... ସାର୍ । ୟୁ ଆର ଆବସ୍ଲ୍ୟୁଟିଲି ରଙ୍ଗ । ମୋତେ ତ ଏଇନେ ଜମାରୁ ଚାଳିଶ ବର୍ଷ । ତେବେ ମୁଁ କଣ ଚଉଷଠି ବର୍ଷିଆ ଲେଡ଼ି ଭଳି ଦେଖାଯାଉଛି ? ଭଦ୍ରମହିଳା ବିରକ୍ତି ମିଶା ଚାପା ସ୍ୱରରେ କହି ଉଠିଲେ ।

ମିଷ୍ଟର ମୟଙ୍କ ଈଷତ୍ ହସି କହିଲେ - ଆପଣ ନିମାପଡ଼ା ଗୋପର ଶ୍ୱେତଗନ୍ଧା ମହାନ୍ତି ନୁହଁନ୍ତି ତ ?

ନୋ.... ନୋ....ସାର୍, ମୋ ନାଁ ଶ୍ୱେତଗନ୍ଧା ସାମନ୍ତସିଂହାର । ମୋ ଘର ବଲାଙ୍ଗୀର । ମୋ ସ୍ୱାମୀ ଏବେ ବିଧାନସଭାର ଏମେଲେ ଅଛନ୍ତି ।

ମିଷ୍ଟର ମୟଙ୍କ ଏ ପର୍ଯ୍ୟନ୍ତ ଜାବୁଡ଼ି ଧରିଥିବା ପଚାଶବର୍ଷର ସ୍ମୃତି ଭିତରୁ ହଠାତ୍ ଛିଟିକିପଡ଼ିଲେ । ଅନୁଭବ କଲେ ସତେ ଯେମିତି କିଏ ତାଙ୍କ ମୁଣ୍ଡକୁ ପାହାରଟିଏ ଦେଲା । ତାଙ୍କ କପାଳରେ ବିନ୍ଦୁବିନ୍ଦୁ ଝାଳ । ଢକଢକ କରି ଗ୍ଲାସେ ପାଣି ପିଇଗଲେ । ରୁମାଲରେ କପାଳକୁ ପୋଛି ଭାବୁଥିଲେ – ବାପ୍‌ରେ ବାପ୍ କେଡ଼େ ବଡ଼ ଭୁଲ କରିଦେଲି, ଆହୁରି କ'ଣ କହିଦେଇଥାନ୍ତି । ଯାହାହେଉ ଈଶ୍ୱର ମୋତେ ରକ୍ଷା କରିଦେଲେ, ନହଲେ ଆହୁରି ଅପମାନିତ ହେଇଥାନ୍ତି ।

ମିଷ୍ଟର ମୟଙ୍କ ଅନୁତପ୍ତ କଣ୍ଠରେ କହିଲେ - ମାଡାମ, ମୋତେ କ୍ଷମା କରିବେ । ମୋ ସ୍କୁଲର ସାଙ୍ଗ ଶ୍ୱେତଗନ୍ଧା ବୋଲି ଆପଣଙ୍କୁ ଭାବି ନେଇଥିଲି । ଅବଶ୍ୟ ମୋର ସମୟ ଜ୍ଞାନଟା ଏଇ କିଛି ସମୟ ଭିତରେ ଜିରୋ ହେଇ ଯାଇଥିଲା, ସତରେ ମୁଁ ସଚେତନତା ହରେଇ ବସିଥିଲି ।

ଭଦ୍ର ମହିଳା ଭାଇସ୍‌ପ୍ରେସିଡେଣ୍ଟ ହସି ହସି କଣ କହିବାକୁ ଉଦ୍ୟତ ହେଉଥିବାବେଳେ ଜିରୋ ନାଇଟର ଆଗମନ ଯୋଗୁ କନଭେନସନ କକ୍ଷ ଖୁବ୍ ଅନ୍ଧାରୁଆ ଦେଖାଗଲା ଏବଂ ଜିରୋ ପାୱାର ବଲର ସ୍ତିମିତ ଆଲୋକରେ ନାଚଗୀତରେ ମସଗୁଲ ନିଶାଗ୍ରସ୍ତ ମଣିଷମାନଙ୍କର ଛାଇଗୁଡାକ କାନ୍ଥରେ ଜୀବନ୍ତ ଟଳମଳ ଛବି ହେବାକୁ ଲାଗିଲେ । ଏତେ ହଟ୍ଟଗୋଳ ଯେ କେହି କାହାର କଥା ଶୁଣିବା ମୁସ୍କିଲ । ଜିରୋ ନାଇଟଟା ସତରେ କୂଳ ଲଘି ଓ ଦିଗ ହରାଇ କେବଳ ବୋହି ଯାଉଥିଲା ଆଉ ଗୋଟିଏ ନୂଆ ସମୟକୁ ।

ମିଷ୍ଟର ମୟଙ୍କ ସେଇ  ଅନ୍ଧାର ଭିତରେ ଚୁପକିନା ହୋଟେଲର ନିଜ ରୁମକୁ ପଳାଇଆସିସାରିଥିଲେ । କେମିତି ରାତି ପାହିବ, ବଡ଼ି ସକାଳୁ ମୁମ୍ବାଇ ଫ୍ଲାଇଟ ଧରିବେ !

କିନ୍ତୁ ଜଣେ ମଦଗନ୍ଧା ନାରୀକୁ  ଶ୍ୱେତଗନ୍ଧା ବୋଲି ଭୁଲ ଭାବିଥିବାରୁ ମିଷ୍ଟର ମୟଙ୍କ ନିଜକୁ ଆଦୌ କ୍ଷମା ଦେଇ ପାରୁନଥିଲେ । ତଥାପି ସେ ଖୁବ ଆଶ୍ୱସ୍ତ ଏଇଥିପାଇଁ ଯେ ଭଲପାଇଥିବା କଢ଼ିଟି କେବଳ ଭଲପାଇବାର ଫୁଲ ହିଁ ହେବ । ଶ୍ୱେତଗନ୍ଧା କେବେ ବି ମଦଗନ୍ଧା ହେଇପାରିବନି ।

ꝏꝏꝏ

**ମନୋଜ କୁମାର ମହାପାତ୍ର,** ଭୁବନେଶ୍ୱର । ସମ୍ପାଦକ ନିତିଦିନ, ନନ୍ଦିକା, ଓ ଉଭିଷ୍ଟତ । ପ୍ରକାଶିତ ପୁସ୍ତକ ସଂଭାର: ୧୨'ଟି ଅନୁବାଦ ପୁସ୍ତକ, ୯'ଟି ଉପନ୍ୟାସ, ୭'ଟି ଜୀବନୀ, ୫'ଟି ଗଳ୍ପ ସଂକଳନ, ୪'ଟି ଶିଶୁ ସାହିତ୍ୟ ପୁସ୍ତକ, କବିତା ସଂଗ୍ରହ । ଏହା ସହ ଅନେକ ସାମ୍ପ୍ରତିକ, ଆଧ୍ୟାତ୍ମିକ ଓ ଅନ୍ୟାନ୍ୟ ବିଷୟରେ ନିୟମିତ ପ୍ରବନ୍ଧ ଲେଖନ୍ତି । ବହୁ ସାମାଜିକ, ସାରସ୍ୱତ ଓ ଆଧ୍ୟାତ୍ମିକ ସଂସ୍ଥାମାନଙ୍କ ସହ ଜଡ଼ିତ ।  www.manojmahapatra.in

ꝏꝏꝏ

# ହୋଲି

SRUJAN
The Creativity Journal
Srujan ISSN 2976-9329

## ନରେଶ ଚନ୍ଦ୍ର ସାହୁ

ମନଟା ଭାରି ଉଚ୍ଚାଟ ହେଉଛି
ରଙ୍ଗ ପିଚକାରିରେ ରଙ୍ଗ ଭରି
ରଙ୍ଗିନ ହେବାକୁ ଇଚ୍ଛା ହେଉଛି
କପାଳରେ ଫଗୁ, ମୁହଁସାରା ରଙ୍ଗ ମାଖି
ନିଜକୁ ନିଜଠୁ ଅପରିଚିତ ହେବାର ଇଚ୍ଛାଟା
ପ୍ରଖର ହେଉଛି।

କୁନ୍ଥୁକୁନ୍ଥୁ କିଆଁ ହେଉଛ !
ହଁ, ନାଇଁର ଦୋଛକିରେ କିଆଁ ପେଷି  ହେଉଛ,
ମୋ କଥା ମାନ -
ବାହାରି ଆସ ସଅଳ ସଅଳ
ଯେତେ ଶୀଘ୍ର ରଙ୍ଗରେ ରଙ୍ଗାୟିତ ହେବ
ଦୁନିଆଁ ଭୁଲିଯିବ କେତେ ଗୋଟି ଚୁଟି ତୁମର
ଧୂସର ଥିଲା,
ରୁଢ଼ଭର୍ତ୍ତି ଗାଲରେ କେତେ ଖଣ୍ଡ ଭାଙ୍ଗ ପଡ଼ିଥିଲା
ବିଷାଦଗ୍ରସ୍ତ ମନ, ଜରାଜୀର୍ଣ୍ଣ ଶରୀରର ଟେର୍
କେହି ପାଇବେନି।
କହିପାର, ରଙ୍ଗର ଏ ଗୋଟେ ଅବଗୁଣ !
କିନ୍ତୁ ହୋଲି ରଙ୍ଗ ଥରେ ମାଖି ହେଲେ
ବାଳୁତ, ବୃଦ୍ଧର ପାର୍ଥକ୍ୟ ଜଣା ଇ ପଡ଼ିବନି ।

ଫଗୁଣ ପଶିଲେ ସବୁଠି ରଙ୍ଗ ଲେସି ଯାଏ
କୃଷ୍ଣଚୂଡ଼ାରେ ରୋଷଣି ଲାଗେ
ପଳାଶ ବଣରେ ନିଆଁ ଲାଗେ
ପ୍ରେମିକ କୋଇଲି କଣ୍ଠରେ ବିରହ ସଙ୍ଗୀତ
ଗଛବୃଚ୍ଛର ଶ୍ୟାମଳିମାରେ ଧରଣୀ ଉଲ୍ଲସିତ
ବାସନ୍ତୀ ପବନର ମାଦକ

ଆମ୍ର ବଉଳର ମହକ ଉଚ୍ଚାଟିତ କରେ
ଅନତି ଦୂରରେ ପତ୍ରରହିତ ପ୍ରସ୍ଫୁଟିତ
ଶିମିଳି ଗଛର ଦୃଶ୍ୟ ଆତ୍ମହରା କରେ।

ସେ'ଦିନସବୁ ଜଳ ଜଳ
ଦୋଳ ଆସୁଛି ବୋଲି ମନ, ମୁନ ଚଳଚଞ୍ଚଳ
ବ୍ରାହ୍ମଣଗାଁ ଦୋଳ ମଣ୍ଡପ ଚୂନଧଉଳା ଆରମ୍ଭ
ହେଲେ
ହୋଲି ପାଖେଇ ଆସିଲା ବୋଲି ପ୍ରତ୍ୟୟ ହୁଏ
ମିଶ୍ରସାହି ବ୍ରଜକିଶୋର ଜୀଉଙ୍କର ବିମାନ
ଭାଡ଼ିରୁ ବାହାରି ରଙ୍ଗହେଲେ ମନ ଉଚ୍ଛନ୍ନ ହୁଏ
ଆଉ ଡେରି ନାହିଁ,
ହୋଲି ଆସିଗଲା ବୋଲି ସ୍ପଷ୍ଟ ହୁଏ ।
ଗାଁରୁ ଗାଁ ବିମାନସବୁର ଭଉଁରି
ଢୋଲ, ଘଣ୍ଟ, ମୃଦଙ୍ଗର ତାଳରେ
ରାଧାକୃଷ୍ଣଙ୍କର ଚାଚେରି
ପାଲା, ଦାସକାଠି, ଚଢ଼େଇ ନାଚ, ସୁଆଙ୍ଗ
ଦୋଳ ଯାତରାକୁ ସର୍ବାଙ୍ଗସୁନ୍ଦର କରେ ।

ଦୋଳ ଏକ ପର୍ବ ନୁହେଁ ତ, ଜୀବନଧାରା
ଫଗୁ ଓ ଫଗୁଣ ଆଣେ ଅସରନ୍ତି ଆନନ୍ଦ ପସରା
ଫୁଲଭର୍ତ୍ତି ବିମାନ, କାରୁକାର୍ଯ୍ୟପୂର୍ଣ୍ଣ ତୋରଣ
ବାଙ୍କ ବିହାରୀଙ୍କର ଦିବ୍ୟ ଦର୍ଶନ
ମେଲଣ ପଡ଼ିଆରେ ଆତସବାଜି ଓ ସଂକୀର୍ତ୍ତନ
ବିବଶତାକୁ ପରିହାର କରେ ।

ଦୋଳ ଯାତରାରେ ଅମୂଲ୍ୟ ସାହୁର କାକରା
ରମଜାନ୍ ମିଆଁର ମନୋହରୀ

ଅମ୍ବିକା ଚାଟ୍, ଗୁପ୍ ଚୁପ୍, ଘୁଗୁନିର ପସରା
ଉଚ୍ଚାଟିତ କରେ
କବିତା ପାଠ, ବନ୍ଧୁମିଳନ, ପ୍ରୀତିଭୋଜନ
ଦୋଳୋତ୍ସବକୁ ଆକର୍ଷଣୀୟ କରେ ।

ହୋଲିର ରଙ୍ଗରେ ସବୁ ଏକାକାର ହୁଏ
ବାଳୁତ, ବୃଦ୍ଧ, ଜାତି ଓ ଗୋତ୍ର
ରଙ୍ଗ ଭରିଯାଏ ଦେହ, ମନ ସର୍ବତ୍ର
ପ୍ରୀତି ଓ ଶୁଭେଚ୍ଛାରେ ମହମହ ପରିବେଶ
ଆନନ୍ଦର ଫୁଆରାରେ ପରିପୂର୍ଣ୍ଣ ଗ୍ରାମ, ଦେଶ ।

ଆଉ ଭାବୁଛ କଣ ?
ଆସ ନା -
ଉଠାଅ ସେ ରଙ୍ଗ ପିଚକାରି
ବୋଳି ଦିଅ ରଙ୍ଗ ଯେତେ ବିଳମ୍ବ ନ କରି
ଆଉ ଟିକେ ପାଖେଇ ଆସ
ମୁଁ ବି ବୋଳି ଦିଏ
ନାଲି, ନେଳି, ପୀତ, ଗୋଲାପୀ ଫଗୁ
ହର୍ଷ, ଉଲ୍ଲାସରେ ମନ ନିର୍ମଳ ଆନନ୍ଦ ଲଭୁ
।।।।

ထထထ

# ଦୁଃଖ

Srujan ISSN 2976-9329

## ନରେଶ ଚନ୍ଦ୍ର ସାହୁ

ଆ ଦୁଃଖ, ଆହୁରି ପାଖକୁ ଆ
ତୋତେ ନିବିଡ଼ ଭାବେ ଜକେଇ ଧରେ
ବୋକ ପରେ ବୋକ ଦେଇ ଆକ୍ତାମାକ୍ତା କରେ
ତୋତେ ଜାବୁଡ଼ି ଧରି ଜୀବନ ଜିଇଁବାର
ସୂକ୍ଷ୍ମକଳାକୁ ଉଖାରେ ।

ତୋତେ ଯେତେ ଧିକ୍କାର କଲେ ବି ତୋର
ଖାତିର ନାହିଁ
ଯେତେ ଅପମାନିତ, ଅଶ୍ରଦ୍ଧା କଲେ ବି
ସେଥିକୁ ତୋର ନଜର ନାହିଁ
ସଚ୍ଚା ବନ୍ଧୁପଣିଆର ମୂର୍ତ୍ତିମନ୍ତ ପ୍ରତୀକ ତୁ
ନିବିଡ଼ ଭଲ ପାଇବାର ଚରମ ନିଦର୍ଶନ ତୁ।

ଦୁଃଖ ସହ ବନ୍ଧୁତା ଆଜିକାଲିର ନୁହେଁ
କୁଆଁ ଶବ୍ଦଠାରୁ ତା ସହ ଆତ୍ମୀୟତା
ଜୀବନ ଥିବା ଯାକେ ବନ୍ଧୁତାର ହାତ
ବଢ଼ଉଥିବ ବୋଲି
ରାଣ ବି ଖାଇଛି ଦୁଃଖ।

ପ୍ରଥମେ ପ୍ରଥମେ ବୁଝି ପାରୁ ନ ଥିଲି
ଲୋକେ ଯେତେ ବୁଝେଇଲେ ବି
ଦୁଃଖ ବନ୍ଧୁଟିର ରୂପ ବାରି ପାରୁ ନ ଥିଲି।
ସେଦିନ କିନ୍ତୁ ସେ ଆସିଲା
ମୁଣ୍ଡରେ ହାତ ରଖି ଅନେକ ଗପିଲା
ତାର ଚିରଶତ୍ରୁ ସୁଖ ଉପରେ ଅନେକ ବର୍ଷିଲା
କେବେ ସୁଖ ପାଖ ନ ମାଡ଼ିବାକୁ ସତର୍କ
କରେଇ ଦେଲା।

ତା ସହ ଗପିବା ଭିତରେ ଯାହା ମନେଅଛି--
ସେ କୁଆଡ଼େ ମଣିଷକୁ ଶକ୍ତ କରେ
ବିପଦରେ ଅଧୈର୍ଯ୍ୟ, ଆନନ୍ଦରେ ଆତ୍ମହରା
ନ ହେବା ପାଇଁ ସତର୍କ କରେ
କଷଟି ପଥରରେ ମାନବିକତାର
ପରଖକରେ ।
ତା ବିନା ସୁଖର ଅସ୍ତିତ୍ୱ ନାହିଁ
ସଫଳତା, ବିଜୟ, ଆନନ୍ଦର ଅନୁଭବ ନାହିଁ
ସେ ଅହଙ୍କାରୀର ଶେଷକଥା
ପରାକ୍ରମୀର ମୁଣ୍ଡବ୍ୟଥା
ଗୁଣୀ, ଜ୍ଞାନୀଙ୍କର ସାରବତ୍ତା।

ଖୁବ ଧମକେଇଲା ଦୁଃଖ ସେଦିନ
ତା ସଙ୍ଗଛଡ଼ା ହେଲେ ସେ ଆହୁରି ନିବିଡ଼
ହେବ
ତାକୁ ଭୁଲିବାକୁ ଚେଷ୍ଟାକଲେ ପରଛାଇ ହେଇ
ରହିବ
ଯେତେ ଧିକ୍କାର କଲେ ସେ ସେତିକି
ଆପଣାର ହେବ ।

ମୋ କଥା ତେବେ ଶୁଣିରଖ ଦୁଃଖ-
ଘୁଞ୍ଚିଆ ଆଉଟିକେ ପାଖକୁ
ତୋ କାନରେ କଥାଟିଏ କହେ ।
ତୋ ତୋଡ଼କୁ ମୋର ଡର ନାହିଁ
ତୋ ନାଲି ଆଖିକୁ ମୋର ନିଘା ନାହିଁ
କାହିଁକି ଜାଣିଛୁ --
ମୁଁ ଭଲକି ବୁଝିଛି
ଯେ ଆସିଛି ସେ ଯିବ
ଯେ ଜନ୍ମିଛି ସେ ମରିବ
ଯେ ତାରୁଣ୍ୟକୁ ଉପଭୋଗିଛି,
ସେ ବାର୍ଦ୍ଧକ୍ୟ ବି ଭୋଗିବ
ଖାଲି ସେତିକି ନୁହେଁ
ରାତି ପାହି ସକାଳ ହେଲା ପରି
ଦୁଃଖକୁ ବି ସୁଖ ପାଇଁ ରାସ୍ତା ଛାଡ଼ିବାକୁ
ପଡ଼ିବ ।

ଓଓଓ

# ମା

Srujan ISSN 2976-9329

## ନରେଶ ଚନ୍ଦ୍ର ସାହୁ

ତା କଥା କୋଉ ବର୍ଣ୍ଣି ହୁଏ
ନା ଲେଖି ଶେଷ କରି ହୁଏ
ସେ ଏକ ଅସରନ୍ତି ଉପନ୍ୟାସ
ଚଳତ୍ କ୍ଷମ ଶାଳଗ୍ରାମଟିଏ ।
ତାକୁ ବୁଝିବାକୁ ଯନ୍ତ୍ର ଜନ୍ମି ନାହିଁ
ତାକୁ ମାପିବାକୁ ମାପକାଠିର କଳନା
କରାଯାଇ ନାହିଁ
ତାର ବିକଳ୍ପର ସର୍ଜନା ଚିନ୍ତା କରାଯାଇ ପାରି
ନାହିଁ ।
ସେ ଅକଳନୀୟ, ସଦା ଅବର୍ଣ୍ଣନୀୟ,
ଅଲଙ୍ଘନୀୟ, ଚିର ରହସ୍ୟମୟ ।

ବହୁରୂପୀ ସେ !
କେବେ ପାହାଡ଼ ପରି ଅବିଚଳ, ତଟିନୀ ପରି
ଛଳଛଳ
ଅରଣ୍ୟ ପରି ଦୁର୍ଗମ, ଉଦ୍ୟାନ ପରି
ମନୋରମ
ପଥର ପରି କଠୋର, କାଦୁଅ ପରି କୋମଳ
ଦିନକର ପରି ତେଜୋଦୀପ୍ତ, ନିଶାକର ପରି
ଆଭାସିକ୍ତ ।
କେବେ ଖଡ୍ଗଧାରିଣୀ କାତ୍ୟାୟନୀ
କେବେ ବାଙ୍ମୟୀ ବିଦ୍ୟାଦାୟିନୀ ।
କେଉଁଠୁ ତା କଥା ଆରମ୍ଭିବି ବୋଲି ମସୁଧା
କଲା ବେଳକୁ
ଭାବନା ଖଣ୍ଡିତ ହୁଏ
ଶବ୍ଦସବୁ ଷଡ଼ଯନ୍ତ୍ର କରିବସନ୍ତି ।

ସାମ୍ନାରେ ଶଯ୍ୟାଶାୟୀ ମା ।

ଧିରେ ଧିରେ ହରେଇ ବସୁଛି
ଶ୍ରବଣ ଶକ୍ତି, କଥନୀ ଶକ୍ତି, ଦୃଷ୍ଟି ଶକ୍ତି
ଗଳା ଠଉରେଇ ଲୋକ ଚିହ୍ନିବାରେ
ପାରଙ୍ଗମ ମଣିଷଟା
ଏବେ ଖାଲି ବିଳିବିଳେଇ ହେଉଛି।
ଅସହାୟ ହେଇ ପଡ଼ିଛି ଡାକ୍ତରୀ ପରାମର୍ଶ
ରାଶି ରାଶି ଔଷଧ ଡବା ।
ଦୂରରେ ରହୁଥିବା ପୁଅଟା ଗାଁକୁ ଆସୁଛି
ଖବରରେ
ବ୍ୟତିବ୍ୟସ୍ତ ହେଇ ପଡୁଥିବା ମଣିଷଟା
ଆଜି ନିର୍ବିକାର, ନିସ୍ତବ୍ଧ, ନିଥର ।

ହାଡ଼େ ହାଡ଼େ ଜଗି ରହୁଥିଲା ମା ।
ପୁଅର ପାଦରେ କଣ୍ଟାଟେ ଲାଗିଲେ
କଣ୍ଟାର ବଉଁଶ ଉଦ୍ଧାର କରିଦେଉଥିଲା
ପୁଅ ଦେହରେ କେହି ଟିପ ମାରିଦେଲେ
ବୁଢ଼ୀ ଅସୁରୁଣୀ ସାଜୁଥିଲା
ଧିଅ ପା' ଖରାପ ବେଳେ, ଦିଅଁଙ୍କ ନିଦ
ହଜେଇ ଦେଉଥିଲା ।
ସେଦିନ ଦଉଡ଼ିଥିଲା ମା ଗାଁ ମହାଜନ
ପାଖକୁ
ଅତି ଆପଣାର କାନଫୁଲ ହଳକ ନେଇ ।
ପୁଅ ପାଇଁ ରଖିଥିବା ମାନସିକ ଖର୍ଚ୍ଚ ପାଇଁ
ନିଉଛୁଣା କାନଫୁଲ ହଳକର ଗୁରୁତ୍ୱ କେତେ
ବା !

ତା ପଣତକାନି ମୋ ପାଟ ଶିରପା
ତା ତୁଣ୍ଡର ବାଣୀ ମୋ କାବ୍ୟ କବିତା
ତା ଅଭୟ ହାତ ମୋ ପାଶୁପତ
ସେ ହିଁ ଟାଣିଛି ମୋ ଦିଶା, ଦିଗନ୍ତ
ତା ନିର୍ଦ୍ଦେଶନାମା ମୋ ଚିନ୍ତା ଚୌହଦି
ମୋର ଗତ, ଆଗତ, ବର୍ତ୍ତମାନର
ଆଡୁଆଳରେ ସିଏ ହିଁ ସିଏ ।

ଛାତିଟା କୋରି ହେଇ ଯାଉଛି
ଦଶଦିଗ କୁହୁଡ଼ିମୟ ଲାଗୁଛି

କିଛି ଦେଇଛି କି ତାକୁ ?
କିଛି ବି କିଛି ଦେବାର ମନେ ପଡୁନାହିଁ
ନେବାର ତାଲିକା ଏତେ ଲମ୍ବା ଯେ
କଣ ନ ନେଇଛିର ହିସାବ ଖୋଜି ପାଉନାହିଁ ।

ପାପମନକୁ ଅନେକ ଶଙ୍କା ଘାରୁଛି
ମା ମୋର !
ଆଖି ଖୋଲି ମୋତେ ଦେଖୁ ବୋଲି
ବିଭୁଙ୍କ ଶ୍ରୀ ରଙ୍ଗାଚରଣେ ବିନତି କରୁଛି

ooo

ନରେଶ ଚନ୍ଦ୍ର ସାହୁ, ଓଡ଼ିଆ ଗଳ୍ପ ଓ କବିତା ଲିଖନରେ ରୁଚି ରଖନ୍ତି । ଅନେକ ଗଳ୍ପ ଓ କବିତା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଓ ଆକାଶବାଣୀ, କଟକ ଦ୍ୱାରା ପ୍ରସାରିତ । ଲେଖକଙ୍କ ପ୍ରକାଶିତ କବିତା ସଂକଳନ "ସମୟ ହେଲେ ପଢ଼ିବ" । ସମ୍ପ୍ରତି ଲେଖକ ଭାରତୀୟ ଷ୍ଟେଟ ବ୍ୟାଙ୍କ, କୋଲକାତାରେ କାର୍ଯ୍ୟରତ ।

ooo

# Who art thou

Srujan ISSN 2976-9329

## Jyotsna Mohanty

Thy Beauty!
There is nothing with which
it can be compared.
Wherever my eyes glance
I only see
An infinitesimal manifestation
Of it.
This radiating peace
Is immaculate and indescribable.
It enchants all that is,
Hearts and infinity.
Thy Love!
It is beyond all expression.
It is the source of all creation.
Dispelling all sorrows,
Scattering all gloom,
It is bliss it brings
To all things.
Thy Grace!
It knows no bounds.
From the minutest speck
To the immensities of Space
Over all it spreads
Its absolute, all-embracing charm
It holds everything
In its embrace.
But who art Thou or what?
Grace! Love! Beauty!
Bliss mingled with moonlight!
Or these are but veils
Of something beyond them...
To grasp Thee
I have no skill...
But when Thou comest,
O Mother Divine,
I feel
Thy Beauty, Thy Grace and Thy
Love
Surround me.

∞∞∞

Published initially in Mother India (January 2006)

# True self

Srujan ISSN 2976-9329

## Jyotsna Mohanty

Man or Woman
Monarch or Mendicant
    is not my real self.
I act in all these roles
    in the drama of life.
Name, country, religion
    are the dresses I use,
Prestige, Wealth, Fame are
    only the ornaments.
When that episode is over
    I, soul, am free and boundless.
To carry out the commands
    of the Lord, I come,
It is my work and my Dharma.

I took birth in different bodies
    according to the demand of Nature.
Aeons after aeons come and go...
Everything changes
    with the footsteps of Time.
But the Supreme Truth
    is unchangeable and immortal,
I am a spark of that
    Light Eternal.

∞∞∞

Published initially in Mother India (March-2003)

# Not here

Srujan ISSN 2976-9329

## Jyotsna Mohanty

On the high mountains
    I sought Thee
and in the depths of the sea.

Before my eyes
A mountain opened:
Into a forest of beauty
    Entered I.

Animals and birds.
Green leaves and flowers
With a smile
    They all greeted me.

Such the enchantment,
I wanted to stay
But the soft breeze
In my ear whistled,
    "No dear, It is not here."

I climbed to the high
Kingdoms of snow
Arms of peace
Around me I felt.
Here will I live, thought I.
But the snow-laden wind
Roared to me,
    "No dear, It is not here."

Through the countries I roamed
From temples to masjids and knocked
At every monastery door.
But always the same cry
Echoed back to me,
    "No dear. It is not here."

Into the sea then plunged I.
Its treasures of corals and pearls
It offered to me
And all its denizens round me came
And in its rippling voice said the sea,
"No dear, It is not here."

Back to my own home I came,
And sat all alone:
Even my thoughts
Had abandoned me.

A ray of sudden light
I know not from where,
Came into my heart.

I looked within and saw
A room of delight
Its door ajar...

There I saw Thee
Looking at me.
Thy voice, soft and sweet
I heard
"Look, my dear, I am here."

∞∞∞

Published initially in Mother India (September 2004)

∞∞∞

Jyotsna Mohanty lives in Sri Aurobindo ashram, Pondicherry, and teaches Odia and Maths in Sri Aurobindo International Centre of Education. She writes stories and poems in Odia, English and Sanskrit. Published book: '*Phula kahe mana sune*'. She is also a lyricist, she writes devotional songs about The Mother and Sri Aurobindo. She is available in the YouTube, on the channel @Pabitra Kumar Behera.

∞∞∞

# An ode to --she

Srujan ISSN 2976-9329


## Reshma Sultana


She is a sign of immortality
Carrying bunches of hope and blessings,
She is the semblance of scattered thoughts
In the midnight of driving cloud,

Her love is inevitable
Spilling of quills making you comfortable,

Wherever you go in the track of life
She resides in the corner of heart,

She is the fragrance of each breath
Having oceans of emotions
Which never decay and decline...
∞∞∞

# Eternal love

Srujan ISSN 2976-9329


## Reshma Sultana


My morning is like night,
I want to awake....
With colour of your sight.

The night is passing,
Like the memory is burning

My heart is filled with smoke
Oh birdie,come to my home

My prayers are with you
Like the wind ,
I will keep loving you ....
Even after death,
I will keep belong to you.
∞∞∞

# Longing for someone

SRUJAN
The Creativity Journal
Srujan ISSN 2976-9329

## Reshma Sultana

Someone to be true to me,
Whether near or far apart
Whose love will always be there,
as a treasure in my heart.....

To need a helping hand
Who takes care and understand,
To make me think, laugh and smile
When I am down, picks me up...
If only for a while.....To have someone, in my life.

Listen my silence in a while
You are like a refreshing breeze,
Making sure...I feel at ease.....

Someone like you is like rainbow fair
Who cherish my life with care....

∞∞∞

Reshma Sultana, MA in English, teacher at St. Xavier's senior secondary school, Cuttack. She writes in English, Hindi and Odia language. She believes one can get healed by writing the poems. Published books: Spasms of emotion, *Dil Ka Sukoon_ meri Maa*; Two shades of me

∞∞∞

SRUJAN
The Creativity Journal
Srujan ISSN 2976-9329

# Reminiscence

## Nilamadhab Kar

It's age now, that
I better speak it out
Before I forget…

I had a crush, I think
In tenders years, on someone
Beautiful obviously, and quiet
Gracefully dressed always, every day

Alas, I have forgotten
Her name…, everything almost,
And I don't remember her face
It's just a feeling now,
I think, I had a crush on someone

No, I didn't tell her, nor
To anyone, till today, …
It's only in my heart, in my poems

I didn't know, if she had any feelings
For me, or for anyone else

I'm not sure, if it was a crush after all
Or I am just making it up, trying to remember

But, hey you!
Did you have a crush, on me
Any subtle feeling, even an iota

Let me know, let me know
Speak it up now
Before you forget …

It still matters,
Matters a lot to know,
If someone, someday
Had a soft corner for you
In their heart

If you had a crush,
Speak up, speak up now,
Before you forget it, for ever …
∞∞∞

SRUJAN The Creativity Journal
Srujan ISSN 2976-9329

# Be ready to change

Nilamadhab Kar

Life changes
Mornings change into evenings,
Days to nights

You change,
You grow old,
Wrinkles, freckles, lines, ...

You can't hold on to mornings,
Days or nights
They will change...
Part ways …
For tomorrow's mornings...
For new beginnings...

Times change
You will move on,
Whether ready or not,
One day,
It will be your time, to go,
To say goodbye,
To bid farewell
To all those you love,
Or not …

Be ready to leave,
When the time comes,
To change,
To change into history
A forgettable,
Changeable history
Be ready
Be ready to change

∞∞∞

SRUJAN
The Creativity Journal
Srujan ISSN 2976-9329

# Season of falling leaves

Nilamadhab Kar

A deep blue canvass
With paints of white clouds
Warm sun, idling wind,
Leaves changing colours
With hundred hues
Yellowish, brown, red, deep red,
May be a patch of darkness
Lurking somewhere

A bit of helplessness
With a gentle persuasive breeze
Suggesting as if, it's time
It's time, to go
To take a leap
Bid goodbye and leave

It's time to fall…
To the ground

That's the go
Everybody leaves
Sooner or later
When the time comes
Gradually, slowly or suddenly

It feels, although
Time is never right,
To go

But one has to…
That's the way

Autumn whispers it
Leaves fall
Trees become barren
It's time
Time to go

Until the cycle begins again
But then, it’s time for the new. Not the olds
They can’t stay on, nor do they come back
No one redecorates the earth

You live
As long as your seasons last
Not a day more or less
You walk your life
Whether the ones walking alongside
Are still there or not
You have to walk, live on
Until the season of falling leaves
Begins, for you…

∞∞∞

Prof Nilamadhab Kar MD, DPM, DNB, FRCPsych, writes poetry, and occasionally stories and short essays, in English and Odia. His poems have been published in magazines and anthologies in USA, UK, and India. One of his poems has been awarded 2nd prize in the International Open Poetry Competition for the International Who’s Who in Poetry 2005. Literary publications: a poetry anthology in Odia (*Tama Paain*); two translated poetry books (Reverberation and Tomorrow’s Morning Sun). He has edited a few literary magazines and is on the editorial board of some. He is a psychiatrist; besides clinical work he is actively involved in clinical research and publications.

∞∞∞

# Magazine review

SRUJAN
The Creativity Journal
Srujan ISSN 2976-9329





*Jharana* is a new magazine in Odia, initated in 2024. It is publishing articles from young and established writers, and future issues will include plays, unforgettable Odia poems, interactions with personalities, economics, banking, etc.

Jharana is edited by Manoj Kumar Jena, MA, LLB, CAIIB. He had written 3 short stories books, two books of poems. He has also written about the Lord Jagannath and His temple. He has compiled a book on the memories of his parents. He is also the Executive Editor of the magazine Chir Samarthaa. Prof Sarat Chandra Rath is associated with this magazine, providing directions and suggestions.

# Book review


SRUJAN
The Creativity Journal
Srujan ISSN 2976-9329




*Eeshopanishad vishleshan*. Original Hindi Dr Satyabrata Siddhantalankar. Odia translator and Editor: Birendra Kar. Bhubaneswar, 2024. It is a book on the *Eesha*, the almighty, the only controller of the whole universe, the limitless space pervading everywhere. Other meaning of '*Eesha*' is the only administrator. Upanishad means that leads to the Eternal Truth. There are 18 hymns in it, 17 of which are from the 40$^{th}$ chapter of the Yajurveda, the predictor of human deeds (*Karmakanda*). It gives the knowledge of *Eesha*. There are so many contradicting facts opposing each other; such as it is very tiny (*Aniyan*), and very vast (*Mahiyan*); and it is very near and very far. The ignorance continues the life, but knowledge leads to salvation. Soul has not a physical entity but it bears the impressions of actions and deeds in the whole life. So one should think of what one has done, failed to do, and was supposed to do. Deeds are the pioneer of the next birth, what are to be available to enjoy and how long to survive. These are the gists of this book, 'Eeshopanishad Vishleshan'.

# Book review

Srujan ISSN 2976-9329




Manoj Kumar Mahapatra. Buddha Smiles and Other Stories. Bhubaneswar: Teerataranga publications, 2023.

The book is a compilation of ten short stories written by the author over a period. This is his first English story compilation. Some of these have been published before in magazines and periodicals.

Mr Mahapatra has written over 200 stories and ten novels; besides writing stories, he is also a biographer, translator, poet and essayist. He talks on spirituality, Buddhism and Veda. In his worklife he has managed Human Resources for many corporate organisations.

Srujan: The Creativity Journal
ସୃଜନ: ଦି କ୍ରିଏଟିଭିଟି ଜର୍ଣ୍ଣାଲ

ISSN 2976-9329

# Information about the journal

ସୃଜନ : ଦି କ୍ରିଏଟିଭିଟି ଜର୍ଣ୍ଣାଲ [The Srujan: The Creativity Journal (SCJ) **ISSN 2976-9329]** is an endeavour to showcase creative excellence from Odisha and promote it worldwide. This will include Poetry, Short Stories, Paintings, Photography, Dance, Sculpting and any other creative outputs. It is an attempt to put together the choicest creative articles in Odia Literature and creativity in other artistic expressions linked to Odisha for an international readership; with an aim of propagating, promoting Odia literature and creativity worldwide.

## Articles

Articles of creative writing (poems, short stories, paintings, sculpting, dance, photographs, and other art forms etc.) related to Odisha are included in this International Journal. It is designed to be a multilingual journal. Translations from different languages to Odia and from Odia to other languages (with written permissions from original copy right holder) are also accepted. Articles from authors connected to Odisha who are writing in other languages are also welcome (preferably in English).

Journal also encourages readers to suggest a good piece of creative writing or art of an author or creator to be included in this journal.

## Periodicity

At the moment it is thrice a year: **April, August and December**. The frequency may increase. There is provision of special issues occasionally.

## Publication Ethics

It is important that the authors need to adhere to the publication ethics. If plagiarism or any other unethical practice is brought the notice of the editorial board, a process will be followed and the article will be retracted and the readers will be informed. Readers are encouraged to report plagiarism or any unethical practice to the editorial board. Authors will remain responsible for any conflicts about their submission. Editorial board or the publishers will not have any liability.

## Instruction to authors

### Type of articles

**Poems:** Minimum 3 and up to 5 short poems can be submitted. Shorter poems with less than 20 lines are better.

**Short stories:** Only one short story can be submitted at a time, preferably in around 2000 words or less.

**Painting:** One or more paintings can be presented, along with a write up about the paintings, title, and theme, method of painting and about the painter. High quality JPEG files are needed.

**Photographs:** Artistic photographs can be submitted, one or more at a time, along with a write up about them. Photographs of creative sculptures can also be submitted. Photographs should be in high resolution JPEG files.

**Photographs of dance / dancer / with explanations**

**Photographs of sculptures / sculpting**

**Biography of famous creators in history:** Article on a creative person, detailing their creative achievements, and background can be submitted with relevant photographs. These articles are expected to be no more than 500 words.

**Book and Magazine Reviews:** short write ups up to 200 words with specific information.

### Preparation of the manuscript

Articles should be prepared in MS Word, any editable Font (Unicode font, e.g Kalinga). Please check spellings, and avoid objectionable content. Save the file in **your name and the type of article** (e.g. Ramnath Lenka - Poem)

### Please provide these details

1. Author name* [if you use a pseudonym, please provide actual name, address and phone number]
2. Address: Current place of residence, State/Country*
3. Author biography (around 50-100 words) Example style: Name Surname, Artistry, usual work, … etc. …],* Please make it in one paragraph, to be written in third person providing specific information.
4. Email*
   *[Please note: Articles sent from your email will be considered as your confirmation that it is your original article, and you will be solely responsible for any dispute or copyright violation.]*

5. Phone/WhatsApp (*not to be published*)
6. The details previous publication (if any) of submitted article: name of the magazine/newspaper where published, Year (date). *If published earlier, please ensure that, if needed, you have authority to republish or have written permission from the original publisher / copyright holder to republish.*
7. Title of the article
8. Content of the article
9. If submitting photographs of paintings, sculptures or artistic photography, etc., these should be given in high resolution JPEG files separately. JPEG file names should have the name of the author/contributor.

**Book and Magazine Reviews**

Srujan publishes **Book Reviews** in its issues to popularise books related to Odisha, Odia and translated literary / creative works. Interested authors, editors and publishers may send two copies of the book or an eCopy for review. Along with the book, please send following information by email to srujan.journal@gmail.com: 1 Title of the book: 2. Author full name: 3. Publisher and address: 4. Publication place: 5. Publication year: 6. Book availability: 7. Any Internet link to order the book and 8. Cover page photo of the book in JPEG. In addition any specific points about the book that should be considered for inclusion in review can be mentioned.

Srujan publishes **Magazine Reviews** in its issues to popularise magazines related to Odisha and Odia. Interested Editors and publishers may send two copies of the magazine or an eCopy for review. Along with the magazine, please send following information by email to srujan.journal@gmail.com: 1. Title of the magazine: 2. Full name of Editors: 3. Publisher and address: 4. Publication place: 5. Publication frequency: 6. Any link to order the magazine; 7. Cover page photo of the Magazine in JPEG. Along with these, any specific points about the magazine that should be considered for inclusion in review and article submission email or address can be provided.

***Address to send the books and magazines:***

**Editor, Srujan, 60 Highfield Drive, Epsom, KT19 0AP, London, UK.**

However, if required, the books and magazines can be sent to: Srujan, 130, Ratnakar Bag, Bhubaneswar, 751018, India.

## Submission of articles

**Articles are submitted by email**. srujan.journal@gmail.com or srujan@instituteofinsight.org Communication regarding outcome of the article (acceptance or rejection) will be communicated in a reasonable time frame or within 3-6 months. The scope of additional communication is limited, considering that the project is supported by volunteers.

## Selection process

Some articles are invited. All other submitted articles are subjected to a review process (mostly double-blind / anonymous without the identities of authors or reviewers disclosed). Following review, based on the reviewers' feedback, articles are selected for publication. Editors facilitate the overall process. Articles with objectionable content that may hurt the sentiments are rejected. Articles without adequate info on the 'author instructions' will not be processed further. Please check for spelling mistakes, typographical issues before submission. Editors' decisions are final.

## Copyright

Authors retain the copyright. The articles are published under suitable CreativeCommons License. Authors can submit their articles published in the past, if they hold the copyright, or have written permission from the previous publisher to republish. In the latter case the authors need to provide the written permission from the original copyright holder.

## Open access

The journal is open access. There are no publication fees for the authors; and it is freely available for the readers, with support from the Institute of Insight, UK.

---

## Template / Checklist for submission

**Author contact details:** Author name / Address: place, State/Country, / Email / Phone (not to be published)

**Author biography** (50-100 words) Please provide it in a paragraph. Examples of content (not mandatory) to include: Medium of creative expression, Education, Work, Leisure work, Published book titles, Recognitions / awards, Few lines about your creativity, Few lines about yourself

**Title of article**

**Content of the article**

Photographs for articles (paintings, photographs, sculptures etc.) should be given in high resolution JPEG files separately. File name should have the name of the author/contributor.

**The Institute of Insight, UK**

**[A non-profit organisation]**

The Institute of Insight is a non-profit organisation with an objective to advance education, promote health and creativity to improve quality of life by providing opportunities for lifelong learning, training, appropriate services, research, and publications for the benefit of general public and professionals worldwide.

The Institute is working in partnership with **Quality of Life Research and Development Foundation (QoLReF)** and **Geriatric Care and Research organisation (GeriCaRe)** which are academic and charitable organisations supported by resource persons worldwide.

The Institute of Insight is currently supporting various public education initiatives, research related works and publications. It is contributing to the Healthy Ageing Conference a public education event in India, for elderly people and their caregivers. It sponsors publication of Journal of Geriatric Care and Research, Srujan, The Creativity Journal, which are freely available to general public and professionals.